

## ପ୍ରତ୍ୟାବର୍ତ୍ତନରେ ସେରେନା ନିରାଶ

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-08 ◆THURSDAY ◆02 JULY 2026 ◆PAGE-12 ◆₹ 7.00

JEYPORE

◆ବର୍ଷ-୪୪ ◆ସଂଖ୍ୟା-୦୮ ◆ଗୁରୁବାର ◆୦୨ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଲାଗୁହେଲା 'ଜି-ରାମ୍-ଜି'

## ସର୍ବନିମ୍ନ ମଜୁରି ୩୦୦ ଟଙ୍କା

■ ନୂଆଦିଲ୍ଲୀ, ୧୮ (ଏଜେନ୍ସି): ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ମନରେଗା ବଦଳରେ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ସୁରକ୍ଷା ଅଭିଯାନ ଗ୍ରାମୀଣ ଆଇନ, ୨୦୨୫ (ଭିବି-ଜିରାମ୍‌ଜି) ଆଜିଠାରୁ ସାରା ଦେଶରେ କାର୍ଯ୍ୟକାରୀ କରିଛନ୍ତି କେନ୍ଦ୍ର ସରକାର। ସଂଶୋଧିତ ମଜୁରି ସହିତ ଏହାକୁ ଲାଗୁ କରାଯାଇଛି। ଏଣିକି ଦେଶର କୌଣସି ବି ରାଜ୍ୟରେ ଶ୍ରମିକଙ୍କ ଦୈନିକ ମଜୁରୀ ୩୨୭ ଟଙ୍କାରୁ କମ୍ ରହିବ ନାହିଁ। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଦେଶର ସମସ୍ତ ୩୪ଟି



ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମଜୁରି ହାରରେ ବୃଦ୍ଧି କରାଯାଇଛି। ପୂର୍ବରୁ ଜାତୀୟ ସ୍ତରରେ ହାରାହାରି ଦୈନିକ ମଜୁରି ପ୍ରାୟ ୨୯୮ ଟଙ୍କା ୮୦ ପଇସା ଥିବା ବେଳେ, ଏବେ

### ଇତିହାସ ପାଲଟିଲା ମନରେଗା

ଏହା ବୃଦ୍ଧି ପାଇ ପ୍ରାୟ ୩୨୭ ଟଙ୍କା ୪୦ ପଇସା ହୋଇଛି। ମଜୁରିରେ ହାରାହାରି ପ୍ରାୟ ୨୮ ଟଙ୍କା ୬୦ ପଇସାର ବୃଦ୍ଧି ଘଟିଛି, ଯାହାକି ଶତକଡ଼ା ହିସାବରେ ୧୦ ପ୍ରତିଶତରୁ ଅଧିକ। ଏହି ନୂତନ ନିୟମ ଯୋଗୁଁ ସେହିସବୁ ରାଜ୍ୟଗୁଡ଼ିକ ସବୁଠାରୁ ଅଧିକ ଲାଭବାନ ହେବେ, ଯେଉଁଠାରେ ପୂର୍ବରୁ ବହୁତ କମ୍ ମଜୁରି ମିଳୁଥିଲା। ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ହିମାଚଳ ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ମଜୁରି ହାର ପ୍ରାୟ ୧୫ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅପରପକ୍ଷରେ କେରଳ, ହରିୟାଣା, ପଞ୍ଜାବ ଓ କର୍ଣ୍ଣାଟକ ଭଳି ଧନୀ ରାଜ୍ୟଗୁଡ଼ିକରେ ମଜୁରି ହାର ୩୭୦ ଟଙ୍କାରୁ ଆରମ୍ଭ କରି ୪୦୯ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଆଇନ ମାଧ୍ୟମରେ ବର୍ଷକୁ ଗ୍ୟାରେଣ୍ଟି ସହ ମିଳୁଥିବା କାମର ଅବଧିକୁ ମଧ୍ୟ ୧୨୫ ଦିନକୁ ବୃଦ୍ଧି କରାଯାଇଛି।

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ଚଳିତ ବର୍ଷରୁ ରାଜ୍ୟରେ ମାଗଣା ଶିକ୍ଷା



### 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଉପରେ ମୋହର

### ୫ ବର୍ଷରେ ଖର୍ଚ୍ଚହେବ ୫,୪୬୭.୫୫ କୋଟି ଟଙ୍କା

### ଅର୍ଥ ପାଇଁ କେହି ଶିକ୍ଷାରୁ ବଞ୍ଚିତ ହେବେନାହିଁ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୭ (ସମିସ): ଏଣିକି ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନ ମାଗଣା ଶିକ୍ଷା ପାଇପାରିବେ। ଆଉ ରାଜ୍ୟର ଜଣେ ବି ପିଲା ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ କିମ୍ବା ପାଠପଢ଼ା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକରେ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଉପରେ ମୋହର ବାଜିଥିବା ବେଳେ ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ▶ପୃଷ୍ଠା-୧୦

## ୮ ଲେନ୍ ହେବ ଜୟଦେବ ବିହାର-ନନ୍ଦନକାନନ ରାସ୍ତା

### ୫୭୯ କୋଟି ବ୍ୟୟ ଅଟକଳକୁ ଅନୁମୋଦନ

### ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ ହେବ ନିର୍ମାଣ କାର୍ଯ୍ୟ

### ଗଭୀର ସମୁଦ୍ର ମତ୍ସ୍ୟ ମିଶନ ୨୦୨୬-୨୦୩୬କୁ ମଞ୍ଜୁରି

■ ଭୁବନେଶ୍ୱର, ୧୭ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ ଟି ବିଭାଗର ୧୨ ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏଥିରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳିଙ୍ଗ ଷ୍ଟାଡିୟମ (ଗେଟ୍ ନଂ-୪) ଠାରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ଜୟଦେବ ବିହାର-ନନ୍ଦନକାନନ ରାସ୍ତାକୁ ୮ ଲେନ୍‌କୁ ସମ୍ପ୍ରସାରଣ କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ଏହି ପ୍ରକଳ୍ପରେ ବିଭିନ୍ନ ପ୍ରମୁଖ ଛକରେ ଫ୍ଲାଏଓଭର, ଅଣ୍ଡରପାସ ଓ ଭୂତଳ ପାର୍କିଂ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ମେସର୍ସ ଦୀନେଶଚନ୍ଦ୍ର ଆର୍ ଅଗ୍ରୱାଲ ଇନଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡର ୫୭୯ କୋଟି ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଆଗାମୀ ୨୪ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ପୂର୍ତ୍ତ ବିଭାଗ ଅଧିନରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ▶ପୃଷ୍ଠା-୧୦

## ରାମ ମନ୍ଦିର ଚାନ୍ଦା ଚୋରି

# ପଶିବ ଇଡି, ଆୟକର ବିଭାଗ



### ଷଡ଼ଯନ୍ତ୍ର ଉପରୁ ପରଦା ଉଠୁଛି

### ଟ୍ରଷ୍ଟ ଓ ବ୍ୟାଙ୍କ କର୍ମଚାରୀ ସାମିଲ

### ଅଭିଯୁକ୍ତ ଘରୁ ମିଳିଲା ଦାନବାକ୍ସ

### କୁମ୍ଭମେଳାରେ କୋଟି କୋଟି ଚୋରି

### ବାଥରୁମ୍‌ରେ ଲୁଚାଇଥିଲା ଟଙ୍କା

■ ନୂଆଦିଲ୍ଲୀ/ଅଯୋଧ୍ୟା, ୧୮ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ହୋଇଥିବା ଚାନ୍ଦା ଚୋରି ମାମଲାକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଏହାକୁ ଲୁଟିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିରେ ଟ୍ରଷ୍ଟ କର୍ମଚାରୀଙ୍କ ସହିତ ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ଥିଲେ। ମନ୍ଦିର ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ଏହା ଜାଣିଥିବା ଅଭିଯୁକ୍ତମାନେ ପୁଲିସ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। କୁମ୍ଭମେଳା ସମୟରେ ସବୁଠାରୁ ବେଶି ଚୋରି ହୋଇଛି। ଏହି ସମୟରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇ ଜମି ସହିତ ଅନ୍ୟ କାରବାରରେ ଲଗାଇଛନ୍ତି ଅଭିଯୁକ୍ତ। ଅଭିଯୁକ୍ତଙ୍କର ଏଭଳି ଖୁଲାସା ପରେ ଅର୍ଥ କାରବାର ଅନୁସନ୍ଧାନ ନେଇ ଅସହାୟ ହୋଇପଡ଼ିଛି ପୁଲିସ। ତେଣୁ ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର (ଇଡି) ସହାୟତା ଲୋଡ଼ାଯାଇଛି। ଏହି ଘୋଟାଲାରେ କିଛି ପ୍ରଭାବଶାଳୀ କର୍ମକର୍ତ୍ତା ସାମିଲ ଥିବାରୁ ଇଡିର ସହାୟତା ନିଆଯାଇଥିବା କୁହାଯାଉଛି।

ଏହି ମାମଲାରେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋଳତାଡ଼ ଚଳାଇଛି। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ସ୍ୱୀକାର କରିଛନ୍ତି ଯେ ୨୦୨୫ ମସିହା ପ୍ରାରମ୍ଭରେ ଅନୁଷ୍ଠିତ କୁମ୍ଭମେଳା ସମୟରେ ହିଁ ରାମ ▶ପୃଷ୍ଠା-୧୦

## ଗଣଶିକ୍ଷା ବିଭାଗର ଆଡ଼ବାୟା ନୀତି

# ମନ୍ତ୍ରୀଙ୍କ ମନ୍ତବ୍ୟକୁ କାଟିଲେ ସଚିବ

### ପିଲାଙ୍କୁ ମିଳିବ ତ୍ରୁଟିଶୂନ୍ୟ ନୂଆ ବହି

■ ଭୁବନେଶ୍ୱର, ୧୭ (ସମିସ): ସ୍କୁଲ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ପ୍ରସଙ୍ଗ ଦିନକୁ ଦିନ ଅଧିକ ଜଟିଳ ହେଉଛି। ଗତ ସୋମବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟକୁ ପ୍ରତିକ୍ରିୟା ଦେଇ ପାଠ୍ୟପୁସ୍ତକ ଫେରସ୍ତ ହେବ ନାହିଁ ଓ ସେହି ବହିକୁ ସଂଶୋଧିତ କରି ଶିକ୍ଷାଦାନ କରାଯିବ ବୋଲି କହିଥିଲେ। ମାତ୍ର ଦିନକ ପରେ ଅର୍ଥାତ୍ ଆଜି ବିଭାଗୀୟ ସଚିବ ଏନ୍ ଥିରୁମାଳା ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ଭୁଲ୍ ପ୍ରମାଣିତ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ସଚିବ ବୁଧବାର ଘୋଷଣା କରିଛନ୍ତି। ମନ୍ତ୍ରୀ ଓ ସଚିବଙ୍କ କଥାରେ ତାଳମେଳ ରହୁ ନଥିବାବେଳେ ପିଲାଙ୍କୁ କେବେ ସୁଦ୍ଧା ନୂତନ ବହି ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ପୁସ୍ତକ ଯୋଗାଣ ସମ୍ପର୍କରେ ସଚିବ କହିଛନ୍ତି ଯେ, ଖୁବଶୀଘ୍ର ପିଲାଙ୍କୁ ▶ପୃଷ୍ଠା-୧୦

**ସୋମବାର ପୁରୁଣା ବହି ଫେରସ୍ତକୁ ମନା କରିଥିଲେ ମନ୍ତ୍ରୀ**

**ନୂଆ ମିଳିବା ଯାଏ ତାଳିପକା ବହିରେ ଚାଲିବ ପାଠପଢ଼ା**

**କଟା ଘା'ରେ ଚୂନ**

### ଯେତିକି କୁହାଯାଉଛି, ସେତିକି ଭୁଲ୍ ହୋଇନାହିଁ: ସଚିବ

■ ଭୁବନେଶ୍ୱର, ୧୭ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ତ୍ରୁଟିକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ। ଏହି ପ୍ରସଙ୍ଗ ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଛି। ବିରୋଧୀଦଳଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଏହି ଭୁଲ ପଛରେ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରିଛନ୍ତି। ବିଭାଗୀୟ ସଚିବ ଭୁଲ ଥିବା ସ୍ୱୀକାର କରି ପିଲାଙ୍କୁ ତ୍ରୁଟିଶୂନ୍ୟ ନୂଆ ବହି ଯୋଗାଇବାକୁ ଘୋଷଣା କରିଛନ୍ତି। ମାତ୍ର ବହିରେ ଥିବା ଗୁରୁଚଣ୍ଡାଳ ଦୋଷଗୁଡ଼ିକକୁ ଘୋଡ଼ାଇବା ସହ ଏହା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଘୋଡ଼ାଇବାକୁ ଉଦ୍ୟମ କରିଛନ୍ତି। ଯାହାକି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି। ବହିରେ ଯେତିକି ଭୁଲ ଥିବା କୁହାଯାଉଛି, ବାସ୍ତବରେ ସେତିକି ଭୁଲ ନାହିଁ ବୋଲି ସଚିବଙ୍କ ଟିପ୍ପଣୀ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ଦ୍ଦିଷ୍ଟ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ସଚିବ ଏପରି ମନ୍ତବ୍ୟ ଦେଇଛନ୍ତି ବୋଲି ଅନେକ ଅଭିଯୋଗ କରିଛନ୍ତି।

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା ପକ୍ଷରୁ ବହିରେ ୧୬୭୮ ଟି ତ୍ରୁଟି ଥିବା ସ୍ୱୀକାର କରାଯିବା ▶ପୃଷ୍ଠା-୧୦

## କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ

# ଅଭିଯୁକ୍ତ ଏଚ୍‌ଆଇଭି ପଜିଟିଭ୍

■ ଭୁବନେଶ୍ୱର ୧୭ (ସମିସ): ରାଜଧାନୀର ଏକ କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ଶିକ୍ଷକ ଏଚ୍‌ଆଇଭି ପଜିଟିଭ୍ ବୋଲି ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଛି। ଏହା ପଦାକୁ ଆସିବା ପରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ସତର୍କ ହୋଇଛନ୍ତି। ଅଭିଯୁକ୍ତର ଚିକିତ୍ସା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଓ ଡିସିପିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ।

**କୋର୍ଟ ଓ ପୁଲିସକୁ ଚିଠି ଲେଖିଲେ ଜେଲ୍ କର୍ତ୍ତୃପକ୍ଷ**

ସୂଚନା ଅନୁସାରେ ଜଣେ ୧୭ ବର୍ଷୀୟା ନାବାଳିକା ରାଜଧାନୀର ଏକ କୋଚିଂ ସେଣ୍ଟରରେ ପଢୁଥିବା ବେଳେ ଅଭିଯୁକ୍ତ ଜଣକ ସେଠାରେ ଶିକ୍ଷକତା କରୁଥିଲେ। ପାଠ ପଢ଼ିବା ସମୟରେ ନାବାଳିକାକୁ ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରେମ ନିବେଦନ କରିଥିଲ ଅଭିଯୁକ୍ତ। ପରବର୍ତ୍ତୀ ସମୟରେ ନାବାଳିକାକୁ ପ୍ରେମ ଜାଲରେ ଫସାଇ ବିଭିନ୍ନ ସ୍ଥାନକୁ ନେଇଥିଲେ। ସେଠାରେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ବ୍ଲାକମେଲିଂ କରି ସମ୍ପୃକ୍ତ ନାବାଳିକା ସହ ସେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ଓ ମାନସିକ ନିର୍ଯାତନା ଦେଇଥିଲେ। ▶ପୃଷ୍ଠା-୧୦

# ବିଜୟ ସରକାର ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର!



### ବିଧାୟକଙ୍କୁ ୩୫ କୋଟିର ପ୍ରଲୋଭନ

■ ଚେନ୍ନଇ, ୧୮ (ଏଜେନ୍ସି): ତାମିଲନାଡୁରେ ସୁପରଷ୍ଟାର୍ ବିଜୟଙ୍କ ନେତୃତ୍ୱାଧୀନ 'ଟିଭିକେ' (ତାମିଲିଗା ଭେଟ୍ରି କାଜାଗାମ୍) ସରକାର ଗଠନ ହେବାର ମାତ୍ର ଦୁଇ ମାସ ମଧ୍ୟରେ ଏହାକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର। ବିଧାନସଭାରୁ ଇସ୍ତଫା ଦେବାଲାଗି ଟିଭିକେ ବିଧାୟକଙ୍କୁ ଯଚାଯାଇଥିଲା ୩୫ କୋଟି ଟଙ୍କା। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହେବାପରେ ତାମିଲନାଡୁ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରାଯିବା ପରେ ଷଡ଼ଯନ୍ତ୍ରରେ ଡିଏମକେ ସାମିଲ ଥିବା ନେଇ ଅଭିଯୋଗ ହୋଇଛି।

ରାଜ୍ୟ ଗୋଇନ୍ଦା ବିଭାଗ ଏହି ଯୋଜନାକୁ ପଣ୍ଡ କରିଥିବା ଦାବି କରିଛି। ମିଳିଥିବା ସୂଚନା ଅନୁଯାୟୀ, ସରକାରର ପତନ ପାଇଁ ଏକାସଙ୍ଗେ ୧୫ ଜଣ ଟିଭିକେ ବିଧାୟକଙ୍କୁ ଇସ୍ତଫା ଦେବା ପାଇଁ ପ୍ରଲୋଭିତ କରାଯାଉଥିଲା। ଏକ ସମୟରେ ଏତେ ବିଧାୟକ ଇସ୍ତଫା ଦେଇଥିଲେ ବିଜୟ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା ହୋଇଥିଲା। ବିରୋଧୀ ଦଳ ▶ପୃଷ୍ଠା-୧୦


SIKSHA 'O' ANUSANDHAN

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through JEE-Main, Please visit: www.soa.ac.in


# ଅକ୍ଟୋବରରେ ଶିମିଳିପାଳକୁ ଆସିବେ ମହାବଳ

## ଆଉ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଆଣିବା ନେଇ ଯୋଜନା



■ ବାରିପଦା, ୧୭ (ସମିସ): ମହାରାଷ୍ଟ୍ରର ବାଘୁଣୀ "ଜୀନତ୍' ମା' ହେବା ପରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ ବଂଶ ବୃଦ୍ଧି ପାଇଛି। ପ୍ରତି ମାସରେ ବାଘୁଣୀ ସହ ଶାବକଙ୍କ ଗୋଟିଏ ପରେ ଗୋଟିଏ ଚିତ୍ର ସାମ୍ନାକୁ ଆସୁଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ମହାବଳ ବାଘ ସ୍ଥାନାନ୍ତର ଦିଗରେ ବନ ବିଭାଗ ଅଣ୍ଟା ଭିଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଅଣାଯାଇ ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ତେବେ ସେମାନଙ୍କୁ କେଉଁ ଅଞ୍ଚଳରେ ଛଡ଼ାଯିବ ସେନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ବର୍ତ୍ତମାନ ସମୟରେ ମୌସୁମୀ ବାୟୁ ସାରା ଦେଶରେ ଅଗ୍ରସର ହେବା ସହ ବର୍ଷା ଲାଗିରହିଥିବାରୁ ଜଙ୍ଗଲରେ ମହାବଳ ଚିହ୍ନଟ ଓ ସ୍ଥାନାନ୍ତର ପ୍ରକ୍ରିୟା ସମ୍ଭବପର ହେବ ନାହିଁ। ତେଣୁ ବର୍ଷା ଛାଡ଼ିବା ପରେ ହିଁ ଏହି ପ୍ରକ୍ରିୟା ଆଗେଇବ। ମହାରାଷ୍ଟ୍ରର ଯେଉଁ ଜଙ୍ଗଲରୁ ମହାବଳ ଆସିବ ସେନେଇ ସେଠାକାର ରାଜ୍ୟ ସରକାରଙ୍କ ସହ ଆଲୋଚନା ଶେଷ ହୋଇଥିବା ଜଣାପଡ଼ିଛି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟ ବାଘ ସ୍ଥାନାନ୍ତର ପୂର୍ବରୁ ଅନେକ ଔପଚାରିକ କାର୍ଯ୍ୟ ଶେଷ କରିବାକୁ ପଡ଼ିବ। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ଯେଉଁଭଳି ପରିସ୍ଥିତି ଉପୁଜିଥିଲା ତାହାକୁ ଏଡ଼ାଇବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ହେଉଛି। ଶିମିଳିପାଳ ଅଭୟାରଣ୍ୟକୁ ମହାବଳ ଆଣିବାକୁ ରାଜ୍ୟ ସରକାର ବହୁତ ସକାରାତ୍ମକ ରହିଛନ୍ତି। ତେବେ ବାସସ୍ଥାନ ଓ ବାଘ ଚୟନ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। "ଜୀନତ୍' କ୍ଷେତ୍ରରେ ବାସସ୍ଥାନ ଖାପଖୁଆଇବା ନେଇ ଯେଉଁଭଳି ସମସ୍ୟା ହୋଇଥିଲା ତ'ର ▶ପୃଷ୍ଠା-୧୦

# ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ କାର୍ଯ୍ୟକାଳ ୧ ବର୍ଷ ପାଇଁ ବୃଦ୍ଧି

ନୂଆଦିଲ୍ଲୀ, ୧୭(ଏଜେନ୍ସି): କେନ୍ଦ୍ର ସରକାର ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ କାର୍ଯ୍ୟକାଳକୁ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ର ଅନୁମୋଦନ ଅନୁଯାୟୀ, ଶ୍ରୀ ମିଶ୍ରି ଏବେ ୨୦୨୭ ଜୁଲାଇ ୧୪ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ ଜାରି ରଖିବେ। ମିଶ୍ରି ୨୦୨୪ ଜୁଲାଇରେ ବୈଦେଶିକ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନର ଜଟିଳ ବିଶ୍ୱରାଜନୈତିକ ପରିସ୍ଥିତିରେ ଭାରତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ କାର୍ଯ୍ୟକ୍ରମ ଯଥା ଜି୨୦ ସମ୍ପର୍କିତ କାର୍ଯ୍ୟକ୍ରମ, କ୍ୱାଡ୍ ପାଇଁ ପଦକ୍ଷେପ ଏବଂ ଆମେରିକା, ଚୀନ୍ ଓ ୟୁରୋପୀୟ ସଂଘ ସହିତ ଦ୍ୱିପାକ୍ଷିକ ଆଲୋଚନା ଆଦିର



ସଫଳତା ଲକ୍ଷ୍ୟ ରହିଛି। ଏଥିପାଇଁ ବୈଦେଶିକ ମନ୍ତ୍ରଣାଳୟରେ ନିରନ୍ତରତା ଅତ୍ୟନ୍ତ ଆବଶ୍ୟକ ଥିବାରୁ ଏହି ବୃଦ୍ଧି ଆବଶ୍ୟକ ବୋଲି କୁହାଯାଇଛି। ୧୯୮୯ ବ୍ୟାଚର ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍) ଅଧିକାରୀ ବିକ୍ରମ ମିଶ୍ରିଙ୍କର ଦୀର୍ଘକାଳୀନ ଅଭିଜ୍ଞତା ରହିଛି। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜରାଲ, ମନମୋହନ ସିଂ ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ଚୀନ୍, ମ୍ୟାନମ୍ୟାର ଏବଂ ସ୍ପେନରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବା ସହ ବ୍ରୁସେଲ୍ସ ଏବଂ ଟ୍ୟୁନିସରେ ମଧ୍ୟ କାର୍ଯ୍ୟ କରିଛନ୍ତି। ବୈଦେଶିକ ସଚିବ ପୂର୍ବରୁ ସେ ଉପ-ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଦାୟିତ୍ୱ ତୁଲାଇଛନ୍ତି। ୨୦୨୦ରେ ପୂର୍ବ ଲଦାଖ ଏବଂ ଗଲୱାନ୍ ଘାଟି ସଂଘର୍ଷ ପରେ ଚୀନ୍ ସହ କୂଟନୈତିକ ସମ୍ପର୍କ ପରିଚାଳନାରେ ମିଶ୍ରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ଖାମନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟାକୁ ଜୈନ ମୁନିଙ୍କୁ ନିମନ୍ତ୍ରଣ

ତେହେରାନ, ୧୭(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ସେୟଦ ଅଲୀ ଖାମେନେଇଙ୍କ ଆଗାମୀ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଭାରତର ଜୈନ ମୁନି ଆଚାର୍ଯ୍ୟ ଲୋକେଶଙ୍କୁ ବିଶେଷ ଭାବେ ନିମନ୍ତ୍ରଣ କରାଯାଇଛି। ବିଶ୍ୱ ଶାନ୍ତି କେନ୍ଦ୍ରର ପ୍ରତିଷ୍ଠାତା ତଥା ସର୍ବଧର୍ମ ସମନ୍ୱୟର ପ୍ରବକ୍ତା ଆଚାର୍ଯ୍ୟ ଲୋକେଶଙ୍କୁ ମିଳିଥିବା ଏହି ନିମନ୍ତ୍ରଣ ଏବେ ଅନ୍ତର୍ଜାତୀୟ କୂଟନୀତି କ୍ଷେତ୍ରରେ ଏକ ବିରଳ ମୁହୂର୍ତ୍ତ ସୃଷ୍ଟି କରିଛି। ଜୁଲାଇ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଇରାନର ବିଭିନ୍ନ ପବିତ୍ର ସହରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଚାର୍ଯ୍ୟ ଲୋକେଶ ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଜାତିସଂଘ ଏବଂ ବିଶ୍ୱର ବିଭିନ୍ନ ପ୍ରମୁଖ ମଞ୍ଚରେ ଜୈନ ଦର୍ଶନ, ଅହିଂସା ଓ ବିଶ୍ୱ ଶାନ୍ତିର ବାର୍ତ୍ତା ପ୍ରଚାର କରିଆସୁଛନ୍ତି। ରାଜନୈତିକ ଏବଂ ଆଦର୍ଶଗତ ମତଭେଦକୁ ଦୂର କରି ଧାର୍ମିକ ସଦ୍ଭାବନା ରକ୍ଷା କରିବାରେ ତାଙ୍କର ପ୍ରଚେଷ୍ଟା ପାଇଁ ଇରାନ ସରକାର ତାଙ୍କୁ ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପକ୍ଷରୁ ସରକାରୀ ପ୍ରତିନିଧି ଭାବେ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରେଟା ଏବଂ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ସେୟଦ ଅତା ହସନେନ ଯୋଗଦେବେ। ଏହାସହିତ ବିଜେପି ସଭାପତି ନିତିନ ନବୀନ ଏବଂ କଂଗ୍ରେସ ସଭାପତି ଖଡ଼ଗେଙ୍କୁ ମଧ୍ୟ ଇରାନ ନିମନ୍ତ୍ରଣ କରିଛି।

# ମହୁଆ ମୈତ୍ରଙ୍କ ସଭାରେ ଅଣ୍ଡା ମାଡ଼

ନଦିଆ, ୧୭(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର କାଳିଗଞ୍ଜଠାରେ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୈତ୍ରଙ୍କ ଏକ ଦଳୀୟ ବୈଠକ ଚାଲିଥିବା ସମୟରେ ତାଙ୍କୁ ଲକ୍ଷ୍ୟ କରି ଅଣ୍ଡା ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ବିରୋଧୀ ବିଜେପି ସମର୍ଥକମାନେ ବୈଠକ ସ୍ଥଳକୁ ଚାରିପଟୁ ଘେରିଯିବା ସହ ସେମାନଙ୍କୁ ସେଠାରୁ ବାହାରକୁ ଯିବାକୁ ଦେଇନଥିଲେ ବୋଲି ସାଂସଦ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମରେ କିଛି ଭିଡିଓ ସେୟାର କରି ମହୁଆ ମୈତ୍ର ଅଭିଯୋଗ କରିଛନ୍ତି ଯେ, କଳା ପତାକା ଧରିଥିବା ବିଜେପି



କର୍ମୀମାନେ ରାସ୍ତା ଅବରୋଧ କରିବା ସହ ଝରକା ବାଟେ ଭିତରକୁ ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗିଥିଲେ, ଯାହା ମଧ୍ୟରୁ ଗୋଟିଏ ଅଣ୍ଡା ତାଙ୍କ ଦେହରେ ବାଜିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ପୋଲିସ କୌଣସି ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ଟିଏମସି ଏହାକୁ ଏକ ସୁଚିନ୍ତିତ ରାଜନୈତିକ ଆକ୍ରୋଶ ବୋଲି ଦର୍ଶାଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ପୁଲିସ ଭୂମିକାକୁ ପାର୍ଟି ସମାଲୋଚନା କରିଛି।

# ୨୧ ଘଣ୍ଟାର ଅପରେସନ ବିଫଳ
## ବୋରୱେଲରୁ ଶିଶୁର ମୃତଦେହ ଉଦ୍ଧାର

ଚଣ୍ଡିଗଡ଼, ୧୭(ଏଜେନ୍ସି): ହରିୟାଣାର ଅମ୍ବାଲା ଜିଲ୍ଲାରେ ୨୨୦ ଫୁଟ ଗଭୀର ଏକ ଖୋଲା ବୋରୱେଲରେ ପଡ଼ିଯାଇଥିବା ୪ ବର୍ଷର ଶିଶୁ ନିର୍ଭୟକୁ ଦୀର୍ଘ ୨୧ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କରାଯାଇଛି। ହେଲେ ତା' ଜୀବନରକ୍ଷା ହୋଇପାରି ନାହିଁ। ଗତକାଲି ସକାଳେ ନିର୍ଭୟ ନିଜ ପିତା ମନଜିତଙ୍କ ସହ ବିଲକୁ ଯାଇଥିଲା। ଖେଳୁ ଖେଳୁ ସେଠାରେ ଥିବା ଏକ ୯ ଇଞ୍ଚ ଓସାରର ଖୋଲା ବୋରୱେଲ ଭିତରକୁ ଖସି ପଡ଼ିଥିଲା। ଶିଶୁଟିକୁ ବଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ବଡ଼ ଧରଣର ଅପରେସନ ଆରମ୍ଭ କରାଯାଇଥିଲା। ଦୀର୍ଘ ୨୧ ଘଣ୍ଟାର ସଂଘର୍ଷ ପରେ ବୁଧବାର ଭୋର ପ୍ରାୟ ୩.୩୦ ମିନିଟରେ ତାକୁ ବୋରୱେଲରୁ ବାହାର କରାଯାଇଥିଲା। ହେଲେ ସେତେବେଳକୁ ତାର ଶରୀର ଶିଥିଳ ପଡ଼ିଯାଇଥିଲା। ଅମ୍ବାଲା ସିଭିଲ୍ ହସ୍ପିଟାଲରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଛନ୍ତି। ଅମ୍ବାଲା ଡେପୁଟି କମିଶନର ଅଜୟ ସିଂହ ତୋମାର ଏହି ଘଟଣା ପାଇଁ ବୋରୱେଲ ମାଲିକଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିସହ ସମସ୍ତ ଚାଷୀଙ୍କୁ ନିଜ କ୍ଷେତରେ ଥିବା ବୋରୱେଲଗୁଡ଼ିକୁ ଘୋଡ଼ାଇ ରଖିବାକୁ ସେ ନିବେଦନ କରିଛନ୍ତି।

# ଡାକ୍ତରଖାନାରେ ଅମାନୁଷିକତା



**ରୋଗୀଙ୍କୁ ୩୫ ସେକେଣ୍ଡରେ ୧୦ରୁ ଅଧିକ ଗୋଇଠା**

ରାୟବରେଲି, ୧୭(ଏଜେନ୍ସି): ଉତ୍ତର ପ୍ରଦେଶର ରାୟବରେଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଅତି ନିନ୍ଦନୀୟ ଓ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନାର ଜଣେ ମହିଳା ସଫେଇ କର୍ମଚାରୀ ଜଣେ ଅସହାୟ ରୋଗୀଙ୍କୁ ଅତି ଅମାନୁଷିକ ଭାବେ ମାତ୍ର ୩୫ ସେକେଣ୍ଡ ଭିତରେ ୧୦ ରୁ ଅଧିକ ଥର ଗୋଇଠା ମାରିବା ସହ ଗାଳିଗୁଲଜ କରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ଏହି ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ନିର୍ଦ୍ଦେଶ କ୍ରମେ, ଚିକିତ୍ସାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଛନ୍ତି। ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ ସୂଚନା ଅନୁଯାୟୀ, ନିଲମ୍ବିତ କର୍ମଚାରୀଙ୍କ ନାମ ପିଙ୍କି ଏବଂ ସେ ସେଠାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସରକାରୀ କର୍ମଚାରୀ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଘଟଣାର ସଠିକ୍ ଅନୁସନ୍ଧାନ ପାଇଁ ତିନି ଜଣିଆ ଡାକ୍ତରୀ କମିଟି ଗଠନ କରାଯାଇଛି, ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ। ଏହି ଘଟଣା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ରୋଗୀଙ୍କ ସହ କୌଣସି ପ୍ରକାରର ଦୁର୍ବ୍ୟବହାର କିମ୍ବା ଅମାନୁଷିକ ଆଚରଣକୁ ଆଦୌ ବରଦାସ୍ତ କରାଯିବ ନାହିଁ।



# ମୃତଦେହରୁ ଗାଏବ ମସ୍ତିଷ୍କ, ହୃତ୍‌ପିଣ୍ଡ ଓ ଫୁସଫୁସ

ନୂଆଦିଲ୍ଲୀ, ୧୭(ଏଜେନ୍ସି): ଭେନେଜୁଏଲାରେ ରହସ୍ୟଜନକ ଭାବେ ପ୍ରାଣ ହରାଇଥିବା ଜଣେ ଭାରତୀୟ ନାବିକଙ୍କ ମୃତଦେହ ସ୍ୱଦେଶ ଫେରିବା ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲାର ବାସିନ୍ଦା ୩୩ ବର୍ଷୀୟ ରାକେଶ ଚୌହାନଙ୍କ ମୃତଦେହରୁ ମସ୍ତିଷ୍କ, ହୃତପିଣ୍ଡ, ଫୁସଫୁସ, ଯକୃତ ଓ କିଡନୀ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଅଙ୍ଗ ଗାଏବ ଥିବା ଜଣାପଡ଼ିଛି। ଏହି ଘଟଣା ପରେ ଭାରତୀୟ ନାବିକ ସଂଘ (ଏଫଏସୟୁଆଇ) ଏବଂ ମୃତକଙ୍କ ପରିବାର ଲୋକେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ରାକେଶ ଗତ ୨୦୨୫ ନଭେମ୍ବରରେ ଏକ ବାଣିଜ୍ୟିକ ଜାହାଜରେ କାର୍ଯ୍ୟ କରିବାକୁ ଭେନେଜୁଏଲା ଯାଇଥିଲେ। ଚଳିତ ବର୍ଷ ମେ ମାସରେ ଜାହାଜରେ ପଡ଼ିଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସମ୍ପୃକ୍ତ କମ୍ପାନୀ ପରିବାର ଲୋକଙ୍କୁ ଜଣାଇଥିଲା। ଗତ ଜୁନ୍ ୪ ତାରିଖରେ ମୃତଦେହ ଗାଁରେ ପହଞ୍ଚିବା ପରେ, ସନ୍ଦେହ ହେବାରୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ଭାରତରେ ଦ୍ୱିତୀୟ ଥର ପାଇଁ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଡାକ୍ତରୀ ଦଳଙ୍କ ରିପୋର୍ଟ ଅନୁଯାୟୀ, ମୃତଦେହରେ ଗୋଟିଏ ହେଲେ ବି ଅଙ୍ଗ ନଥିଲା ଏବଂ ଶରୀରରେ ବ୍ୟାପକ ସିଲେଇ ଚିହ୍ନ ରହିଥିଲା। ଶରୀରରେ କୌଣସି ଅଙ୍ଗ ନଥିବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ଭେନେଜୁଏଲା ପ୍ରଶାସନ କିମ୍ବା ସମ୍ପୃକ୍ତ କମ୍ପାନୀ ପକ୍ଷରୁ କୌଣସି ଶବ ବ୍ୟବଚ୍ଛେଦ ରିପୋର୍ଟ କିମ୍ବା ସ୍ପଷ୍ଟୀକରଣ ଦିଆଯାଇ ନଥିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛନ୍ତି। ସାଧାରଣତଃ ଅନୁସନ୍ଧାନ ପାଇଁ ପ୍ରଥମ ଶବ ବ୍ୟବଚ୍ଛେଦ ସମୟରେ କିଛି ଅଙ୍ଗ ବାହାର କରାଯାଉଥିଲେ ବି, ଏଭଳି ସମସ୍ତ ଅଙ୍ଗ ଗାଏବ ହେବା ଅଙ୍ଗ ଚୋରା ଚାଲାଣର ସନ୍ଦେହ ବଢ଼ାଉଛି। ଏହି ମାମଲାରେ ଭାରତୀୟ ଦୂତାବାସ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

# ପାଣି ପାଇଁ ଆଣ୍ଠେଇଲାଣି ପାକିସ୍ତାନ

**■ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲକୁ ନେଇ ଚିନ୍ତା**
**■ ଚୁକ୍ତି ଭାଙ୍ଗିଲେ 'ଭୁଶୁଡ଼ି ପଡ଼ିବ ବିଶ୍ୱ ବ୍ୟବସ୍ଥା'**

ଇସଲାମାବାଦ, ୧୭(ଏଜେନ୍ସି): ଭୀଷଣ ଗ୍ରୀଷ୍ମ ପ୍ରବାହ ଏବଂ ଜଳ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନ ଏବେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଛି। ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସିନ୍ଧୁ ନଦୀ ଜଳ ଚୁକ୍ତି ରଦ୍ଦ ହୁଏ, ତେବେ କାଗଜପତ୍ରରେ ଥିବା ସମଗ୍ର ବିଶ୍ୱ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ପାକିସ୍ତାନ ଚେତାବନୀ ଦେଇଛି। ୨୦୨୫ ମସିହା ଅପ୍ରେଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇବା ପରେ ଭାରତ ଏହି ଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ଏହା ପରେ ପାକିସ୍ତାନରେ ଜଳ ସଙ୍କଟ ଦେଖାଦେବାର ଆଶଙ୍କା ତୀବ୍ର ହୋଇଛି। ଏହି ସଙ୍କଟକୁ ନେଇ ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାର୍ କହିଛନ୍ତି ଯେ, ଭାରତ ପକ୍ଷରୁ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସମ୍ପୂର୍ଣ୍ଣ ବେଆଇନ ଏବଂ ଜଳକୁ କେବେ ବି ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ଏହା ସହ ସେ ଧମକପୂର୍ଣ୍ଣ ସ୍ୱରରେ କହିଛନ୍ତି ଯେ, ପାକିସ୍ତାନର ଜଳରାଶିକୁ ରୋକିବା କିମ୍ବା ବଦଳାଇବା ଚେଷ୍ଟାକୁ ଏକ 'ଯୁଦ୍ଧର ଆହ୍ୱାନ' ଭାବେ ଗ୍ରହଣ କରାଯିବ। ଅପରପକ୍ଷରେ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ମୁଖ୍ୟ ବିଲାୱାଲ ଭୁଟ୍ଟୋ ଜରଦାରୀ କହିଛନ୍ତି ଯେ ସିନ୍ଧୁ ନଦୀ ପାକିସ୍ତାନର ଜୀବନରେଖା ଏବଂ ଏହାକୁ ନେଇ କୌଣସି ବୁଝାମଣା କରାଯିବ ନାହିଁ। ପାକିସ୍ତାନର ଅନ୍ୟ ଜଣେ ମନ୍ତ୍ରୀ ମୁସାଦିକ୍ ମଲିକ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗଠିତ ହୋଇଥିବା କୌଣସି ବିଶ୍ୱ ନିୟମ ସୁରକ୍ଷିତ ରହିବ ନାହିଁ ଯଦି ଏହି ଚୁକ୍ତି ଭାଙ୍ଗିଯାଏ। ଏହି ସମ୍ପର୍କରେ ନୂଆଦିଲ୍ଲୀ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲେ ମଧ୍ୟ ମିଳିତ ଜାତିସଂଘର ଏକ କାର୍ଯ୍ୟକ୍ରମରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପର୍ବଥାନେନୀ ସ୍ପଷ୍ଟ କରିଛନ୍ତି ଯେ, ବାରମ୍ବାର ଉତ୍ତେଜନାମୂଳକ କାର୍ଯ୍ୟ ଏବଂ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହେବା ପରେ ଭାରତ ଏହି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି। ଯେପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ ଏବଂ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଛି, ସେପର୍ଯ୍ୟନ୍ତ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ରହିବ। ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ନିୟମ ଅନୁଯାୟୀ, ପୂର୍ବ ନଦୀଗୁଡ଼ିକ (ରାବି, ସୁତଲେଜ



ଓ ବ୍ୟାସ)ର ଜଳ ଭାରତ ନିୟନ୍ତ୍ରଣ କରୁଥିବାବେଳେ ପଶ୍ଚିମ ନଦୀଗୁଡ଼ିକ (ସିନ୍ଧୁ, ଝେଲମ ଓ ଚେନାବ) ର ଜଳ ପାକିସ୍ତାନକୁ ମିଳିଥାଏ। ୧୯୬୫, ୧୯୭୧ ଏବଂ କାର୍ଗିଲ ଯୁଦ୍ଧ ସମୟରେ ମଧ୍ୟ ଏହି ଚୁକ୍ତି ବଳବତ୍ତର ରହିଥିଲା, ମାତ୍ର ୨୦୨୫ ମସିହାର ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେଇ ଆସୁଥିବା ପାକିସ୍ତାନ ଏବେ ନିଜର ଦୁର୍ଦ୍ଦଶା ପାଇଁ ବିଶ୍ୱ ସମୁଦାୟ ଆଗରେ ଗୁହାରି କରୁଛି। ମାତ୍ର ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି ଯେ, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ।

# ଅଶାନ୍ତ ହେଉଛି ପିଓକେ

ଇସଲାମାବାଦ, ୧୭(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ରାୱାଲାକୋଟ୍‌ଠାରେ ପାକିସ୍ତାନ ସରକାର ବିରୋଧରେ ଗଣ-ବିଦ୍ରୋହ ତୀବ୍ର ରୂପ ଧାରଣ କରିଛି। 'ଜାମ୍ମୁ ଆଣ୍ଡ କାଶ୍ମୀର ଆୱାମୀ ଆକ୍ସନ କମିଟି' (ଜେଏଏସି) ନେତୃତ୍ୱରେ ହଜାର ହଜାର ପ୍ରତିବାଦକାରୀ ଏକାଠି ହୋଇ 'ଆମେ ପାକିସ୍ତାନର ଅଂଶ ନୋହୁଁ' ବୋଲି ଖୋଲାଖୋଲି ଘୋଷଣା କରିଛନ୍ତି। ସରକାର ବିରୋଧୀ ଆନ୍ଦୋଳନକୁ ଦବାଇବା ପାଇଁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାୟ ୬୦୦ରୁ ଅଧିକ ସଂଗଠନକାରୀଙ୍କୁ ଗିରଫ କରାଯାଇଛି। ଏପରିକି ସରକାରଙ୍କ ଦ୍ୱାରା ୧ କୋଟି ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ମୁଖ୍ୟ ନେତା ଶୌକତ ନୱାଜ ମୀରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୂର୍ବରୁ କେବଳ ମହଙ୍ଗା ମାଡ଼, ଖାଦ୍ୟ ସଙ୍କଟ ଓ ପ୍ରଶାସନିକ ଅବହେଳାକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ ଏକ ବଡ଼ ରାଜନୈତିକ ବିଦ୍ରୋହର ରୂପ ନେଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ସୁରକ୍ଷାବଳ ଓ ଜନସାଧାରଣଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ପ୍ରାୟ ୨୨ ଜଣଙ୍କର ମୃତ୍ୟୁ ଘଟିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛି। ଆସନ୍ତା ଜୁଲାଇ ୨୭ ତାରିଖରେ ଏହି ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏଭଳି ହିଂସାତ୍ମକ ପରିସ୍ଥିତି ପାକିସ୍ତାନ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି।

# ହତ୍ୟା ପରେ କେତନଙ୍କ ଫୋନ୍ ନେଇଯାଇଥିଲେ ସିୟା

**ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ**

ପୁଣେ, ୧୭(ଏଜେନ୍ସି): ପୁଣେର ଜଣାଶୁଣା ଜମିବାଡ଼ି ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ରହସ୍ୟଜନକ ହତ୍ୟା ମାମଲାରେ ପୋଲିସ ଏକ ନୂଆ ତଥ୍ୟ ସାମ୍ନାକୁ ଆଣିଛି। ପୋଲିସର ସୂଚନା ଅନୁଯାୟୀ, ହତ୍ୟାକାଣ୍ଡ ପରେ କେତନଙ୍କ ମୋବାଇଲ୍ ଫୋନ୍ କିଛି ସମୟ ପାଇଁ ତାଙ୍କ ଭାବି ପତ୍ନୀ ସିୟା ଗୋୟଲଙ୍କ ପାଖରେ ଥିଲା, ଯାହାକୁ ସେ ପରବର୍ତ୍ତୀ ସମୟରେ କେତନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସେହି ସମୟ ମଧ୍ୟରେ ସିୟା ଫୋନ୍‌ରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ କିମ୍ବା ବାର୍ତ୍ତା କାଟି ଦେଇଛନ୍ତି କିମ୍ବା ବଦଳାଇ ଦେଇଛନ୍ତି କି ନାହିଁ, ସେ ନେଇ ପୋଲିସ ବର୍ତ୍ତମାନ ଯାଞ୍ଚ କରୁଛି। ଗତ ଜୁନ୍ ୧୮ ତାରିଖରେ ପୁଣେ ଜିଲ୍ଲାର ଐତିହାସିକ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ଦେଇ କେତନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ୨୦ ବର୍ଷୀୟା ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି। ଆସନ୍ତା ନଭେମ୍ବର ମାସରେ କେତନ ଏବଂ ସିୟାଙ୍କର ବିବାହ ହେବାର ଥିଲା। ବୁଧବାର ଦିନ ପୁଣେ ଗ୍ରାମୀଣ ପୋଲିସ ଅଭିଯୁକ୍ତ ଚେତନଙ୍କୁ ଘଟଣାସ୍ଥଳକୁ ନେଇ ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ପୁନଃ ପ୍ରଦର୍ଶନ ବା ରୂପାୟନ କରିଛି।



ଏହାପୂର୍ବରୁ ରବିବାର ଦିନ ସିୟାଙ୍କ ଉପସ୍ଥିତିରେ ଏକ ପୁତଳାକୁ ପାହାଡ଼ରୁ ତଳକୁ ଫିଙ୍ଗି ପୋଲିସ ଘଟଣାର ଯାଞ୍ଚ କରିଥିଲା। କେତନଙ୍କ ପିତା ବିଶାଳ ଅଗ୍ରୱାଲ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, କେତନ ପ୍ରାୟତଃ ସିୟା ଏବଂ ଚେତନଙ୍କ ଅତି ନିବିଡ଼ ସମ୍ପର୍କକୁ ନେଇ ଚିନ୍ତିତ ରହୁଥିଲେ।

# ୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ରହିଲେ ମନ୍ତ୍ରୀପଦ ଯିବ

**ସଂସଦରେ ଆସିବ ନୂଆ ବିଲ୍**

ନୂଆଦିଲ୍ଲୀ, ୧୭: ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ମନ୍ତ୍ରୀ ପଦ ଯିବ। ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ସରକାର ଏସଂପର୍କରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଣିବାକୁ ଯାଉଛନ୍ତି। ଯଦି ଜଣେ ମନ୍ତ୍ରୀଙ୍କୁ ଏଭଳି ଏକ ଅଭିଯୋଗରେ ଗିରଫ କରାଯାଇଛି, ଯେଉଁଥିରେ ୫ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଜେଲଦଣ୍ଡର ବ୍ୟବସ୍ଥା ଥିବ, ସେମାନଙ୍କ ପ୍ରତି ଏହି ନିୟମ ଲାଗୁ ହେବ। ସେମାନେ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ୩୧ତମ ଦିନରେ ଆପେ ଆପେ ମନ୍ତ୍ରୀ ପଦ ହରାଇବେ। ଏହି ନିୟମ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ଲାଗୁହେବ। ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମଧ୍ୟ ସେମାନଙ୍କୁ ବରଖାସ୍ତ କରାପାରିବେ। ତେବେ ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ବିରୋଧୀ ଦଳ ଶାସିତ ସରକାରଙ୍କୁ ଅସ୍ଥିର କରିବା ଲାଗି ସରକାର ଏହାର ରାଜନୈତିକ ଦୁରୁପଯୋଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଉଭୟ କେଜ୍ରିୱାଲ ଏବଂ ହେମନ୍ତ ସୋରେନଙ୍କ କ୍ଷେତ୍ରରେ ଦେଖାଦେଇଛି।

# ଆସାମରେ ବନ୍ୟା ପରିସ୍ଥିତି ସଂଗିନ

**■ ବିପଦ ସଙ୍କେତ ଉପରେ ବ୍ରହ୍ମପୁତ୍ର**
**■ ୬ଟି ଜିଲ୍ଲାର ୪୬ ହଜାର ପ୍ରଭାବିତ**

ଗୌହାଟୀ, ୧୭(ଏଜେନ୍ସି): ଆସାମରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ଲଗାତାର ବର୍ଷା ଯୋଗୁଁ ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ପ୍ରମୁଖ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ଏହାଦ୍ୱାରା ରାଜ୍ୟର ୬ଟି ଜିଲ୍ଲାର ପ୍ରାୟ ୪୬, ୦୦୦ରୁ ଅଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଚଳିତ ବନ୍ୟା ଋତୁରେ ଧେମାଜୀ ଜିଲ୍ଲାରେ ଜଣେ ମହିଳାଙ୍କର ପ୍ରାଣହାନି ଘଟିଛି, ଯାହା ଚଳିତ ବର୍ଷର ପ୍ରଥମ ବନ୍ୟାଜନିତ ମୃତ୍ୟୁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆସାମ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରାଜ୍ୟର ଧେମାଜୀ, ନଳବାଡ଼ି, ଡିବ୍ରୁଗଡ଼, ଚିରାଙ୍ଗ, ଲଖିମପୁର ଏବଂ ବିଶ୍ୱନାଥ ଜିଲ୍ଲାର ପ୍ରାୟ ୨୨୧ଟି ଗ୍ରାମ ବନ୍ୟା ଜଳରେ ବୁଡ଼ି ରହିଛି। ଏହା ମଧ୍ୟରୁ ଧେମାଜୀ ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ପ୍ରାୟ ୪୫, ୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଯୋଗୁଁ ୩, ୮୦୯ ହେକ୍ଟରରୁ ଅଧିକ ଚାଷଜମି ପାଣିରେ ବୁଡ଼ି ରହିବା ସହ ବହୁଳ ପରିମାଣରେ ଫସଲ ନଷ୍ଟ ହୋଇଛି। ସରକାରଙ୍କ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ବାସହୀନ ହୋଇପଡ଼ିଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରୟ ସ୍ଥଳୀ ଏବଂ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲାଯାଇଛି। ମଣିଷଙ୍କ ସହ



ପ୍ରାୟ ୮୮, ୦୦୦ରୁ ଅଧିକ ଗୃହପାଳିତ ପଶୁ ମଧ୍ୟ ଏହି ବନ୍ୟାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଭିତ୍ତିଭୂମିର ବ୍ୟାପକ କ୍ଷତି ଘଟିଥିବା ବେଳେ ପ୍ରଶାସନ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।


# ଭାରତ-ପାକ୍ ସମ୍ପର୍କ ସୁଧାରିବା ପାଇଁ ମୋଦୀ ଓ ସରିଫ୍‌ଙ୍କୁ ୧୧୭ ବିଶିଷ୍ଟ ନାଗରିକଙ୍କ ଚିଠି

ନୂଆଦିଲ୍ଲୀ, ୧୭(ଏଜେନ୍ସି): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତା ଦୂର କରି ଶାନ୍ତି ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ଆଲୋଚନା ପୁନର୍ବାର ଆରମ୍ଭ କରିବା ପାଇଁ ଦୁଇ ଦେଶର ୧୧୭ ଜଣ ବିଶିଷ୍ଟ ବ୍ୟକ୍ତି ମିଳିତ ଭାବେ ଅପିଲ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କୁ ଏକ ସ୍ପଷ୍ଟ ପତ୍ର ଲେଖିଛନ୍ତି। ଏହି ପତ୍ରରେ ଭାରତର ୬୧ ଜଣ ଏବଂ ପାକିସ୍ତାନର ୫୬ ଜଣ ପ୍ରମୁଖ ରାଜନେତା, ପୂର୍ବତନ କୂଟନୀତିଜ୍ଞ ଏବଂ ବୁଦ୍ଧିଜୀବୀ ସ୍ୱାକ୍ଷର କରିଛନ୍ତି। ଏହି ନାଗରିକମାନେ ଦୁଇ ଦେଶର ସରକାରଙ୍କୁ ଦୀର୍ଘଦିନର ଶତ୍ରୁତା ଶେଷ କରି ପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ ଉଭୟ ଦେଶରେ ଉଚ୍ଚାୟୁକ୍ତ ନିଯୁକ୍ତି, ସାଧାରଣ ଭିସା ସେବା ପୁନଃ ପ୍ରଚଳନ, ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଆକାଶମାର୍ଗ ଖୋଲିବା ଏବଂ ଅଟ୍ଟାରୀ-ୱାଘା ସୀମା ଦେଇ ବାଣିଜ୍ୟ କାରବାର ଆରମ୍ଭ କରିବାକୁ ଚିଠିରେ ପ୍ରସ୍ତାବ ଦିଆଯାଇଛି। ଏହା ସହ ଶ୍ରୀନଗର-ମୁଜାଫରାବାଦ ବସ୍ ସେବା ଏବଂ କାର୍ତ୍ତାରପୁର କରିଡର ଭଳି ସାଂସ୍କୃତିକ ତଥା ଧାର୍ମିକ ସ୍ଥଳଗୁଡ଼ିକୁ ଯାତାୟାତ ସହଜ କରିବାକୁ ସେମାନେ ନିବେଦନ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଏବଂ ପାକିସ୍ତାନ ମିଶି ସମଗ୍ର ବିଶ୍ୱ ଜନସଂଖ୍ୟାର ପ୍ରାୟ ପଞ୍ଚମାଂଶ। ଏହି ଦୁଇ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ, ପ୍ରଗତି ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ଆଲୋଚନା ହିଁ ଏକମାତ୍ର ମାଧ୍ୟମ।

# କେବଳ ପ୍ରମାଣପତ୍ର ଥିଲେ ହିନ୍ଦୁ ବିବାହ ବୈଧ ନୁହେଁ

## ପରମ୍ପରା ଓ ରୀତିନୀତି ମଧ୍ୟ ଜରୁରୀ: ଗୁଜରାଟ ହାଇକୋର୍ଟ

ଅହମଦାବାଦ, ୧୭(ଏଜେନ୍ସି): କେବଳ ମ୍ୟାରେଜ୍ ସାର୍ଟିଫିକେଟ୍ (ବିବାହ ପ୍ରମାଣପତ୍ର) କିମ୍ବା ପଞ୍ଜୀକରଣ (ରେଜିଷ୍ଟ୍ରେସନ) ଆଧାରରେ ଏକ ହିନ୍ଦୁ ବିବାହକୁ ଆଇନଗତ ଭାବେ ବୈଧ କୁହାଯାଇପାରିବ ନାହିଁ ବୋଲି ଗୁଜରାଟ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ (ହିନ୍ଦୁ ମ୍ୟାରେଜ ଆକ୍ଟ) ଅନୁଯାୟୀ ନିର୍ଦ୍ଧାରିତ ସମସ୍ତ ରୀତିନୀତି ଏବଂ ପରମ୍ପରା ପାଳନ କରାଯାଇଥିଲେ ହିଁ ବିବାହକୁ ସ୍ୱୀକୃତି ମିଳିବ। ଯେଉଁ ସମୁଦାୟରେ ସପ୍ତପଦୀ (ଅଗ୍ନି ଚାରିପଟେ ସାତ ଫେରା) ର ନିୟମ ରହିଛି, ସେଠାରେ ଏହି ରୀତି ସମ୍ପନ୍ନ ନହେବା ପର୍ଯ୍ୟନ୍ତ ବିବାହ ଅସମ୍ପୂର୍ଣ୍ଣ ରହିବ। ଜଷ୍ଟିସ ଇଲେଶ ଜେ. ଭୋରା ଏବଂ ଜଷ୍ଟିସ ଆରଟି ବାଚ୍ଛାନୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ମ୍ୟାରେଜ୍ ସାର୍ଟିଫିକେଟ୍ କେବଳ ପୂର୍ବରୁ ସମ୍ପନ୍ନ ହୋଇଥିବା ଏକ ବିବାହର ଦଲିଲ ପ୍ରମାଣ ମାତ୍ର। ଏହା ନିଜେ କୌଣସି ବିବାହ ସୃଷ୍ଟି କରେନାହିଁ। ବିବାହ କେବଳ 'ଗୀତ-ନାଚ' କିମ୍ବା 'ଖିଆପିଆ'ର ଉତ୍ସବ ନୁହେଁ, ଏହା ଏକ ପବିତ୍ର ସଂସ୍କାର। ବ୍ରିଟେନରେ ରହୁଥିବା ଜଣେ ପ୍ରବାସୀ ଭାରତୀୟ ଯୁବକ ଅଭିଯୋଗ କରିଥିଲେ ଯେ, ଚାକିରି କରାଇଦେବା ବାହାନାରେ ଅହମଦାବାଦର ଜଣେ ଯୁବତୀ କାଗଜପତ୍ରରେ ତାଙ୍କ ସ୍ୱାକ୍ଷର ନେଇ ଜାଲ୍ ମ୍ୟାରେଜ୍ ସାର୍ଟିଫିକେଟ୍ ପ୍ରସ୍ତୁତ କରିଛନ୍ତି। ସେମାନଙ୍କ ମଧ୍ୟରେ କୌଣସି ବିବାହ ରୀତିନୀତି ହୋଇନଥିଲା। ପରିବାର ଅଦାଲତ (ଫ୍ୟାମିଲି କୋର୍ଟ) ପୂର୍ବରୁ ଯୁବକଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ମାତ୍ର ହାଇକୋର୍ଟରେ ଶୁଣାଣି ବେଳେ ଯୁବତୀ ଜଣକ ନିଜେ ସ୍ୱୀକାର କରିଥିଲେ ଯେ କୌଣସି ବୈଦିକ ରୀତିନୀତି ହୋଇନାହିଁ କି ସେମାନେ ସ୍ୱାମୀ-ସ୍ତ୍ରୀ ଭାବେ ରହିନାହାନ୍ତି। ଏହି ଆଧାରରେ ଗୁଜରାଟ ହାଇକୋର୍ଟ ପରିବାର ଅଦାଲତଙ୍କ ନିଷ୍ପତ୍ତିକୁ ରଦ୍ଦ କରିବା ସହ ଉକ୍ତ ବିବାହକୁ ଅବୈଧ ଘୋଷଣା କରିଛନ୍ତି।



### ସଚିବସ୍ତରୀୟ ବୈଠକ

## ପ୍ରମାଣଭିତ୍ତିକ ନୀତି ଓ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୭(ସମିସ): ରାଜ୍ୟରେ ସୁଶାସନକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ନାଗରିକକୈନ୍ଦ୍ରିକ କରିବା, ପ୍ରଯୁକ୍ତି ଓ ପ୍ରମାଣଭିତ୍ତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି। ସଚିବ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ଗର୍ଗ ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ଆଦି ବିଷୟରେ ବୁଝିଛନ୍ତି। ବୈଠକରେ ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତ୍ତମ ନୀତି ନିର୍ମାଣ ଉପରେ ଗୁରୁତ୍ୱ ଦେଇଛନ୍ତି।

ଅର୍ଥ ବିଭାଗ ପକ୍ଷରୁ ୩୦ ଜୁନ ୨୦୨୬ ସୁଦ୍ଧା ରାଜ୍ୟର ବ୍ୟୟ ଓ ରାଜସ୍ୱ ସ୍ଥିତିର ସମୀକ୍ଷା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୋଟ କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାବେଳେ କୃଷି, ସାମାଜିକ କ୍ଷେତ୍ର ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ବିଭାଗକୁ ବଜେଟର ଫଳପ୍ରଦ ବ୍ୟବହାର, ପୁଞ୍ଜି ବ୍ୟୟରେ ଗତି ଆଣିବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତା ଆଧାରିତ ଓଡ଼ିଆ

### ଝାରସୁଗୁଡ଼ା ସହର ହେବ ସମନ୍ୱିତ ବିକାଶ ମଡ଼େଲ



ଭାଷାର ଭଏସ୍ ବୋଟ୍ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା।

ଝାରସୁଗୁଡ଼ାକୁ ଏକ ସମନ୍ୱିତ ବିକାଶ ମଡେଲ୍ ଭାବେ ଗଢ଼ି ତୋଳିବା ପାଇଁ ୨୫ଟି ରଣନୀତିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ଗମନାଗମନ, ବିମାନବନ୍ଦର ସମ୍ପ୍ରସାରଣ, ଡିଜିଟାଲ୍ ସେବା ଓ ସବୁଜ ଶକ୍ତି ଭଳି କ୍ଷେତ୍ରରେ ପଦକ୍ଷେପ ଜିଲ୍ଲାର ସର୍ବାଙ୍ଗୀଣ ବିକାଶ ଏବଂ ନୂତନ ରୋଜଗାରର ଦ୍ୱାର ଖୋଲିବ। ଏ ସମ୍ପର୍କରେ ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ ଜନକଲ୍ୟାଣ, ନିବେଶ ଆକର୍ଷଣ ଓ ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେଇ ବିକଶିତ ଝାରସୁଗୁଡା ଗଠନ ଦିଗରେ ପ୍ରଶାସନର ଦୃଢ଼ ପଦକ୍ଷେପ ନେଇ ରୋଡମ୍ୟାପ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।

### ରାଜ୍ୟବ୍ୟାପୀ ଓମ୍‌ସାର କାର୍ଯ୍ୟବନ୍ଦ ଆନ୍ଦୋଳନ

## ସରକାରୀ ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ

ଭୁବନେଶ୍ୱର,୧୭(ସମିସ): ଜାତୀୟ ଡାକ୍ତର ଦିବସଠାରୁ ଓଡିଶା ମେଡିକାଲ୍ ସର୍ଭିସେସ୍ ଆସୋସିଏସନ୍ (ଓମସା) ପକ୍ଷରୁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ସରକାରଙ୍କ ପକ୍ଷରୁ ଦୀର୍ଘ ଦିନ ଧରି ୧୦-ଦଫା ଦାବି ପୂରଣ ନ ହେବାରୁ ଡାକ୍ତରମାନେ ଏହି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ କାର୍ଯ୍ୟବନ୍ଦ କରିଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକରେ ରୋଗୀ ସେବା ଗୁରୁତର ପ୍ରଭାବିତ ହୋଇଛି।

ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ଓପିଡି ଏବଂ ଇନଡୋର ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ରୋଗୀମାନେ ବହୁ ଦୂରଦୁରାନ୍ତରୁ ଆସି ହସ୍ପିଟାଲରୁ ନିରାସ ହୋଇ ଫେରୁଛନ୍ତି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ବେତନ କ୍ରମ ଲାଗୁ, ଡାଇନାମିକ୍ ଆସ୍ୟୁଡ୍ କ୍ୟାରିୟର୍ ପ୍ରୋଗ୍ରେସନ୍ ବିନା ସର୍ତ୍ତରେ କାର୍ଯ୍ୟକାରୀ, ଡାକ୍ତରଙ୍କ ସୁରକ୍ଷା ଓ ୱର୍କପ୍ଲେସ୍ ସୁରକ୍ଷା, ଖାଲି ପଦବୀ ପୂରଣ, ଅନ୍ୟାନ୍ୟ ଭତ୍ତା, ଟ୍ରାନ୍ସଫର୍ ନୀତି ଓ ସେବା ସୁନିଶ୍ଚିତତା କରିବା ପାଇଁ ଦାବି ହୋଇ ଆସୁଛି।

ଓମସା ପକ୍ଷରୁ କୁହାଯାଇଛି ଯେ, ଗତ କିଛି ମାସ ଧରି ସରକାରଙ୍କୁ ସମୟ ଦିଆଯାଇଥିଲା, କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଯଦି ଦାବି ପୂରଣ ନ ହୁଏ ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ। ଏହି ଆନ୍ଦୋଳନ ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର୍, କଳାହାଣ୍ଡି ଆଦି ସରକାରୀ ହସ୍ପିଟାଲ୍‌ରେ ରୋଗୀ ସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସରକାର ଏହି ଆନ୍ଦୋଳନ ପ୍ରଶମିତ କରିବା ପାଇଁ ପଦକ୍ଷେପ ନ ନେଲେ ଜରୁରୀ ସେବା ଉପରେ ମଧ୍ୟ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ସରକାରଙ୍କ ପକ୍ଷରୁ ଏ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ସାମ୍ନାକୁ ଆସିନାହିଁ। ସ୍ୱାସ୍ଥ୍ୟ ବିଭାଗରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଥିବା ଜଣାପଡ଼ିଛି। ଓମ୍‌ସା ଡାକ୍ତରମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ଦାବି କରିଛି ଏବଂ ରୋଗୀ ସେବା ପ୍ରତି ତାଙ୍କର ଦାୟିତ୍ୱ ସ୍ୱୀକାର କରି ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ ରଖିବାର ପ୍ରତିଶ୍ରୁତି ଦେଇଛି।

### 'ନିଶାମୁକ୍ତ ଓଡ଼ିଶା' ଅଭିଯାନ

## ଗଠନ ହେବ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ




- ୩ ଜିଲ୍ଲାରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ
- ୨୧ ମାସରେ ୧୯୧୧ କୋଟିର ଗଞ୍ଜେଇ ଚାଷ ନଷ୍ଟ
- ୨୧୦୬ କୋଟିର ଗଞ୍ଜେଇ ଓ ୨୨୫ କୋଟିର ଗଞ୍ଜେଇ ତେଲ ଜବତ

ଭୁବନେଶ୍ୱର ୧୭ (ସମିସ): ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୁଲିସ ମାଇଲଖୁଣ୍ଟ ସ୍ଥାପନ କରିଛି। ବେଆଇନ ନିଶା କାରବାର, ଗଞ୍ଜେଇ ଚାଷ, ମାଦକଦ୍ରବ୍ୟ ଚୋରାଚାଲାଣ ଓ ଆନ୍ତଃରାଜ୍ୟ ଡ୍ରଗ୍ ନେଟ୍‌ୱର୍କ ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଆଧାରରେ ଚାଲିଥିବା ଅଭିଯାନ ରାଜ୍ୟକୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଜାତୀୟ ସ୍ତରୀୟ ପ୍ରାକ୍-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୨୬ ତାରିଖରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ପ୍ରାକ୍-ପରୀକ୍ଷା ନିଶା ନିବାରଣ ସ୍ୱତନ୍ତ୍ର ଅଭିଯାନ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି। 'ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ଓଡ଼ିଶା ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ନିଶା କାରବାର ଓ ଚୋରାଚାଲାଣ ବିରୋଧରେ ଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ' ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ। ଜନସଚେତନତାକୁ ଗୁରୁତ୍ୱ ଦେଇ ରାଜ୍ୟର ସମସ୍ତ ୩୫ଟି ପୁଲିସ ଜିଲ୍ଲାର ୫୫୦ରୁ ଅଧିକ ଥାନାରେ ନିଶା ବିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ୨୫ ହଜାରରୁ ଅଧିକ ନାଗରିକ, ୪୮୮୨ ଜଣ ଛାତ୍ରଛାତ୍ରୀ ଓ ୩୩୭ ଜଣ ଶିକ୍ଷକ ସକ୍ରିୟ ଭାବେ ସାମିଲ ହୋଇ ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇଛନ୍ତି।

ନିଶା କାରବାର ସମ୍ପର୍କିତ ମାମଲାର ତ୍ୱରିତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ବୋଲି ସେ କହିଥିଲେ। ସେହିପରି ଡିଜିପି କହିଛନ୍ତି ଯେ ଜଣେ ଏଡିଜି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନଟିଏଫ୍) ଗଠନ କରାଯିବ। ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଓ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ। ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବା ସେ ସୂଚନା ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୦୨୪ରୁ ମାର୍ଚ୍ଚ ୨୦୨୬ ଅର୍ଥାତ୍ ୨୧ ମାସ ମଧ୍ୟରେ ରାଜ୍ୟବ୍ୟାପୀ ଅଭିଯାନରେ ୬୩ ହଜାର ୭୨୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୯୧୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସେହି ସମୟ ମଧ୍ୟରେ ୨୪୪୫ଟି ଏନଡିପିଏସ୍ ମାମଲା ରୁଜୁ କରାଯାଇ ୪୨୧ ଟନ୍ ଗଞ୍ଜେଇ ଜବତ କରାଯାଇ ୩୫୦୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨,୧୦୬ କୋଟି ଟଙ୍କା ହେବ। ରାଜ୍ୟର ଖୋର୍ଦ୍ଧା, ଅନୁଗୋଳ, ବାଲେଶ୍ୱର, ଗଞ୍ଜାମ, ବଲାଙ୍ଗିର, କୋରାପୁଟ ଓ ସୁନ୍ଦରଗଡ଼ ସ୍ଥିତ ୭ଟି ଅନୁମୋଦିତ ଇନ୍ସିନେରେଟର କେନ୍ଦ୍ରରେ ପ୍ରାୟ ୮୦ ଟନ୍ ଗଞ୍ଜେଇ, ୧୧.୪ କିଲୋଗ୍ରାମ ବ୍ରାଉନସୁଗର ଓ ୩୬୩୮ ବୋତଲ କଫ୍ ସିରପ ନଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି। ଅଭିଯାନ ଆରମ୍ଭ ହେବା ପରଠାରୁ ୩୬ ଟନ୍ ଗଞ୍ଜେଇ ସଫଳତାର ସହ ନଷ୍ଟ କରାଯାଇଥିବା ବେଳେ ଅବଶିଷ୍ଟ ଜବତ ମାଦକଦ୍ରବ୍ୟକୁ ଆଇନଗତ ପ୍ରକ୍ରିୟାରେ ପର୍ଯ୍ୟାୟକ୍ରମେ ଧ୍ୱଂସ କରାଯିବ। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍‌ଟିଏଫ୍ ଡିଆଇଜି କନ୍‌ୱର ବିଶାଳ ସିଂଙ୍କ ସମେତ ପୁଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜେଲ୍ ଗଲେ କୋଟିପତି ଅଫିସ୍ ଅଧୀକ୍ଷକ ଓ ଷ୍ଟିୱାର୍ଡ

ସମ୍ବଲପୁର, ୧୭ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବୁର୍ଲାସ୍ଥିତ ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଏବଂ ଭିମ୍‌ସାରର ଷ୍ଟିୱାର୍ଡ



ଅଶ୍ୱିନୀ ମେହେରଙ୍କ ୫ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଥିଲା। ତଦନ୍ତ ଜାରି ରହିଥିବାବେଳେ ଏପର୍ଯ୍ୟନ୍ତ ଶ୍ରୀ ବିଶ୍ୱାଳଙ୍କ ଜ୍ଞାତ ଆୟର ୨୩୪% ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିବାବେଳେ ଶ୍ରୀ ମେହେରଙ୍କ ଜ୍ଞାତ ଆୟର ୧୦୪% ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଭୟଙ୍କୁ ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ସେ କହିଛନ୍ତି। ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ମଙ୍ଗଳବାର ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡାଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବାବେଳେ ଆୟଠାରୁ ୨୩୪% ଅଧିକ ସମ୍ପତ୍ତି ଠାବ କରାଯାଇଛି। ସମ୍ବଲପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ କରି ଶ୍ରୀ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ଘର ତଲାସୀ ସମୟରେ, ଶ୍ରୀ ବିଶ୍ୱାଳ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି



ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତନ୍ମଧ୍ୟରେ, ସମ୍ବଲପୁରର ଧନକଉଡ଼ାରେ ଅବସ୍ଥିତ ପ୍ରାୟ ୧୭୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଆବାସିକ ଦୁଇ ମହଲା କୋଠା, ସମ୍ବଲପୁରର ଗୁଡେସିଙ୍ଗାରେ ଅବସ୍ଥିତ ଗୋଟିଏ କୋଠା, ସମ୍ବଲପୁର ସହର ଉପକଣ୍ଠରେ ୩୨ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ଏହାସହ ନଗଦ ୧୯,୮୦,୨୯୦ ଟଙ୍କା, ସୁନା ଅଳଙ୍କାର ୮୩.୦୫ ଗ୍ରାମ ଏବଂ ଜମା ୪୮,୦୯,୩୯୫ ଟଙ୍କା ମିଳିଛି। ତାହାସହ ୨ଟି ମହିନ୍ଦ୍ରା ହାଇୱା ଟ୍ରକ୍, ୨ଟି ମହିନ୍ଦ୍ରା ଟ୍ରାକ୍ଟର, ଗୋଟିଏ ଟ୍ରଲର, ଗୋଟିଏ ଚାରି ଚକିଆ ଗାଡ଼ି (ରେନଲ୍ଟ କାଇଗର) ଏବଂ ୪ଟି ଦୁଇ ଚକିଆ ଗାଡ଼ି ରହିଛି। ପ୍ରାୟ ୧୩.୨୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଏବଂ ଘରୋଇ ସାମଗ୍ରୀ ରହିଛି। ସମ୍ପୂର୍ଣ୍ଣ ଯାଞ୍ଚ, ଇନଭେଣ୍ଟରୀ ଏବଂ ଅଧିକ ତଦନ୍ତ ପରେ, ଶ୍ରୀ ବିଶ୍ୱାଳଙ୍କ ଆୟ, ବ୍ୟୟ ଏବଂ ସମ୍ପତ୍ତି ଗଣନା କରାଯାଇଥିଲା। ଯାହା ତାଙ୍କ ଜ୍ଞାତ ଆୟ ଉତ୍ସଠାରୁ ୨୩୪% ଅଧିକ ରହିଛି। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସେହିପରି ଭିମ୍‌ସାରର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଷ୍ଟିୱାର୍ଡ ଅଶ୍ୱିନୀ ମେହେର ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସମ୍ବଲପୁରର ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ତାଙ୍କୁ ଉପସ୍ଥାପନ କରାଯାଇଥିଲା। ଶ୍ରୀ ମେହେର ତାଙ୍କ ଜ୍ଞାତ ଆୟର ୧୦୪% ପରିମାଣର ଅନୁପାତିକ ସମ୍ପତ୍ତିକୁ ନେଇ କୌଣସି ସନ୍ତୋଷଜନକ ଭାବରେ ହିସାବ ଦେଇପାରିଲେ ନାହିଁ। ଏହି ସମ୍ପର୍କରେ, ସମ୍ବଲପୁର ଭିଜିଲାନ୍ସ କେସ୍ ନଂ. ୮

### ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ

/୨୦୨୬ ରୁଜୁ କରିଛି। ଘର ତଲାସ ସମୟରେ, ଶ୍ରୀ ମେହେର ଏବଂ ତାଙ୍କ ପରିବାରର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତନ୍ମଧ୍ୟରେ, ସମ୍ବଲପୁରର ସୌରଭ ବିହାର, ବୁର୍ଲାରେ ପ୍ରାୟ ୮୧୪୫ ବର୍ଗଫୁଟ କ୍ଷେତ୍ରଫଳ ସହିତ ଗୋଟିଏ ଚାରିମହଲା କୋଠା (ନିର୍ମାଣାଧୀନ), ବୁର୍ଲା ସହର କେନ୍ଦ୍ରୀୟ ବିଦ୍ୟାଳୟ-୨ ନିକଟରେ ଗୋଟିଏ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଅନ୍ୟ ଏକ କୋଠା, ସମ୍ବଲପୁରର ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍, ବୁର୍ଲା ସହରରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ ସହରରେ ୨ଟି ସମେତ ମୋଟ ୧୦ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ଏହାସହ ସୁନା ଅଳଙ୍କାର ୮୩ ଗ୍ରାମ, ୨ଟି ଦୁଇ ଚକିଆ ଯାନ ମିଳିଛି। ପ୍ରାୟ ୧୬.୫୬ ଲକ୍ଷ ଟଙ୍କା ମୂଲ୍ୟର ସୁନା ଏବଂ ଘରୋଇ ସାମଗ୍ରୀ ରହିଛି। ସମ୍ପୂର୍ଣ୍ଣ ଯାଞ୍ଚ, ଇନଭେଣ୍ଟରୀ ଏବଂ ଅଧିକ ତଦନ୍ତ ପରେ, ଷ୍ଟିୱାର୍ଡ ଶ୍ରୀ ମେହେରଙ୍କ ଆୟ, ବ୍ୟୟ ଏବଂ ସମ୍ପତ୍ତି ଗଣନା କରାଯାଇଥିଲା। ତାଙ୍କ ପାଖରେ ଜ୍ଞାତ ଆୟ ଉତ୍ସଠାରୁ ୧୦୪% ଅଧିକ ସମ୍ପତ୍ତି ରହିଥିବା ଜଣାପଡ଼ିଛି। ଏହି ମାମଲାରେ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

## ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

### ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ




ଭୁବନେଶ୍ୱର,୧୭(ସମିସ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ ଆଜି ରାଜ୍ୟର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଏସ୍‌ଆଇଆର)ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସଫଳ ସମାପ୍ତି, ଡିଜିଟାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଛି। କୌଣସି ବି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ଯେପରି ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ରହେ, ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି।

ଚିଠା ଭୋଟର ତାଲିକା ପ୍ରକାଶ ପାଇଲା ପରେ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ, ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ। ୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ାଯାଇପାରିବ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରାଯାଇପାରିବ। ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡଃ ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂଙ୍କ ସମେତ ରାଜନୈତିକ ଦଳ ବିଜୁ ଜନତା ଦଳ ପକ୍ଷରୁ ଦେବୀ ପ୍ରସାଦ ମିଶ୍ର ଓ ବିଜୟ କୁମାର ନାୟକ, ବହୁଜନ ସମାଜ ପାର୍ଟି ପକ୍ଷରୁ ମଧୁସୂଦନ ଯାଦବ, ସିପିଆଇ(ଏମ୍) ପକ୍ଷରୁ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରକାଶ ମିଶ୍ର, ଆମ୍ ଆଦମୀ ପାର୍ଟି ପକ୍ଷରୁ ସନ୍ଦିପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଲେଇପାଟ ଲୁହାପଥର ଖଣି ଲିଜ୍ ଅବଧି ବୃଦ୍ଧି ଆବେଦନ ଖାରଜ

ବାରିପଦା,୧୭(ସମିସ): ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ତହସିଲ୍ ଅନ୍ତର୍ଗତ ସୁଲେଇପାଟ୍ ଲୁହାପଥର ଖଣିର ଲିଜ୍ ଅବଧି ବୃଦ୍ଧି ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଖଣି ପଟ୍ଟାଧାରୀ ବିରାଟ ଚନ୍ଦ୍ର ଡଗରାଙ୍କ ଦ୍ୱାରା ଦାୟର ହୋଇଥିବା ରିଟ୍ ପିଟିସନର ଚୂଡ଼ାନ୍ତ ଶୁଣାଣି କରି ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଏହି ଖଣି ଲିଜ୍ ୧୯୭୫ ଅକ୍ଟୋବର ୨୫ରୁ ୩୦ ବର୍ଷ ପାଇଁ ବଜରଙ୍ଗଲାଲ ପାଡ଼ିଆଙ୍କ ନାମରେ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୮୪ ଅକ୍ଟୋବର ୧୦ ତାରିଖରେ ବିରାଟ ଚନ୍ଦ୍ର ଡଗରାଙ୍କ ନାମକୁ ହସ୍ତାନ୍ତର କରାଯାଇଥିଲା। ୨୦୧୫ରେ ଏମ୍‌ଏମ୍‌ଡିଆର୍ ଆକ୍ଟ ସଂଶୋଧନ ପରେ ସମସ୍ତ ପୁରୁଣା ଲିଜ୍ ଅବଧିକୁ ୫୦ ବର୍ଷକୁ ବୃଦ୍ଧି କରାଯାଇଥିଲା। ଯଦ୍ୱାରା ରାଜ୍ୟ ସରକାର ଏକ ପରିପୂରକ ଚୁକ୍ତିନାମା ବା ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍ ଜରିଆରେ ଏହି ଅବଧିକୁ ୨୦୨୫ ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ, ଖଣି ଲିଜ୍ ଚୁକ୍ତିନାମାର ପଞ୍ଜୀକରଣ ୧୯୭୬ ମେ' ୨୪ରେ ହୋଇଥିବାରୁ, ୫୦ ବର୍ଷର ଅବଧିକୁ ୨୦୨୬ ମେ' ୨୩ ପର୍ଯ୍ୟନ୍ତ ଗଣନା କରାଯାଉ। ସରକାରୀ ବିଭାଗର ଅପାରଗତା ଓ ବିଭିନ୍ନ ବିବାଦ କାରଣରୁ ସେ ଦୀର୍ଘ ଦିନ ଧରି ଖଣି କାର୍ଯ୍ୟ କରିପାରି ନ ଥିଲେ। ତେଣୁ ସେହି ନଷ୍ଟ ହୋଇଥିବା ସମୟ ବାବଦକୁ ଆଉ ଅତିରିକ୍ତ ୨୦ ମାସର ସମୟ ଅର୍ଥାତ୍ ୨୦୨୭ ଜୁନ୍ ୨୪ ପର୍ଯ୍ୟନ୍ତ ତାଙ୍କୁ ଅନୁମତି ପ୍ରଦାନ କରାଯାଉ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହି ଦାବିକୁ ଦୃଢ଼ ବିରୋଧ କରିଥିଲେ। ସେ ଦର୍ଶାଇଥିଲେ ଯେ ଆବେଦନକାରୀ ନିଜେ ୨୦୧୯ ମସିହାରେ ସମ୍ପୂର୍ଣ୍ଣ ସଜାଗ ରହି "ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍' ସ୍ୱାକ୍ଷର କରିଥିଲେ। ଯେଉଁଥିରେ ଲିଜ୍ ଅବଧିର ଶେଷ ତାରିଖ ୨୦୨୫ ଅକ୍ଟୋବର ୨୪ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି ଏବଂ ସେ ଏହାକୁ ଗ୍ରହଣ କରିସାରିଛନ୍ତି। ସପ୍ଲିମେଣ୍ଟାରୀ ଚୁକ୍ତିନାମାରେ ଧାର୍ଯ୍ୟ ହୋଇଥିବା ତାରିଖକୁ ବଦଳାଯାଇ ପାରିବନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଶାଶ୍ୱତ ଦାସ ଓ ଦେବାଶିଷ ତ୍ରିପାଠୀ ଏବଂ ଏଏସ୍‌ସି ଐଶ୍ୱର୍ଯ୍ୟା ଦାଶ ମାମଲା ପରିଚାଳନା କରୁଥିଲେ।

### ଏକ୍ସପ୍ରେସ ଟ୍ରେନ୍ ରହଣି ଦାବିରେ ନର୍ଲା ରୋଡ୍‌ରେ ଆନ୍ଦୋଳନ

## ୨ ଘଣ୍ଟା ଅଟକି ରହିଲା ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍

ଭବାନୀପାଟଣା,୧୭(ସମିସ): ନର୍ଲାରୋଡ୍ ରେଳ ଷ୍ଟେସନରେ ସ୍ୱାଭିମାନ ମଞ୍ଚ ନର୍ଲା ନେତୃତ୍ୱରେ ବୁଧବାର ରେଳରୋକ ଆନ୍ଦୋଳନ ହୋଇଥିଲା। ଏହାର ବରିଷ୍ଠ କର୍ମକର୍ତ୍ତା ଦୁର୍ଯ୍ୟୋଧନ କୁମାର, ପ୍ରଦୀପ ନାଏକ, ଦୀପୁ ପାତ୍ର, ଚୁଳମଣି ଗୌଡ଼ିଆ, କୁମୁଦ ନାଏକ, ହେମେସ୍ ଜୈନ, ନିକୁଞ୍ଜ ଦତ୍ତା, ନନ୍ଦକିଶୋର ଜେନା, ମୀନ କେତନ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ

### ଡିସିଏମ୍‌ଙ୍କ ପ୍ରତିଶ୍ରୁତି ପରେ ଓହରିଲେ ଆନ୍ଦୋଳନକାରୀ

ଆନ୍ଦୋଳନକାରୀ ରେଳ ଧାରଣାରେ ବସି ସମ୍ବଲପୁର-ରାୟଗଡା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌କୁ ୨ ଘଣ୍ଟା ଧରି ଅଟକ ରଖିଥିଲେ। ନର୍ଲା ସରପଞ୍ଚ ସଂଘ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଶହଶହ ଯୁବକ ଏବଂ ସେବାକାରୀ କିନ୍ନର ସଂଘ ସାମିଲ ହୋଇଥିଲେ। ସକାଳ ୮.୩୦ରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ପ୍ରଥମେ ଆର୍‌ପିଏଫ୍ ଓ ସ୍ଥାନୀୟ ପୁଲିସ ରେଳଷ୍ଟେସନର ମୁଖ୍ୟ ଦ୍ୱାରରେ ଆନ୍ଦୋଳନକାରୀଙ୍କୁ ଅଟକାଇ ଥିଲେ। ତେବେ ଅନେକ ଯୁବ ନେତା ଓ ମହିଳା ସଦସ୍ୟା



ବାଡ଼ଡେଇଁ ଧସେଇ ପଶି ରେଳ ଧାରଣା ଉପରକୁ ଚାଲି ଆସିଥିଲେ। ଏହାପରେ ଶତାଧିକ ସଂଖ୍ୟାରେ ଲୋକେ ଆସି ଧାରଣା ଉପରେ ବସି ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌କୁ ଅଟକ ରଖିବାରେ ସଫଳ ହୋଇଥିଲେ। ଆନ୍ଦୋଳନ ଚାଲିଥିବା ଜାଣି ସମତା ସୁପର ଫାଷ୍ଟ ଏକ୍ସପ୍ରେସ ଟ୍ରେନ କାଣ୍ଡେଲରୋଡ ଷ୍ଟେସନରେ ରହିଯାଇଥିଲା। ଏଠାରେ ଆର୍‌ପିଏଫ୍, ସ୍ଥାନୀୟ ପୁଲିସ ଶୃଙ୍ଖଳା ବ୍ୟବସ୍ଥା ବୁଝୁଥିବାବେଳେ ରେଳ ବିଭାଗ ଚିଫ୍ କମର୍ସିଆଲ ଅଫିସର ଶୁଭ୍ରାଂଶୁ ପରିଡ଼ା, କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ଆରପିଏଫ ଏଏସସିଏମ୍ କିସ୍‌କୁ, ନର୍ଲା ଆଇଆଇସି, ମ.ରାମପୁର ଆଇଆଇସି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ହେଲେ ଦାବି କରାଯାଇଥିବା ଟ୍ରେନ୍ ଗୁଡ଼ିକର ରହଣୀ ପ୍ରତିଶ୍ରୁତି ନ ଦେଲେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଆନ୍ଦୋଳକାରୀମାନେ ଜିଦ୍‌ରେ ଅଟଳ ରହିଥିଲେ। ପରେ ସମ୍ବଲପୁର ଡିଭିଜନର ଡିସିଏମ୍ ଅଙ୍କିତ ମିଶ୍ର ଆସି ଦାବି କରାଯାଇଥିବା ଟ୍ରେନ୍ ଗୁଡ଼ିକ ରହଣୀକୁ ନିଶ୍ଚିତ ଘୋଷଣା କରିବାରୁ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ କୋଭିଡ୍ ପୂର୍ବରୁ ଏହି ଷ୍ଟେସନରେ ରହୁଥିବା ସମସ୍ତ ଟ୍ରେନର ରହଣିକୁ ପୁନଃ କାର୍ଯ୍ୟକାରୀ କରାଯାଉ, ରହଣୀ ପାଇଁ ଦାବି ରହିଥିବା ଟ୍ରେନ ଗୁଡ଼ିକ ୧୨୮୦୭/୧୨୮୦୮ ସମତା ଏକ୍ସପ୍ରେସ, ୧୨୮୭୧/୧୨୮୭୨ ଇସ୍ପାତ ଏକ୍ସପ୍ରେସ, ୧୭୪୮୧/୧୭୪୮୨ ବିଲାସପୁର-ତିରୁପତି ଏକ୍ସପ୍ରେସ, ୧୮୧୮୯/୧୮୧୯୦ ଟାଟାନଗର-ଏର୍ଣ୍ଣାକୁଲମ ଏକ୍ସପ୍ରେସ, ୧୮୪୦୭/୧୮୪୦୮ ପୁରୀ-କୋରାପୁଟ ଏକ୍ସପ୍ରେସ, ଟାଟା-ଯଶବନ୍ତପୁର ଏକ୍ସପ୍ରେସ, ୨୦୮୦୯/୨୦୮୧୦ ନାଗାବଳୀ ଏକ୍ସପ୍ରେସ, ଏହାସହ ଲୋକଙ୍କ ପାଇଁ ଅତ୍ୟନ୍ତ ଜରୁରୀ ହୋପଡ଼ିଥିବା ଜାତୀୟ ରାଜପଥ-୨୬ ନର୍ଲାର ରେଳଫାଟକ ନିକଟରେ ରେଳ ଓଭରବ୍ରିଜ୍ ନିର୍ମାଣ କରାଯାଉ, ସମସ୍ତ ପ୍ଲାଟଫର୍ମରେ ଲିଫ୍ଟ ସ୍ଥାପନ। ଯାତ୍ରୀ ସୁବିଧାର ଉନ୍ନତି ଏବଂ ସମସ୍ତ ଅନୁମୋଦିତ କାର୍ଯ୍ୟ ପାଇଁ ଲିଖିତ ସମୟସୀମା ଘୋଷଣା କରାଯାଉ ବୋଲି ଏକ ଦାବିପତ୍ର ସ୍ୱାଭିମାନ ମଞ୍ଚ ଡିସିଏମ୍‌ଙ୍କୁ ପ୍ରଦାନ କରିଥିଲା।

# ଲୋପ ପାଉଛି ହଳ ଲଙ୍ଗଳ

ଉମରକୋଟ, ୧।୭ (ସମିସ): ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହିତ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଘଟିଛି। ଆଜିର ଯୁଗରେ ଟ୍ରାକ୍ଟର, ପାୱାର ଟିଲର ଓ ଅନ୍ୟାନ୍ୟ ଆଧୁନିକ କୃଷି ଯନ୍ତ୍ରପାତି କୃଷକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଫଳରେ, ପାରମ୍ପରିକ ହଳଲଙ୍ଗଳର ବ୍ୟବହାର ପୂର୍ବ ତୁଳନାରେ ବହୁ ପରିମାଣରେ କମିଯାଇଛି। ତଥାପି, ନବରଙ୍ଗପୁର ଜିଲ୍ଲା ଉମରକୋଟ ଭଳି ଦୁର୍ଗମ ଅଞ୍ଚଳରେ ଆଜି ମଧ୍ୟ ଅନେକ କୃଷକ ବଳଦ ସହାୟତାରେ ଚାଷକାର୍ଯ୍ୟ କରୁଛନ୍ତି। ପାହାଡ଼ିଆ, ସଂକୀର୍ଣ୍ଣ ଜମି ଅବା ଯେଉଁ ସ୍ଥାନରେ ଟ୍ରାକ୍ଟର ପହଞ୍ଚିବା ସମ୍ଭବ ହେଉନି, ସେଠାରେ ହଳଲଙ୍ଗଳ ହିଁ କୃଷକଙ୍କ ଏକମାତ୍ର ଭରସା ପାଲଟିଛି। ବଳଦ କେବଳ ଚାଷ କାମରେ ସହଯୋଗ କରେ ନାହିଁ, ବରଂ, ଏହାର ଗୋବର ଓ ମୂତ୍ର ଜୈବିକ ସାର ଏବଂ କୀଟନାଶକ ପ୍ରସ୍ତୁତିରେ ବହୁ ଉପଯୋଗୀ ସାବ୍ୟସ୍ତ ହେଉଛି। ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମିର ଉର୍ବରତା କମିଯାଉଥିବା ବେଳେ ଜୈବିକ ସାର ଜମିର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସହ ପରିବେଶ ସନ୍ତୁଳନ ବଜାୟ ରଖିବାରେ ସହାୟକ ହେଉଛି। ସେଥି ପାଇଁ, ବର୍ତ୍ତମାନ ଜୈବିକ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବା ସହ ହଳଲଙ୍ଗଳର ଗୁରୁତ୍ୱ ପୁଣିଥରେ ଅନୁଭବ କରାଯାଉଛି। ଆଧୁନିକ କୃଷି ଯନ୍ତ୍ରପାତି ସମୟ ଓ ଶ୍ରମ ସଞ୍ଚୟ କରୁଥିବା ସତ୍ତ୍ୱେ ଏହାର ଇନ୍ଧନ ଖର୍ଚ୍ଚ, ରକ୍ଷଣାବେକ୍ଷଣ ବ୍ୟୟ ଏବଂ ଛୋଟ କୃଷକଙ୍କ ପାଇଁ ଆର୍ଥିକ ବୋଝର କାରଣ ସାଜୁଛି। ଅନ୍ୟପକ୍ଷରେ, ବଳଦ ଦ୍ୱାରା ଚାଷ କଲେ ଖର୍ଚ୍ଚ କମ୍ ହେବା ସହ ପରିବେଶ ଉପରେ ପ୍ରଦୂଷଣର ପ୍ରଭାବ ପଡୁନାହିଁ। ଏଣୁ, ଅନେକ କ୍ଷୁଦ୍ର ଓ ପ୍ରାନ୍ତିକ କୃଷକ ଆଜି ମଧ୍ୟ ପାରମ୍ପରିକ ହଳଲଙ୍ଗଳକୁ ପ୍ରାଧାନ୍ୟ ଦେଉଛନ୍ତି। ଆଧୁନିକତାର ଭିଡ଼ରେ ଏହାର ବ୍ୟବହାର କମିଥିଲେ ମଧ୍ୟ ଏହାର ଆବଶ୍ୟକତା, ଉପଯୋଗିତା ଓ ଗୁରୁତ୍ୱ ଆଜି ମଧ୍ୟ ଅକ୍ଷୁର୍ଣ୍ଣ ରହିଛି।

# ରାୟଗଡ ଲେଡିଜ୍ ୱାର୍କର୍ସ କ୍ଲବ ପକ୍ଷରୁ ଡାକ୍ତର ଦିବସ



ରାୟଗଡ଼, ୧।୭ (ସମିସ): ରାୟଗଡ ଲେଡିଜ୍ ୱାର୍କର୍ସ କ୍ଲବ ପକ୍ଷରୁ ବୁଧବାର ପ୍ରେମ ପାହାଡ଼ କମ୍ୟୁନିଟି ହଲ୍‌ଠାରେ ଡାକ୍ତର ଦିବସ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ବିଶିଷ୍ଟ ଚିକିତ୍ସକ ଡା. ଦୁଃଖୀଶ୍ୟାମ ଦାଶ, ଡା. ତିରୁପତି ପ୍ରସାଦ ପଟ୍ଟନାୟକ ଏବଂ ଡା. ସଂଗ୍ରାମ କେଶରୀ ନିମାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥିମାନେ ସୁସ୍ଥ ଜୀବନଶୈଳୀ, ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ ଓ ସ୍ୱାସ୍ଥ୍ୟ ସଚେତନତା ଉପରେ ପରାମର୍ଶ ଦେଇଥିଲେ। କ୍ଲବର ସଭାନେତ୍ରୀ ସ୍ମିତା ପାଢ଼ୀଙ୍କ ନେତୃତ୍ୱରେ ଏବଂ ସମ୍ପାଦିକା ଅଞ୍ଜଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ମୁଖ୍ୟ ସଂଯୋଜକ ଅଭିମନ୍ୟୁ ନାୟକ, ଡିଜି ପ୍ରତାପଚନ୍ଦ୍ର ବାଉରୀ ଏବଂ କ୍ଷେତ୍ର ସଂଯୋଜକ ଟି. ଜୟରାମ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କ୍ଲବର ବୋର୍ଡ ସଦସ୍ୟା ଅଲକା ଦାଶ, ଟି. ରଶ୍ମିତା, ସୁଜାତା ପାଲୋ, ଆଶାଲତା ପଟ୍ଟନାୟକ, ରୀନାରାଣୀ ଲେଙ୍କା, ଜେ. ମୀତାରାଣୀଙ୍କ ସମେତ ବହୁ ସଦସ୍ୟା ଉପସ୍ଥିତ ଥିଲେ।

● ବିଦ୍ୟୁତ୍ ଆଘାତରେ ୩ ଗୋରୁ ମୃତ

# ବୀମାଭୁକ୍ତ ଗୋ-ପାଳକଙ୍କୁ ସହାୟତା ମିଳିବ: ଅଧିକାରୀ

ରାୟଗଡ, ୧।୭ (ସମିସ): ବିଦ୍ୟୁତ୍ ବିଭାଗ ପକ୍ଷରୁ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ, ଅନ୍ୟପଟେ ବିଦ୍ୟୁତ୍ ଆଘାତରେ ତିନୋଟି ମୂଲ୍ୟବାନ ଗୋରୁଙ୍କ ମୃତ୍ୟୁ ଘଟିବା ଘଟଣା ବିଭାଗର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ରାୟଗଡ ସହରସ୍ଥିତ ଅଞ୍ଜିଆପେଟାରେ ଏକ ଦୁଧିଆଳି ଗାଈ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ବେଳେ, କିଛିଦିନ ପୂର୍ବରୁ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ବେହେରାଗୁଡ଼ା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଆଉ ଦୁଇଟି ଗୋରୁର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗୋପାଳକମାନଙ୍କର ବ୍ୟାପକ ଆର୍ଥିକ କ୍ଷତି ହୋଇଛି। ବେହେରାଗୁଡ଼ା ଗ୍ରାମର ନରଜୁ ବିଡ଼ିକା ଓ ଅଶ୍ୱିନୀ ବୈଷ୍ଣବ ବିଡ଼ିକା ନିଜର ମୂଲ୍ୟବାନ ଗୋସମ୍ପଦ ହରାଇ ଗଭୀର ଦୁଃଖ ପ୍ରକାଶ କରିବା ସହ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି। ସେହିପରି ଅଞ୍ଜିଆପେଟାରେ ଦୁଧିଆଳି ଗାଈ ମରିଯିବା ପରେ ସମ୍ପୃକ୍ତ ଗୋପାଳକ ଗଭୀର ଚିନ୍ତାରେ ପଡ଼ିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ବିଭାଗ ସୁରକ୍ଷା ସଚେତନତା ସୃଷ୍ଟି କରୁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ବିପଦପୂର୍ଣ୍ଣ ବିଦ୍ୟୁତ୍ ବ୍ୟବସ୍ଥାର ମରାମତି ଓ ରକ୍ଷଣାବେକ୍ଷଣ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନଥିବାରୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ବିଭାଗର ଅଧିକାରୀ ଦେବାଶିଷ ଜେନା କହିଛନ୍ତି ଯେ ଯେଉଁ ଗୋପାଳକମାନଙ୍କର ଗୋସମ୍ପଦ ବୀମାଭୁକ୍ତ ରହିଛି, ସେମାନଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ସେହି ସହ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

# ନାବାଳିକା ଗର୍ଭବତୀ ମାମଲାରେ ଯୁବକ ଗିରଫ

ନାରାୟଣପାଟଣା, ୧।୭ (ସମିସ): ଜଣେ ନାବାଳିକାକୁ ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେଇ ଛ ମାସ ଗର୍ଭବତୀ କରିବା ଘଟଣାର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। କୁମ୍ଭାରୀ ପଞ୍ଚାୟତର ଦଣ୍ଡା ବାଡ଼ି ଗ୍ରାମର ମାନୁ କେଣ୍ଡୁକା (୨୦) ଜଣେ ନାବାଳିକାକୁ ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେଇଥିଲା। ନାବାଳିକା ଛ ମାସରେ ଗର୍ଭବତୀ ହୋଇଥିବା ଜଣାପଡ଼ିବା ପରେ ପୀଡିତାର ପରିବାର ବର୍ଗ ଜାଣି ପୁଅ ଏବଂ ପରିବାର ବର୍ଗଙ୍କୁ ଜଣେଇଥିଲେ। ନାବାଳିକାର ପରିବାର ପୁଅ ଘରକୁ ଯାଇ ଘଟଣା ବିଷୟରେ ଜଣେଇବାରେ ପରେ କୈଣସି ସୁଫଳ ପାଇ ନଥିଲେ। ଫଳରେ ନାବାଳିକାର ଭାଇ ଓ ଭାଉଜ ଥାନାକୁ ଆସି ଘଟଣା ବିଷୟରେ ଲିଖିତ ଅଭିଯୋଗ କରିବା ପରେ ଆଜି ପୁଲିସ ମାନକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି।

# ଜୟପୁରରୁ ବିମାନ ଭଡ଼ାରେ ପୁଣି ବୃଦ୍ଧି; ଯାତ୍ରୀ ଅସନ୍ତୋଷ



ଜୟପୁର, ୧।୭ (ସମିସ): ସରକାରଙ୍କ ଉଡାନ ଯୋଜନାରେ ସାଧାରଣ ଲୋକଙ୍କୁ କମ୍ ମୂଲ୍ୟରେ ବିମାନ ସେବା ପ୍ରଦାନ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା; କିନ୍ତୁ ଗତ ୬ ମାସ ପୂର୍ବରୁ ବର୍ଷର ପହିଲା ଦିନଠାରୁ ଜୟପୁର ଭୁବନେଶ୍ୱର ଏବଂ ଜୟପୁର ବିଶାଖପାଟଣା ବିମାନସେବା ଟିକଟ ଭଡା ବୃଦ୍ଧି ହୋଇଥିବା ବେଳେ ପୁଣି ୬ ମାସ ପରେ ଆଜିଠାରୁ ବିମାନ ସେବା ଟିକଟ ଭଡା ବୃଦ୍ଧିକୁ ନେଇ ସାଧାରଣ ଓ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜୟପୁରଠାରୁ ଭୁବନେଶ୍ୱରକୁ ୪୧୩ ଟଙ୍କା ବୃଦ୍ଧି ହୋଇଥିବା ବେଳେ ବିଶାଖାପାଟଣାକୁ ୨୫୦ଟଙ୍କା ବୃଦ୍ଧି ହୋଇଛି। ଗତ ନବବର୍ଷରେ ଭଡା ବୃଦ୍ଧି କରାଯାଇ ଭୁବନେଶ୍ୱରକୁ ଜଣେ ଯାତ୍ରୀଙ୍କ ପିଛା ୪୬୨୦ ଟଙ୍କା ଯାତ୍ରୀ ଟିକଟଭଡା ରହିଥିବା ବେଳେ ବର୍ତ୍ତମାନ ଏହା ୫୦୩୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବିଶାଖପାଟଣାକୁ ପୂର୍ବରୁ ୩୦୪୦ ଟଙ୍କା ରହିଥିବା ବେଳେ ଏହା ବୃଦ୍ଧି କରାଯାଇ ୩୨୯୦ ଟଙ୍କା ହୋଇଛି। ଏହିପରି ଚଳିତ ବର୍ଷ ଛଅ ମାସ ମଧ୍ୟରେ ବିମାନ କମ୍ପାନୀ ଇଣ୍ଡିଆ ୱାନ ଯାତ୍ରୀ ଟିକଟ ଭଡା ବୃଦ୍ଧିକୁ ନେଇ ଯାତ୍ରୀ ଓ ସାଧାରଣରେ ସମାଲୋଚନା କରାଯାଇଛି।

ପ୍ରକାଶଯେ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଜମି ଏବଂ ଅନ୍ୟାନ୍ୟ ସେବା ପ୍ରଦାନ ପରେ ଗତ ୨୦୨୨ ମସିହାଠାରୁ ୯ ସିଟ ବିଶିଷ୍ଟ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏହି ଯାତ୍ରୀବାହୀ ବିମାନ ସେବା ନିମନ୍ତେ ଭୁବନେଶ୍ୱର ପାଇଁ ପ୍ରାରମ୍ଭରୁ ଯାତ୍ରୀ ଟିକଟ ଭଡା ୩ହଜାର ୬୭୪ ଟଙ୍କା ଏବଂ ବିଶାଖପାଟଣାକୁ ୨୪୦୨ ଟଙ୍କା ଜଣକ ପିଛା ରହିଥିଲା। ଉପାନ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାର ସାଧାରଣ ଲୋକ ମଧ୍ୟ ବିମାନ ଯୋଗେ ଯାତ୍ରା କରିବା ଉଦ୍ଦେଶ୍ୟରେ କମ୍ ଟିକଟ ଭଡାରେ ଭୁବନେଶ୍ୱରକୁ ବିମାନ ସେବା ନେଇ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ଗତ ୨୦୨୨ ମସିହା ୩୧ ତାରିଖରେ ୯ ସିଟ ବିଶିଷ୍ଟ ବିମାନ ସେବାର ଶୁଭାରମ୍ଭ ହୋଇଥିଲା। ଏହାର କିଛି ଦିନ ପରେ ବିଶାଖପାଟଣାକୁ ମଧ୍ୟ ଏହି ବିମାନ ଯାତ୍ରା ଜୟପୁରଠାରୁ ଆରମ୍ଭ କରିଥିଲା। ଲୋକଙ୍କ ଯାତ୍ରାର ଚାହିଦା ଏବଂ ଦାବି ଅନୁଯାୟୀ, ୨୦୨୩ ନଭେମ୍ବରରୁ ଅପରାହ୍ନରେ ୨ୟ ବିମାନ ସେବା ଆରମ୍ଭ ହୋଇଥିଲା। ନିତିଦିନିଆ ଏହି ବିମାନ ସେବା ଆରମ୍ଭ ହୋଇଥିବା ବେଳେ ପ୍ରଥମ ବିମାନ ଭୁବନେଶ୍ୱରରୁ ଜୟପୁର ଆସିବା ପରେ ପୁଣି ଫେରିଯାଉଛି। ଦ୍ୱିତୀୟ ବିମାନ ଭୁବନେଶ୍ୱରଠାରୁ ଯାତ୍ରା ଆରମ୍ଭ କରିବା ପରେ ଜୟପୁର ଠାରେ ପହଞ୍ଚି ଏଠାରୁ ବିଶାଖପାଟଣା ଯାଇ ପୁଣି ଜୟପୁର ଫେରିବା ସହିତ ଭୁବନେଶ୍ୱର ଯାତ୍ରା କରୁଛି। ଏହିପରି ବିମାନ ବନ୍ଦରର ସମ୍ପ୍ରସାରଣ ଓ ରନୱେ ବୃଦ୍ଧି ହୋଇଥିଲେ ସୁଦ୍ଧା, ପୂର୍ବରୁ ଘୋଷିତ ୪୨ କିମ୍ବା ୭୦ ସିଟ୍ ବିଶିଷ୍ଟ ଯାତ୍ରୀ ବିମାନ ଆରମ୍ଭ ହୋଇପାରିନାହିଁ।

# ୧୩ଟି ସାପ ଅଣ୍ଡା ଉଦ୍ଧାର



ଉମରକୋଟ, ୧।୭ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦର ୱାର୍ଡ ନଂ ୩ ଦଶହରାପଦା ସାହିଠାରେ ୧୩ଟି ସାପ ଅଣ୍ଡା ଉଦ୍ଧାର କରାଯାଇଥିବା ବେଳେ ଘର ମାଲିକ ଓ ସାହିବାସୀ ଭୟରେ ରହିଛନ୍ତି। ସାପ ଅଣ୍ଡା ପକ୍ଷୀଙ୍କ ଅଣ୍ଡା ଭଳି ଟାଣ ହୋଇ ନଥାଏ, ବର୍ଷାଦିନେ ସାପଗୁଡ଼ିକ ଗାତରୁ ବାହାରକୁ ଆସିଥାନ୍ତି। ଘର ବାହାରେ ଏକ କୋଣ ମଧ୍ୟରେ ଥିବା ଏକ ଗୋଲି ମଧ୍ୟରେ ଏକ ଢଣ୍ଡିଆ ସାପ ୧୩ଟି ଅଣ୍ଡା ଦେଇଥିବା ଦେଖିବାକୁ ମିଳିଥିଲା। ପରେ ସେହି ଅଣ୍ଡା ସବୁ ବାହାରେ ଜଙ୍ଗଲ ମଧ୍ୟରେ ଛାଡ଼ିଦେଇ ଥିବା ସୂଚନା ମିଳିଛି।

■ ବ୍ୟାଙ୍କ ଋଣ ଠକେଇ ମାମଲା

# ଜବତ ସୁନା ଓ ଘରୋଇ ସାମଗ୍ରୀ ହସ୍ତାନ୍ତର



ଜୟପୁର, ୧।୭ (ସମିସ): ଜୟପୁରର ନୂଆସାହି ଅଞ୍ଚଳରେ ଏକ ସଂସ୍ଥା ଲୋକଙ୍କ ବ୍ୟାଙ୍କ ଋଣ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଲାଳସା ଦେଖାଇ ଠକିଥିବା ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ଘରୋଇ ଉପକରଣ ସାମଗ୍ରୀ ଅଭିଯୋଗକାରୀଙ୍କୁ ଟାଉନଥାନାରେ ପୁଲିସ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିଉଲ ଏବଂ ଟାଉନଥାନାଧିକାରୀ ଉଲ୍ଲାସଚନ୍ଦ୍ର ରାଉତଙ୍କ ଉପସ୍ଥିତରେ ସମୁଦାୟ ୪ ଜଣଙ୍କୁ ସୁନା ଅଳଙ୍କାର ଏବଂ ୩ ଜଣଙ୍କୁ ବିଦ୍ୟୁତ ଏ.ସି, ଫ୍ରିଜ୍ ଏବଂ ଇନଭେର୍ଟର ପ୍ରଦାନ କରାଯାଇଛି। ଏହିପରି ୪ ଜଣ ଅଭିଯୋଗକାରୀଙ୍କଠାରୁ ସୁନା ଅଳଙ୍କାର ଗିରଫ ଅଭିଯୁକ୍ତ ଠକ ନେଇଥିଲେ ସେମାନଙ୍କ ଆବଶ୍ୟକ ପ୍ରମାଣ ଅନୁଯାୟୀ ସୁନା ଅଳଙ୍କାର ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ୩ ଜଣ ଅଭିଯୋଗକାରୀଙ୍କ ନାମରେ ମାସିକ ଟଙ୍କା ପୈଠ କରିବାକୁ କହି ଋଣ ନେଇ ଏ.ସି, ଇନଭେଟର ଏବଂ ଫ୍ରିଜ୍ କ୍ରୟ କରିଥିଲେ। ମାସିକ ଋଣ ଦେୟ ପୈଠ କରୁନଥିବା ଯୋଗୁଁ ଉକ୍ତ ଅଭିଯୋଗକାରୀ ମାନେ ବାଧ୍ୟବାଧକ ହୋଇ ପୈଠ କରୁଥିଲେ। ଏହିପରି ନୂଆସାହି ଅଞ୍ଚଳର ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଗତ ମେ ମାସ ୧୨ ତାରିଖରେ ବ୍ୟାଙ୍କରୁ ଋଣ କରାଇଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ନେଇ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟାଉନଥାନା ପୁଲିସ ପକ୍ଷରୁ ଏଥିନେଇ ଥାନାରେ ଏକ ମାମଲା ରୁଜ କରାଯାଇ ସହିତ ତଦନ୍ତ ଆରମ୍ଭ କରାଯାଇଥିଲା ଏବଂ ଠକ ତଥା ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଇଚ୍ଛାପୁର ଅଞ୍ଚଳ ବାସିନ୍ଦା ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ପଣ୍ଡା(୩୪)ଙ୍କୁ ଜୟପୁର ଟାଉନଥାନା ପୁଲିସ ଗତ ମାସ ୨୩ ତାରିଖରେ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଥିଲେ। ଏହିପରି ଗିରଫ ଠକଙ୍କଠାରୁ ତାଙ୍କ ନିକଟରୁ ୩ଲକ୍ଷ ୯୨ ହଜାର ନଗଦ ଟଙ୍କା, ୧୩ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର, ଗୋଟିଏ ବାଇକ, ଏ.ସି, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଗୃହରେ ବ୍ୟବହୃତ ଆସବପତ୍ର ସମୁଦାୟ ୨୦ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରିଥିଲେ। ଏହି ମାମଲାର ତଦନ୍ତକାରୀ ଏସ.ଆଇ ଦୀପକ ପଣ୍ଡା ଏବଂ ଗୋବିନ୍ଦଚନ୍ଦ୍ର ହାଂସଦା ସହାୟତାରେ ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସାମଗ୍ରୀ ଜବତ କରିଥିଲେ।

● ୬,୫୫୦ ଲିଟର ପୋଚ ଓ ୫୧୫ ଲିଟର ଦେଶୀମଦ ଜବତ

# ଦୁଇ ଗ୍ରାମରେ ଚଢ଼ଉ; ୩ ମାମଲା ରୁଜୁ, ଜଣେ ଅଭିଯୁକ୍ତ ଚିହ୍ନଟ



ରାୟଗଡ, ୧।୭ (ସମିସ): ଜିଲ୍ଲାର ଗୁଣପୁର ଅବକାରୀ ରେଞ୍ଜ ପକ୍ଷରୁ ବୁଧବାର କୋଟାହୁଡ଼ା ଓ ନରସିମୁଣ୍ଡା ଗ୍ରାମରେ ଚଢ଼ଉ କରାଯାଇଥିଲା। ଅବକାରୀ ନିରୀକ୍ଷକ ଓ ଗୁଣପୁର ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ, ଗୁଣପୁର ଉପଅବକାରୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଚଢ଼ଉ ଅଭିଯାନ ପରିଚାଳିତ ହୋଇଥିଲା। ଚଢ଼ଉ ସମୟରେ ମୋଟ ୩ଟି ମାମଲା ରୁଜୁ କରାଯାଇଛି। ପ୍ରଥମ ମାମଲାରେ ୩,୫୦୦ ଲିଟର ପୋଚ ଓ ୨୪୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ, ଦ୍ୱିତୀୟ ମାମଲାରେ ୩,୦୫୦ ଲିଟର ପୋଚ ଓ ୨୬୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ତୃତୀୟ ମାମଲାରେ ପୀତବାସ ଶବର ନାମକ ଜଣେ ଅଭିଯୁକ୍ତ ନିକଟରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯାନରେ ସମୁଦାୟ ୬,୫୫୦ ଲିଟର ପୋଚ ଏବଂ ୫୧୫ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ବେଆଇନ ମଦ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ରାୟଗଡ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ ସୂଚନା ଦେଇଛନ୍ତି।

# ଜାତୀୟ ଡାକ୍ତର ଦିବସରେ ରକ୍ତଦାନ ଶିବିର



କୋରାପୁଟ, ୧।୭ (ସମିସ): ଜାତୀୟ ଡାକ୍ତର ଦିବସ ଅବସରରେ ଆଜି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜର ଏସଏସଜି ସୋସାଇଟୀ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡାଃ ସୁଶାନ୍ତ କୁମାର ସାହୁ ଓ ଡିନ୍ ଡାଃ ସସ୍ମିତା ସ୍ୱାଇଁ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ବାୟୋକେମିଷ୍ଟ୍ରି ବିଭାଗ ମୁଖ୍ୟ ଡାଃ ଅନୁଭା ମିଶ୍ର ଓ ପାଥୋଲୋଜି ବିଭାଗ ମୁଖ୍ୟ ଡାଃ ପି କେ ଦାସ ନିମନ୍ତ୍ରିତ ଅତିଥି ଭାବେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଏମ୍‌ବିବିଏସ ଛାତ୍ରଛାତ୍ରୀ ପ୍ରଥମ ଥର ରକ୍ତଦାନ କରିଥିଲେ। ଏସଏଲଏନ୍ ମେଡିକାଲ୍ କଲେଜ ବ୍ଲଡ ବ୍ୟାଙ୍କର ଡ଼ଃ ମଧୁସୁଦନ ବଳିଆରସିଂ, ରଘୁନାଥ ମହନ୍ତ, ଗୀତା ପରିଡା ଓ ସଞ୍ଜୟ ସିଂଙ୍କ ସମେତ ଅନ୍ୟ ଷ୍ଟାଫ ରକ୍ତ ସଂଗ୍ରହ କରିଥିଲେ। ଅଂଶୁମାନ ପଣ୍ଡା ଓ ଅଙ୍କିତା ମାହାପାତ୍ର ସହଯୋଗ କରିଥିଲେ। ଶିବିରରେ ମୋଟ ୩୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

# ରାୟଗଡ଼ରେ ଏନ୍‌ଆଇଏ ଟିମ୍

ରାୟଗଡ଼, ୧।୭ (ସମିସ ): ଗତ ଜୁନ୍ ୧୪ରେ ରାୟଗଡ ଜିଲ୍ଲା ପୁଲିସ ଆମ୍ବଦଳା ଥାନା ଅଧୀନ ଜଗଦଲପୁର ଆଉଟ୍‌ପୋଷ୍ଟ ଅନ୍ତର୍ଗତ ଢେପାଗୁଡ଼ା ସଂରକ୍ଷିତ ଜଙ୍ଗଲରେ ଡିଭିଏଫ୍ ଓ ଏସ୍‌ଓଜି ଯବାନଙ୍କ ମିଳିତ କମ୍ବିଂ ଅପରେସନ୍ ସମୟରେ ଏକ ଗୁପ୍ତ ମାଓ ଡମ୍ପ ଠାବ କରିଥିଲା। ଏହି ଘଟଣା ପରେ ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ରର ଉତ୍ସ, ସେଗୁଡ଼ିକ କେଉଁଠାରୁ ଆସିଥିଲା ଏବଂ କେଉଁଠାରେ ପ୍ରସ୍ତୁତ ହୋଇଥିଲା, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଏନ୍‌ଆଇଏର ଏକ ଟିମ୍ ରାୟଗଡ଼କୁ ଆସି ଦୁଇଦିନ ଧରି ତଦନ୍ତ କରିଥିବା ସୂଚନା ମିଳିଛି। ତେବେ ଏହି ଗସ୍ତ ସମ୍ପର୍କରେ ଜିଲ୍ଲା ପୁଲିସ ପକ୍ଷରୁ କୌଣସି ସରକାରୀ ପୁଷ୍ଟି ମିଳିନାହିଁ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କୁ ପଚାରିବାରୁ ସେ ଏନ୍‌ଆଇଏ ଟିମ୍‌ର ଗସ୍ତ ସମ୍ପର୍କରେ କୌଣସି ସୂଚନା ନ ଥିବା କହିଛନ୍ତି। ପ୍ରକାଶ ଥାଉ କି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏହି ଅପରେସନ୍ କରାଯାଇଥିଲା। ଡମ୍ପରୁ ଏକ ୩୦୩ ରାଇଫଲ, ୩୭ ରାଉଣ୍ଡ ଜୀବନ୍ତ ଗୁଳି, ୧୨ଟି ଖାଲି କାର୍ଟ୍ରିଜ୍, ଗୋଟିଏ ମାଗାଜିନ୍, ଜିଲେଟିନ, ଗନ୍ ପାଉଡର, କୋଡେକ୍ସ ତାର, ବିସ୍ଫୋରକ ସାମଗ୍ରୀ ସହ ମାଓବାଦୀଙ୍କ ବ୍ୟବହୃତ ପୁସ୍ତକ, ପୋଷାକ ଓ ଦୈନନ୍ଦିନ ସାମଗ୍ରୀ ଜବତ କରାଯାଇଥିଲା। ସେହି ସମୟରେ ଜିଲ୍ଲା ଏସ୍‌ପି ରାଜ ପ୍ରସାଦ ସାମ୍ବାଦିକ ସମ୍ମିଳନୀରେ ଉଦ୍ଧାର ହୋଇଥିବା ସମସ୍ତ ସାମଗ୍ରୀ ମାଓବାଦୀଙ୍କ ବୋଲି ସୂଚନା ଦେଇଥିଲେ।

# ସାପ ଦଂଶନରେ ମହିଳାଙ୍କ ମୃତ୍ୟୁ

ମାଲକାନଗିରି, ୧।୭ (ସମିସ): ମାଲକାନଗିରି ଜିଲ୍ଲାର ପାଲକୋଣ୍ଡା ଗ୍ରାମରେ ସାପ ଦଂଶନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଆଡମେ କବାସି। ସୂଚନା ଅନୁଯାୟୀ, ଆଜି ସକାଳେ ଆଡମେ କବାସି ନିଜ ଘର ଅଗଣା ସଫା କରିବା ପାଇଁ ଝାଡୁ ଦେଉଥିବା ବେଳେ ସେଠାରେ ଲୁଚି ରହିଥିବା ଏକ ବିଷାକ୍ତ ସାପ ତାଙ୍କୁ ଦଂଶନ କରିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଆଡମେ କବାସିଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ପରିବାର ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ମଦ ଜବତ; ଜଣେ ଗିରଫ

କୁନ୍ଦୁରା, ୧।୭ (ସମିସ): କୁନ୍ଦୁରା ଥାନା ଅନ୍ତର୍ଗତ ଲିମା ଗାଁ ନିକଟରେ ଥିବା କୁରୁଲୁ ନଦୀ କୂଳରେ ଚାଲିଥିବା ଚୋରା ରନ୍ଧା ମଦ ଭାଟି ଉପରେ ପୁଲିସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ନିଶାମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଚଢ଼ଉ ସମୟରେ ୧୨୦ ଲିଟର ମହୁଲ ପୋଚ ଏବଂ ୩୫ ଲିଟର ଚୋରା ରନ୍ଧା ମଦ ଜବତ କରି ନଷ୍ଟ କରାଯାଇଥିଲା। ଜଣେ ଅଭିଯୁକ୍ତ କୈଳାସ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ତରଫରୁ ସୂଚନା ରହିଛି। ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି।

# ଚାରା ବିତରଣ କେନ୍ଦ୍ର ଉଦଘାଟିତ

କାଶୀପୁର, ୧।୭ (ସମିସ): ରାୟଗଡା ଜିଲ୍ଲା କାଶୀପୁରଠାରେ ବନ ବିଭାଗ ପକ୍ଷରୁ ଚାରା ବିତରଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ 'ଏକ ପେଡ ମା କି ନାମ' କାର୍ଯ୍ୟକ୍ରମ ଆଧାରରେ ମାସ ବ୍ୟାପୀ ହେବାକୁ ଥିବା ବିତରଣ କାର୍ଯ୍ୟକ୍ରମକୁ କାଶୀପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା ଉଦଘାଟନ କରି ଚାରା ବିତରଣ କରିଥିଲେ। ଫରେଷ୍ଟର, ବନରକ୍ଷୀଙ୍କ ସହ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲୋକମାନେ ସେମାନଙ୍କ ଆଧାର କାର୍ଡ ନମ୍ବର ପଞ୍ଜିକୃତ କରାଇ ଏହି ବିତରଣ କେନ୍ଦ୍ରରୁ ୧ ଟଙ୍କା ଦେଇ ଗୋଟିଏ ଚାରା ନେଇ ପାରିବେ।

## ପାଠ୍ୟପୁସ୍ତକରେ ଅସଂଖ୍ୟ ତ୍ରୁଟିର ପ୍ରତିବାଦ; ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି

# ଜିଲ୍ଲା କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ





ନବରଙ୍ଗପୁର, ୧।୭ (ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆଜି ୧୨ ଘଣ୍ଟିଆ ବନ୍ଦ ଡକରା ଦିଆଯାଇଥିଲା। ନବରଙ୍ଗପୁର ସହରରେ ଆଜି କିଛି ଦୋକାନ ଖୋଲା ରହିଥିବା ବେଳେ ଏହି ବନ୍ଦ ସମୟରେ କାର୍ଯ୍ୟାଳୟ ବ୍ୟାଙ୍କ୍ ବହୁ ବଡ ବଡ ଦୋକାନ ବଜାର ସବୁ ବନ୍ଦ ରହିଥିଲା। ସକାଳ ୬ ସମୟରେ ସଦର ମହକୁମାର ଚାଁଉରିଆଗୁଡାଠାରେ ଜିଲ୍ଲା କଂଗ୍ରେସ ସଭାପତି ଡ଼ଃ ଲିପିକା ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ନଗର କଂଗ୍ରେସ ସଭାପତି ଗଣେଶ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଂପାଦକ ଗୋପାଳ ତ୍ରିପାଠୀ ଯୋଗଦେଇ ନାରାବାଜି ଦେବାସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। କୋରାପୁଟ ଜିଲ୍ଲା ପଟରୁ ଆସୁଥିବା ଶତାଧିକ ବସ ଓ ଟ୍ରକ ଅଟକି ରହିଥିଲା। ଜିଲ୍ଲା ବାହାରୁ ଆସିଥିବା ପିଲାମାନଙ୍କୁ ଅଟୋ ଦ୍ୱାରା ପରିକ୍ଷା କେନ୍ଦ୍ର ପଠାଯାଇଥିଲା। ଆମ୍ବୁଲାନ୍ସ, ରନ୍ଧନ ଗ୍ୟାସ, ପେଟ୍ରୋଲ, କ୍ଷୀର, ପିଇବା ପାଣି, ପରିମଳ ବ୍ୟବସ୍ଥା ଗାଡି ଗୁଡ଼ିକ ବନ୍ଦ କରାଯାଇ ନଥିଲା। ନବରଙ୍ଗପୁର ମଧ୍ୟଭାଗରେ କୋରାପୁଟ ଜିଲ୍ଲାର ଆଦିବାସୀ କଂଗ୍ରେସ ସଭାପତି ଅନାମୁ ଦ୍ୟାନ, ନବରଙ୍ଗପୁର ବ୍ଲକ ସଭାପତି ଅବଦୁଲ ଫିରୋଜ, ଜିଲ୍ଲା ମୁଖ୍ୟ ମୁଖପାତ୍ର ଦେବକାନ୍ତ ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଦୀପ ସାହୁ ଓ ହୁସନା ବାନୋ, ବରିଷ୍ଠ ନେତା ଶିବରାମ ରାଜୁ, ନନ୍ଦ। ହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦା ତ୍ରିପାଠୀ ଯୋଗ ଦେଇଥିଲେ। ପିସିସି ସଭ୍ୟ ଦିଲ୍ଲିପ କୁମାର ବେହେରା, ବରିଷ୍ଠ ନେତା ବାମଦେବ ନାୟକ, ବାସୁଦେବ ପଟ୍ଟନାୟକ, ଭାସ୍କର ସୁବୁଦ୍ଧି, ଛାତ୍ର କଂଗ୍ରେସ ସଭାପତି ପବିତ୍ର ଗରଡା, ଯୁବନେତା ବିଙ୍କୁ ଜୁବଲି ଏହି ଆନ୍ଦୋଳନରେ ସାମିଲ ଥିଲେ। ଡାବୁଗାଁ: ଡାବୁଗାଁ ବ୍ଲକ ସଭାପତି ଜି. ସାଇରାଜୁ ଆହ୍ୱାନରେ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ବନ୍ଦ୍ ପାଳନ କରିଥିଲେ। ସମସ୍ତ ଅଖଚକ ବନ୍ଦ୍ ରହିଥିଲା। କଂଗ୍ରେସ ତାରିଣୀ ଛକଠାରେ ଟେଣ୍ଟ୍ ଲଗାଇ ବସିଥିବା ଯୋଗୁଁ ବହୁତଗୁଡାଏ ଗାଡି ଅଟକି ରହିଥିଲା। କଂଗ୍ରେସ କର୍ମୀ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବିଇଓ ଓଫିସ୍ ଏବଂ କଲେଜକୁ ଯାଇ ବନ୍ଦ୍ କରିବାକୁ ନିବେଦନ କରିଥିଲେ। ବନ୍ଦରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ପୁଲିସ ଫୋର୍ସ ମୁତୟନ ରହିଥିଲା। ପ୍ରକାଶ ପଣ୍ଡା, ବଂଶୀଧର ମାଝୀ, ବାବି ଜେନା, ଶଶି ମାଝୀ, ବଗୁଲା ଜେନା ସହ ବୋରିଗାଁ, ଜୁନାପାଣି, ଡଙ୍ଗରିଗୁଡା, ଜବାଗୁଡା, ବଡ ଓଲମା, ଘୋଡାଖୁଣ୍ଟା, ନନ୍ଦପୁରା, ମେଦନା ଏବଂ ଅଂଚଳାର ଶହ ଶହ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ନବନିର୍ମିତ ରଥର ଅଖରେ ଚକ ସଂଯୋଗ

ଜୟପୁର, ୧।୭ (ସମିସ): ଚଳିତବର୍ଷ ଜୟପୁରଠାରେ ନୂତନ ରଥ ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ଆଜି ୪ଟି ଅଖରେ ୮ ଟି ଚକ ସଂଯୋଗୀକରଣ କରାଯାଇଥିଲା। ଏହିପରି ରୀତନୀତି ଏବଂ ପୂଜାର୍ଚ୍ଚନାରେ ମୁଖ୍ୟ ରଥ ନିର୍ମାଣକାରୀ ମହରଣା ସନ୍ତୋଷ ମହାରଣାଙ୍କ ନେତୃତ୍ୱରେ ଅନ୍ୟାନ୍ୟ ମହାରଣା ଓ କାରିଗରମାନେ ଏହି ଅଖରେ ଚକ ସଂଯୋଗ କରିଥିଲେ। ଏହି ଅବସରରେ ଦେବତ୍ତୋର ଅଧିକାରୀ ତଥା ତହସିଲଦାର ସବ୍ୟସାଚୀ ଜେନା, ଉପଦେଷ୍ଟା କମିଟର ସଭାପତି ଦେବେନ୍ଦ୍ର ବାହିନୀପତି, ଦେବତ୍ତୋର କର୍ମଚାରୀ କାଳୀପ୍ରସାଦ ଦାସ, ଶୁଭମ ମିଶ୍ର ଏବଂ ସହରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ନୂତନ କାଠରେ ୪୨ଫୁଟ ଉଚ୍ଚତା, ୨୮ ଫୁଟ ଓସାର ଏବଂ ସାଢେ ୬ ଫୁଟ ଉଚ୍ଚତାର ୮ ଟି ନୂତନ ଚକ ନିର୍ମାଣ କରାଯାଇଛି। ଏଥିନିମନ୍ତେ ଜୟପୁର ବନଖଣ୍ଡ ବିଭାଗ ପକ୍ଷରୁ ସମସ୍ତ କାଠ ରାମଗିରି ଜଙ୍ଗଲକୁ ଗଛ ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ ଦୁଇ ବର୍ଷ ପୂର୍ବରୁ ନୂତନ କାଠରେ ରଥ ନିର୍ମାଣ ହୋଇଥିଲା; କିନ୍ତୁ ନିର୍ମାଣର ବୈଷୟିକ ତ୍ରୁଟି ଯୋଗୁଁ ରଥର ଚକଗୁଡିକ ଅଖର ସଠିକ ଭାବେ ସଂଯୋଗ ହୋଇ ପାରୁ ନଥିବା ଫଳରେ ରଥ ଟାଣିବା ସମୟରେ ରଥ ଏକପାଖିଆ ରାସ୍ତା ପାର୍ଶ୍ୱକୁ ଚାଲିଯାଉଥିବା ଯୋଗୁଁ ଗତ ଦୁଇ ବର୍ଷ କ୍ରେନ ସହାୟତାରେ ରଥକୁ ଉଠାଯାଉଥିଲା। ବିଳମ୍ବରେ ସଂଧ୍ୟା ୮ ସମୟ ପର୍ଯ୍ୟନ୍ତ ରଥ ଟଣା ଚାଲୁ ରହୁଥିଲା। ଏଥିନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଭକ୍ତ ଓ ଶ୍ରଦ୍ଧାଳୁ ମଧ୍ୟମରେ ଅସନ୍ତୋଷ ହେବା ସହିତ ଦେବତ୍ତୋର ବିଭାଗର କାର୍ଯ୍ୟଧାରା ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା।



# ବନ୍ଦ ପାଳନରେ ଆଂଶିକ ପ୍ରଭାବ



ଉମରକୋଟ, ୧୭(ସମିସ): ନୂତନ ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ନବରଙ୍ଗପୁର ଜିଲ୍ଲା ଉମରକୋଟ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡକରା ଦିଆଯାଇଥିବା ବେଳେ ଉମରକୋଟଠାରେ ମଧ ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଉମରକୋଟ ସହର ପୁରୁଣା ବସଷ୍ଟାଣ୍ଡ ଠାରେ ପିକେଟିଂ କରି ବିକ୍ଷୋଭ ପ୍ରଦର୍ଶନ କରି ସହରର ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ଠିଆ ହୋଇଥିବା ଦେଖିବାକୁ ମିଳିଛି। ସରକାର ଯଦି ତୁରନ୍ତ ଏହି ଭୁଲ ସଂଶୋଧନ ନକରନ୍ତି ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନିଅନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଦଳ ଚେତାବନୀ ଦେଇଛି। ବନ୍ଦ ପାଳନ ସମୟରେ ବିଜେପି କର୍ମୀମାନେ ଶୋଭାଯାତ୍ରାରେ ବାହାରି ଏହି ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ସୁରକ୍ଷା ଦୃଷ୍ଟିରୁ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ସନରାଜ ଗଣ୍ଡ, ଅମୂଲ୍ୟ ପଟ୍ଟନାୟକ, ଶଙ୍କର ଦେ, କପୁର ଚାନ୍ଦ, କୃଷ୍ଣ ମାଝୀ ଓ ପର୍ଶୁରାମ ନାୟକ ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ।

# ଏସ୍‌ଭିଏମ୍ ଦାମନଯୋଡ଼ିରେ ବିଦାୟ ସମ୍ବର୍ଦ୍ଧନା




ଦାମନଯୋଡି/ସେମିଳିଗୁଡା, ୧୭(ସମିସ):

କୋରାପୁଟ ଜିଲ୍ଲାର ଦାମନଯୋଡିର ସରସ୍ୱତୀ ବିଦ୍ୟାମନ୍ଦିରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଜଣ ବରିଷ୍ଠ ଶିକ୍ଷକ ଗୋଟିଏ ଦିନରେ ଅବସରଗ୍ରହଣ କରିଛନ୍ତି। ଉତ୍ସବରେ ବିଦ୍ୟାଳୟ ପରିଚାଳନାକମିଟିର ସଂପାଦକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ତାଙ୍କ ସହଧର୍ମିଣୀ ବରିଷ୍ଠ ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଶୁଭ୍ରାଂଶୁ ଶେଖର ବାହିନୀପତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟତ୍ରୀ ମମତା ପାଢୀ ମଞ୍ଚ ସଂଯୋଜନା କରିଥିଲେ। ଏଥିରେ ରସାୟନ ବିଜ୍ଞାନ ବିଭାଗର ଶିକ୍ଷକ ଚନ୍ଦ୍ରଶେଖର ଦ୍ୱିବେଦୀ, ଉଦ୍ଭିଦ ବିଜ୍ଞାନ ବିଭାଗର ଶିକ୍ଷକ ଡକ୍ଟର ନରେଶଚନ୍ଦ୍ର ସାହୁ ଓ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ବର୍ଷାଋତୁରେ ପାନୀୟଜଳ ପାଇଁ ଦଲେଇପୁଟ ଗ୍ରାମବାସୀ ହନ୍ତସନ୍ତ

ପୋଡ଼ାଗଡ଼, ୧୭(ସମିସ): ବର୍ଷାଋତୁରେ ମଧ ଅନେକ ଗ୍ରାମରେ ପାନୀୟଜଳ ସମସ୍ୟା ଦୂର ହେଉନାହିଁ। ସେହିପରି ଏକ ଗ୍ରାମ ଅଛି ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର କେଇ ଦୂର କିନ୍ତୁ ଦୁର ହେଉ ନାହିଁ ପାନୀୟ ଜଳ ସମସ୍ୟା। କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ମହାଦେଇପୁଟ ଗ୍ରାମପଞ୍ଚାୟତ ଦଲେଇପୁଟ ଗ୍ରାମରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଦଲେଇପୁଟ ଗ୍ରାମରେ ପ୍ରାୟ ୭୫ ପରିବାର ବାସବାସ କରିଛନ୍ତି। ଜନସଂଖ୍ୟା ଅନୁସାରେ ପ୍ରାୟ ୩୦୦ରୁ ୫୦୦ ହେବେ କିନ୍ତୁ ମାତ୍ର ୫ଟି ନଳକୂଅ ରହିଛି। ତହିଁ ମଧ୍ୟରୁ ୩ଟି ଖରାପ ହୋଇପଡ଼ିଛି। ଗୋଟିଏ ନଳକୂଅରେ ସୋଲାର ପମ୍ପ ଦ୍ୱାରା ପାଣି ଉଠାଯାଇଛି। ଅନ୍ୟ ଗୋଟିଏ ଅଳ୍ପ ଅଳ୍ପ ପାଣି ବାହାରୁଥିବାରୁ ୭୫ ପରିବାରକୁ ନିଅଣ୍ଟ ହେଉଥିବା ଗ୍ରାମବାସୀ କହିଛନ୍ତି। ଏହିପରି ପାଣି ନମିଳିବାରୁ ଗାଁରେ ଥିବା ବିଦ୍ୟାଳୟର ନଳକୂଅରୁ ପାଣି ଆଣିବାକୁ ପଡୁଛି। ଏଥିମଧ୍ୟରେ ନିଅଣ୍ଟ ହେଉଛି। ସେଥିପାଇଁ ବାଧ ହଇ ଗାଁରୁ କିଛି ଦୂର ଥିବା ନାଳ ଉପରେ ଭରସା କରୁଥିବା ଗ୍ରାମର ମହିଳାମାନେ କହିଛନ୍ତି। ଏନେଇ ଅନେକ ଥର ପଞ୍ଚାୟତ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କଲେ ସୁଦ୍ଧା କୌଣସି ଫଳପ୍ରଦ ହେଉ ନଥିବା କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମର ବରିଷ୍ଠ ଲୋକ କହିଛନ୍ତି କି ବର୍ଷା ଋତୁରେ ପାନୀୟଜଳ ସମସ୍ୟା ହାସ୍ୟାସ୍ପଦ। ତୁରନ୍ତ ଦଲେଇପୁଟ ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଯେଉଁସବୁ ନଳକୂଅ ଅଚଳ ହୋଇପଡ଼ିଛି ତାହାକୁ ତୁରନ୍ତ ମରାମତି କରାଯାଉ ବୋଲି ଦାବି କରିଛନ୍ତି।

## ଡାକ୍ତର ଦିବସରେ ଆରମ୍ଭହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ

# ଜିଲ୍ଲା ଚିକିତ୍ସାଳୟରେ ରୋଗୀସେବା ବିପର୍ଯ୍ୟସ୍ତ; ମହିଳା ହନ୍ତସନ୍ତ





ଜୟପୁର, ୧୭(ସମିସ): ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ରହିଥିବା ବେଳେ ପୁଣି ଆଜିଠାରୁ ଡାକ୍ତରଙ୍କ ସାରା ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ଅଧିକ ଜଟିଳ ହୋଇଯାଇଛି। ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା)ର ଡକରାରେ ସାରା ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ କୋରାପୁଟ ଜିଲ୍ଲାର ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ଡାକ୍ତର ମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଡାକ୍ତରମାନେ ମିଳିତ ଭାବେ ପ୍ରଶାସନିକ ଭବନ ସମ୍ମୁଖରେ ଧାରଣା ଦେବା ସହିତ କୋରାପୁଟସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଛନ୍ତି। ଫଳରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଡାକ୍ତର ସେବା ବିପର୍ଯ୍ୟସ୍ତ ହୋଇଯାଇଛି ଏବଂ ରୋଗମାନେ ହନ୍ତସନ୍ତ ହେଉଛନ୍ତି। ମୁଖ୍ୟତଃ ମହିଳା ଗର୍ଭବତୀ ଏବଂ ଶିଶୁ ରୋଗୀମାନେ ବିଶେଷଜ୍ଞ ଡାକ୍ତରଙ୍କ ଅନୁପସ୍ଥିତିରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ଗର୍ଭବତୀ ମହିଳାନଙ୍କ ପ୍ରସୂତିର ଆବଶ୍ୟକ ଅସ୍ତ୍ରୋପଚାର ପାଇଁ କେବଳ ଜିଲ୍ଲାର ଏକମାତ୍ର କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଉଛି। ଏହିପରି ଜିଲ୍ଲା ଚିକିତ୍ସାଳୟର ଜନ୍ମ ଶିଶୁଙ୍କୁ ଯତ୍ନ କକ୍ଷ(ଏସଏନସିୟୁ)ରେ ରଖାଯାଉଥିଲେ ସୁଦ୍ଧା ଶିଶୁ ବିଶେଷଜ୍ଞ ଡାକ୍ତର ନଥିବା ଯୋଗୁଁ କେବଳ ନର୍ସ ମାନଙ୍କ ତତ୍ୱାଧାନରେ ଏସଏନସିୟୁ ପରିଚାଳିତ ହେଉଛି। ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିନେଇ କୌଣସି ବ୍ୟବସ୍ଥା କରା ନଗଲେ ଆଗାମୀ ଦିନରେ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିବାର ଆଶଙ୍କା ଦେଖାଦେଇଛି। ତେଣୁ ତୁରନ୍ତ ଆନ୍ଦୋଳନକାରୀ ଡାକ୍ତର ମାନଙ୍କ ସହିତ ଆଲୋଚନା କରାଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଅଳ୍ପ ସଂଖ୍ୟକ ଚୁକ୍ତିଭିତ୍ତିକ ଡାକ୍ତର ଏବଂ ଆୟୁଷ ଡାକ୍ତରଙ୍କୁ ନେଇ ଜିଲ୍ଲା ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟାନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଜାରି ରଖିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଗୁରୁପ୍ରସାଦ ମହନ୍ତ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଡାକ୍ତର ସଂଘର ନେତାଙ୍କ ସହିତ ଆଲୋଚନା ଜାରି ରହିଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଡାକ୍ତର ଏବଂ ପି.ଜି ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ ନେଇ ପ୍ରୟାସ ଜାରି ରହିଛି। ସୂଚନାଯୋଗ୍ୟ, ଓମସା ନିଷ୍ପତିକ୍ରମେ ୧୮ ଦଫା ଦାବି ନେଇ ଆଜିଠାରୁ ସାରା ରାଜ୍ୟରେ ଡାକ୍ତର ମାନେ ରୋଗୀ ଚିକିତ୍ସା ସେବା ବନ୍ଦ ଏବଂ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆରମ୍ଭ କରିଛନ୍ତି। ମୁଖ୍ୟତଃ ଡାକ୍ତରମାନଙ୍କ ସୁରକ୍ଷା, ରାଜ୍ୟରେ ଆବଶ୍ୟକ ୧୫ ହଜାର ଡାକ୍ତରଙ୍କ ବଦଳରେ ମାତ୍ର ୮ ହଜାର ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଚାଲୁଛି। ତୁରନ୍ତ ନୂତନ ଡାକ୍ତର ନିଯୁକ୍ତି, କେନ୍ଦ୍ରୀୟ ଡିଏସିପି ଲାଗୁ, କେବିକେ ଅଞ୍ଚଳର ଡାକ୍ତରଙ୍କୁ ପ୍ରୋତ୍ସାହନ ରାଶି, ପଦୋନ୍ନତି ପାଇଁ ନିୟମିତ ବୈଠକ, ଡାକ୍ତରଙ୍କ ସ୍ୱାସ୍ଥ୍ୟବୀମା, ଦରମା ଓ ଅନ୍ୟାନ୍ୟ ଭତ୍ତି ବୃଦ୍ଧି ସମେତ ଅନ୍ୟାନ୍ୟ ଦାବିନେଇ ଏହି କାର୍ଯ୍ୟବନ୍ଦ ଧାରଣା ଆରମ୍ଭ ହୋଇଛି।

**ବୈପାରୀଗୁଡ଼ା:** ରାଜ୍ୟବ୍ୟାପୀ ଓଡିଶା ମେଡିକାଲ ସର୍ଭିସେସ ଆସୋସିଏସନ(ଓଏମଏସଏ) ପକ୍ଷରୁ କୋରାପୁଟ ଜିଲ୍ଲା ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବାଲିଗାଁ, ଦଶମନ୍ତପୁର ଓ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଡାକ୍ତରମାନେ କାର୍ଯ୍ୟଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ଏହି ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନେ ବିଶେଷ କରି ଗର୍ଭବତୀ ମହିଳା, ଶିଶୁ, ଓ ଅନ୍ୟାନ୍ୟ ଜରୁରିକାଳୀନ ସେବା ପାଇବାକୁ ହଇରାଣ ଭୋଗୁଛନ୍ତି। ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ନଥିବା ହେତୁ ଅନ୍ୟ କେନ୍ଦ୍ରରୁ ୩ ଜଣ ଆୟୁଷ ଡାକ୍ତର ଡେପୁଟେସନରେ ଅଣାଯାଇଛି। ଏବେ ସେହି ଡାକ୍ତରମାନେ ହିଁ ରୋଗୀ ପାଇଁ ଏକମାତ୍ର ଭରସା ବୋଲି କୁହାଯାଉଛି। ଜୁଲାଇ ପହିଲା ଜାତୀୟ ଡାକ୍ତର ଦିବସରେ ଡାକ୍ତରଙ୍କ ବଡ଼ ଆନ୍ଦୋଳନ କରାଯାଉଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନକୁ ସହଯୋଗ କରିବା ପାଇଁ ସଂଘ ପକ୍ଷରୁ ଜନସାଧାରଣ ସହଯୋଗ କରିବାକୁ ନିବେଦନ କରାଯାଇଥିବା ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ବାସୁଦେବତା ନାୟକ କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ



ବୈପାରିଗୁଡା, ୧୭(ସମିସ): ସମ୍ପର୍କୀୟଙ୍କ ଶେଷ କୃତକାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ବେଳେ ନିଜେ ବାଇକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଲେ ଯୁବକ। ମୃତକ ହେଲେ ବୈପାରିଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର କାଉଗୁଡା ଗ୍ରାମର ବୁଟି ହନ୍ତାଳ(୩୦)। ବୁଟି ହନ୍ତାଳ ଦଶମନ୍ତପୁର ପଞ୍ଚାୟତର ପଟ୍ରୋଗୁଡା ଗ୍ରାମରେ ଥିବା ଜଣେ ସମ୍ପର୍କୀୟଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ବାଇକ୍ ଯୋଗେ ଯାଉଥିଲେ। ତେବେ ବୈପାରୀଗୁଡା ପୂର୍ବରୁ ମାସିଗାଁ ଛକ ରାସ୍ତାରେ କୌଣସି କାରଣବଶତଃ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ହିଁ ବୁଟି ହନ୍ତାଳଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣାର ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ପହଞ୍ଚିଥିଲେ ଏବଂ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାରକରିବ୍ୟବଚ୍ଛେଦପାଇଁ ପଠାଇଥିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆମ୍ବଦଳା ଥାନାରେ ନିଶାମୁକ୍ତି ପାଇଁ ଶପଥ ପାଠ

ଅମ୍ବାଦଳା, ୧୭(ସମିସ): ରାଜ୍ୟ ସରକାରଙ୍କ 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଅନ୍ତର୍ଗତ ରାୟଗଡ଼ା ଜିଲ୍ଲାର ଆମ୍ବଦଳା ଥାନା ପରିସରରେ ବୁଧବାର ଭିଡିଓ କନଫରେନ୍ସ (ଭିସି) ମାଧ୍ୟମରେ ଏକ ନିଶା ବିରୋଧୀ ସଚେତନତା ଓ ଗଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇ ଆୟୋଜିତ ଏହି ଅଭିଯାନରେ ଉପସ୍ଥିତ ପୁଲିସ କର୍ମଚାରୀ, ସରକାରୀ ଅଧିକାରୀ ଏବଂ ଅନ୍ୟ ଅଂଶଗ୍ରହଣକାରୀମାନେ ନିଶା ବିରୋଧୀ ଶପଥ ପାଠ କରି ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ। ଆମ୍ବଦଳା ଥାନାର ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଓ ବିଭିନ୍ନ ବିଭାଗର ପ୍ରତିନିଧ ନିଶାଠାରୁ ଦୂରେ ରହିବା ସହ ଅନ୍ୟମାନଙ୍କୁ ମଧ ସଚେତନ କରିବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଅମ୍ବାଦଳା ଅଂଚଳର ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘ, ଅମ୍ବାଦଳା ବିଜେପି କାର୍ଯ୍ୟକର୍ତ୍ତାଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



**କାଳିମେଳା:** ମାଲକାନଗିରି ଜିଲ୍ଲା କାଳିମେଳା ଥାନା ପକ୍ଷରୁ ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁଲିସର ବରିଷ୍ଠ ଅଧିକାରୀ, ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟାନ୍ୟ ଜନପ୍ରତିନିଧ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଗ୍ରାମବାସୀ ଏବଂ ଯୁବକମାନେ ନିଶାମୁକ୍ତ ସମାଜ ଗଠନ ପାଇଁ ସଙ୍କଳ୍ପ କରିବା ସହ ଶପଥ ପାଠ କରିଥିଲେ। ଥାନାଧିକାରୀ ପ୍ରଦ୍ୟୁମ୍ନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**କାଳିମେଳା/ଏମଭି ୭୯:** ମାଲକାନଗିରି ଜିଲ୍ଲା ଏମଭି-୭୯ ଥାନା ପରିସରରେ ସ୍ଥାନୀୟ ଜନସାଧାରଣ ଓ ପୁଲିସ୍ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ଆମ ପୁଲିସ୍ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରିଣୀ ପୂର୍ଣ୍ଣିମା ଟେଟେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ବାସିନ୍ଦା ଓ ଯୁବକ ଯୋଗ ଦେଇଥିଲେ। ବିଶେଷ କରି ସାମ୍ପ୍ରତିକ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ନିଶା ସେବନକୁ ରୋକିବା ଏବଂ ଏକ ନିଶାମୁକ୍ତ ସମାଜ ଗଠନ କରିବା ଉପରେ ଏହି ବୈଠକରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ଓ ଅଞ୍ଚଳର ଶତାଧିକ ଜନସାଧାରଣ ମତାମତ ରଖିଥିଲେ।

**କୋରୁକୋଣ୍ଡା:** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡାସ୍ଥିତ ସଦର ଥାନା ପରିସରରେ ପୁଲିସ ପକ୍ଷରୁ 'ଅନ୍ଧବିଶ୍ୱାସ ଛାଡ଼' ଓ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ସହ ସାମୂହିକ ନିଶା ନିବାରଣ ନେଇ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରୁକୋଣ୍ଡା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମର ଜନପ୍ରତିନିଧି, ପଞ୍ଚାୟତ ସରପଞ୍ଚ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନସାଧାରଣଙ୍କ ସହ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପୁଲିସ ପକ୍ଷରୁ ନିଶା ସେବନର କୁପ୍ରଭାବ, ଅନ୍ଧବିଶ୍ୱାସର କ୍ଷତିକାରକ ପରିଣାମ ଏବଂ ସୁସ୍ଥ, ସଚେତନ ଓ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସମସ୍ତଙ୍କୁ ସାମୂହିକ ଭାବେ ନିଶାମୁକ୍ତ ସମାଜ ଗଠନ ଏବଂ ଅନ୍ଧବିଶ୍ୱାସ ପରିତ୍ୟାଗ କରି ବୈଜ୍ଞାନିକ ଚିନ୍ତାଧାରାକୁ ଆପଣାଇବା ପାଇଁ ଶପଥପାଠ କରାଯାଇଥିଲା। ମାଲକାନଗିରି ସଦର ଥାନାଧିକାରୀ ଆର୍. ବିଜୟ କୁମାର, ଇନ୍ସପେକ୍ଟର ଚନ୍ଦ୍ରମା ଶବର, ଏସ୍ଆଇ ମହାପ୍ରସାଦ ନାୟକ, ପ୍ରଶାନ୍ତ ସେଠୀ, ନୀଳାଞ୍ଚଳ ଶବର, ଏଏସ୍ଆଇ ସଞ୍ଜୀବ ଖରା, ନରେନ୍ଦ୍ର ଭତ୍ରାଙ୍କ ସମେତ ଥାନାର ଅନ୍ୟାନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ। ସମସ୍ତେ ନିଶାମୁକ୍ତ ଓ ଅନ୍ଧବିଶ୍ୱାସମୁକ୍ତ ସମାଜ ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାର ସଂକଳ୍ପ ନେଇଥିଲେ।

# କାଗଜ ପ୍ଲେଟ୍ ତିଆରି କରି ସ୍ୱାବଲମ୍ବନର ପ୍ରୟାସ

ପୋଡ଼ାଗଡ଼, ୧୭(ସମିସ): କଥାରେ ଅଛି କର୍ମ ହିଁ ଭଗବାନ। ଅନେକ ଲୋକ ନିଜର ଭାଗ୍ୟକୁ ଆଦରି ବଞ୍ଚୁଥିବା ବେଳେ ତାହାକୁ ମିଛ ପ୍ରମାଣିତ କରିଛନ୍ତି ହିରା ମାଳି। କୋରାପୁଟ ଜିଲ୍ଲା ସଦର ବ୍ଲକ ମସ୍ତିପୁଟ ଗ୍ରାମପଞ୍ଚାୟତ ଅନତର୍ଗତ ଲେନ୍ଦ୍ରୀମାଳି ଗୁଡା ଗ୍ରାମର ହୀରା ମାଳି। ପ୍ରଥମେ ୟୁଟୁବ ଦେଖି ପ୍ରେରଣା ପାଇ ନିଜ ସ୍ୱାମୀ ମନ ମାଳିଙ୍କୁ ଜଣାଇଲେ। ପରେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ମିଶି ଥିବା ହେତୁ ନିଜ ଗ୍ରୁପରୁ ବ୍ୟାଙ୍କରୁ ଋଣ କରି ଆଣିଲେ ୯୫ ହଜାର ଟଙ୍କା। ସେହି ଟଙ୍କାରେ ହୀରା ବ୍ରହ୍ମପୁରରୁ ଏକ କାଗଜ ପ୍ଲେଟ ତିଆରି ମେସିନ କିଛି କଞ୍ଚା ମାଲ ଆଣିଲେ। ମେସିନ ଚଲାଇ ପ୍ଲେଟ ତିଆରି କରିବାରେ କୌଣସି ଅସୁବିଧା ହେଲା ନାହିଁ। ହୀରା ପ୍ଲେଟ ତିଆରି କରି ନିକଟ ପୋଡ଼ାଗଡର ବିଭିନ୍ନ କିରାନ ଦୋକାନଗୁଡ଼ଇକରେ ହୋଲ୍‌ସେଲ ଦରରେ ବିକ୍ରି କରୁଛନ୍ତି। ସେହିପରି ନିଜ ଗାଁରେ କିମ୍ବା ଆଖପାଖ ଗାଁରେ ଭୋଜିଭାତ ହେଲେ କାଗଜ ପ୍ଲେଟ ଯୋଗାଇ ଦେଇଥାନ୍ତି। ଏହି ପ୍ଲେଟ ତିଆରି କାମରେ ତାଙ୍କର ଝିଅ ଗୀତା ମାଳି ସାହାଯ୍ୟ କରୁଥିବା ହୀରା କହିଛନ୍ତି। ଗୀତା ସୁନାବେଡ଼ାସ୍ଥିତ ମହିଳା ମହବିଦ୍ୟାଳୟରୁ +୩ ପାସ କରି ଘରେ ବେକାର ରହୁଥିବାରୁ ମାଆଙ୍କୁ କାମରେ ସାହାଯ୍ୟ କରୁଥିବା ଗୀତା କହିଛନ୍ତି। ଏହି ପ୍ଲେଟ ବିକ୍ରି କରି ଦିନକୁ ପ୍ରାୟ ୩୦୦, ଟଙ୍କା ରଜଗାର ହେଉ ଥିବା ହୀରା କହିଛନ୍ତି। ଏହି ୩୦୦ ଟଙ୍କାରେ ଯେମିତି ସେମିତି ପରିବାର ଚଳି ଯାଉଛି। ଯେହେତୁ ଅଞ୍ଚଳରେ ଅନେକ ଲୋକ ଜାଣି ନାହାନ୍ତି ଯଦି ଜାଣନ୍ତି ତା'ହେଲେ ରୋଜଗାର ବଢ଼ିବ ବଲି ଆଶା ରଖିଛନ୍ତି।

# ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

## ଶିଳ୍ପ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ସବ୍ୟସାଚୀ ସାହୁଙ୍କୁ 'ସାଧନା ପୁରସ୍କାର'





ରାୟଗଡ଼, ୧୭(ସମିସ): ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ ଆନୁକୂଲ୍ୟରେ ଗତ ଜୁନ୍ ୨୭ ତାରିଖରୁ ଆଜି ଜୁଲାଇ ୧ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପି ଜିସିଡି (ଗୋବିନ୍ଦଚନ୍ଦ୍ର ଦେବ) ହାଇସ୍କୁଲ ପଡ଼ିଆରେ ଚାଲିଥିବା ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ରାୟଗଡ ଜିଲ୍ଲା ଶିଳ୍ପ ସଂଘର ସଭାପତି ଏମ୍. ନାରିନ କୁମନ୍ଦନ ମୁଖ୍ୟଅତିଥି, ବରିଷ୍ଠ ଅବସରପ୍ରାପ୍ତ ସହକାରୀ ଶିଳ୍ପ ଅଧିକାରୀ ସବ୍ୟସାଚୀ ସାହୁ ମୁଖ୍ୟବକ୍ତା ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ରାୟଗଡର ନିର୍ଦ୍ଦେଶକ ଡ଼ଃ.ରାଜେଶ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାଗତ ଭାଷଣରେ ସାଧାରଣ ପରିଚାଳକ ଶ୍ରୀ ମଲ୍ଲିକ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଶିଳ୍ପ ଓ ଉଦ୍‌ଯୋଗୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ତାହାର ସମାଧାନ ନେଇ ଆଲୋକପାତ କରିଥିଲେ। ସଫଳ ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିମାନେ ନିଜ ଅନୁଭୂତି ବାଣ୍ଟିବା ସହ ନୂତନ ଉଦ୍ୟୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୂର୍ବଦିନ ଆୟୋଜିତ ବକ୍ତୃତା, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ପ୍ରତିଭାଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅନଲାଇନ୍ ଜନଶୁଣାଣି ପୋର୍ଟାଲ ସମ୍ପର୍କରେ ସୂଚନା ଦିଆଯିବା ସହ କୃତୀ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ବରିଷ୍ଠ ଅବସରପ୍ରାପ୍ତ ସହକାରୀ ଶିଳ୍ପ ଅଧିକାରୀ ସବ୍ୟସାଚୀ ସାହୁଙ୍କୁ ଶିଳ୍ପ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ 'ସାଧନା ପୁରସ୍କାର' ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଆଗ୍ରହୀ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ଏଆଇଓ ବେଦାର୍ଚ୍ଚନ ରାୟ, ସ୍ମୃତିଚନ୍ଦନ ପ୍ରଧାନ, ଚିତ୍ତରଞ୍ଜନ ମେହେର, ଦୀପକ ହାଁସଦା, ସୂରଜ କଣ୍ଡୁଲାନ, ଆଇପିଓ ସୁବ୍ରତ ପଟ୍ଟନାୟକ ଏବଂ ସୌମିତ୍ର ପଟ୍ଟନାୟକ, ତ୍ରିଲୋଚନ ଦାସ, ଦୀପା ଅଧିକାରୀ ଓ ସୁନୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ ଡିଏଭି କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



କୋରାପୁଟ,୧୭(ସମିସ): କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଗତକାଲି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର ଷ୍ଟାଫ୍ କ୍ଲବ ତରଫରୁ ଏକ ଭବ୍ୟ ସେବା ନିବୃତ୍ତି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂଘର ସଭ୍ୟ ସଭ୍ୟା ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିବା ସହ ମହାବିଦ୍ୟାଳୟ ତଥା କୋରାପୁଟର ଶୈକ୍ଷିକ ବିକାଶରେ ତାଙ୍କ ଯୋଗଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ୧୯୯୨ରେ ମାତ୍ର ୨୬ବର୍ଷ ବୟସରେ ଏମ୍ ଫିଲ ଶିକ୍ଷା ପରେ ଉଦ୍ଭିଦ ବିଜ୍ଞାନ ବିଭାଗରେ ଜଣେ କନିଷ୍ଠ ଅଧ୍ୟାପକ ଭାବରେ ଡିଏଭି ମହାବିଦ୍ୟାଳୟ କୋରାପୁଟରୁ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ଅଧ୍ୟକ୍ଷ ଭାବରେ ମହାବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତିର ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଷ୍ଟାଫ କ୍ଲବ ସଂପାଦକ ଡ. ଲୋପାମୁଦ୍ରା ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ.ପ୍ରୀତିଧାରା ସାମଲ। ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଡ଼. ଲହରୀ ବେହେରା, ବିତ୍ତ ଅଧିକାରୀ ଡ଼. ଶ୍ରୀଚନ୍ଦନ ମିଶ୍ର, ଓ ପ୍ରାଶାସନିକ ଅଧିକାରୀ ଡ଼. ସୁଶୀଲ କୁମାର ଗଡ଼ନାୟକ କାର୍ଯ୍ୟକାଳ ଅବଧିରେ ଅଧ୍ୟକ୍ଷଙ୍କ ସହ ଅନୁଭୂତି ବାଣ୍ଟିଥିଲେ। ପ୍ରାକ୍ତନ ଛାତ୍ର ସଂଗୋଷ୍ଠୀ ସଦସ୍ୟ ଶରତ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ ଏବଂ ମାର୍କଣ୍ଡ ପାଢ଼ୀ ଅବସର ପରବର୍ତ୍ତୀ ଜୀବନ ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ପୂର୍ବତନ ଅଧ୍ୟାପିକା ଏବଂ ସଂପ୍ରତି ନାରାୟଣ ପାଟଣା ତହସିଲଦାର ସୁଶ୍ରୀ ପ୍ରଭାତୀ ଝୋଡିଆ ନିଜ ବ୍ୟକ୍ତିତ୍ୱ ଓ ବୃତ୍ତିଗତ ଜୀବନର ବିକାଶରେ ମହାବିଦ୍ୟାଳୟ ଓ ଶିକ୍ଷକ ଭାବରେ ଶ୍ରୀ ପଟ୍ଟନାୟକଙ୍କ ଅବଦାନ ନିଜ ବକ୍ତବ୍ୟରେ କୃତଜ୍ଞତା ଜ୍ଞାପନ କରିଥିଲେ। ଡ ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଡ.ଦିଲରାଜ ପୁଭାଲା, ଡ. ବିନୋଦ ବିହାରୀ ଜେନା, ସରିତବାଳା ଭତ୍ରା, ରାଜେନ୍ଦ୍ର ବରିହା, ଅର୍ଜୁନ ବେହେରା, ମତ ରଖିଥିବାବେଳେ ପ୍ରାକ୍ତନ ଛାତ୍ର ସଂଗୋଷ୍ଠୀ ଆବାହକ ଅଯୋଧ୍ୟାନାଥ ସାମଲ, ସଦସ୍ୟ ତଥା ଲକ୍ଷ୍ମୀପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଗିରିଜା ଚୌଧୁରୀ, ତିଳୋତ୍ତମା ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ସିଏଚ ଶାନ୍ତାକାର, ନିରଞ୍ଜନ ପାଢୀ, କାମାକ୍ଷା ମାଝୀ, ଜାମି ସନ୍ତୋଷ ସମ୍ବର୍ଦ୍ଧନା ଜଣାଇଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବନ୍ଧୁଗାଁ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ ଅମରେଶ ଆଚାରୀ ଏବଂ ନାରାୟଣପାଟଣା ସରକାରୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ କୁଲଦୀପ ଲାକ୍ରା ଉପସ୍ଥିତ ଥିଲେ। ଦୀପକ ପଟ୍ଟନାୟକ ଡ ସୁଶୀଲ ଗଡ଼ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

# ସମ୍ପାଦକୀୟ



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।
-କାର୍ଲ ମାର୍କସ୍

ସକାଳ
THE SAKALA

## ଡିଜିଟାଲ ଇଣ୍ଡିଆର କଷଣ

ଆଧାର ଏକ କାର୍ଡ ନା ନମ୍ବର? ଏହା ଇଚ୍ଛାଧୀନ ନା ବାଧ୍ୟତାମୂଳକ? ଏହି ପ୍ରଶ୍ନ ଓ ପ୍ରସଙ୍ଗ ଏକାଧିକ ଥର ନ୍ୟାୟପାଳିକାର କାଠଗଡ଼ାକୁ ଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର 'ଆଧାର'କୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ ବୋଲି ରାୟ ଦେଇଛନ୍ତି। ଶେଷଥର ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୮ ସେପ୍ଟେମ୍ବର ମାସରେ 'ଜଷ୍ଟିସ୍ କେ ଏସ୍ ପୁଟ୍ଟାସ୍ୱାମୀ ବନାମ ଭାରତ ସରକାର' ମାମଲାରେ ସ୍ପଷ୍ଟ କରିଥିଲେ ଯେ ବିଭିନ୍ନ ଜନକଲ୍ୟାଣମୂଳକ ସରକାରୀ ଯୋଜନାର ହିତାଧିକାର ପାଇଁ 'ଆଧାର' ସଂଯୋଗ ଆବଶ୍ୟକ; କିନ୍ତୁ 'ଆଧାର' ସଂଯୋଗର ଅନୁପସ୍ଥିତି ଆଳରେ କୌଣସି ହିତାଧିକାରୀଙ୍କୁ ଯୋଜନାର ଲାଭ ପାଇବାରୁ ବଞ୍ଚିତ କରାଯାଇପାରିବ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶାରେ ଗତଦୁଇବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟର ସର୍ବାଧିକ ଉଲ୍ଲଙ୍ଘନ ହେବା ସହିତ ଗରିବ ହିତାଧିକାରୀଙ୍କୁ ଇ-କେୱାଇସି ଆଳରେ ନ୍ୟାଯ୍ୟ ଅଧିକାରରୁ ମାସ ମାସ ଧରି ବଞ୍ଚିତ କରାଯାଇଛି।

ଗତବର୍ଷ ରାସନ୍ ବା ପଡ଼ିକାର୍ଡଧାରୀଙ୍କ ପାଇଁ ଇ-କେୱାଇସି ନବୀକରଣ ବାଧ୍ୟତାମୂଳକ କରାଯିବା ପରେ ଓଡ଼ିଶାର ଲକ୍ଷ ଲକ୍ଷ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ଭିତରେ ଅଯୋଗ୍ୟ ହିତାଧିକାରୀ ବା ଜାଲ୍ ପଡ଼ିକାର୍ଡ ଧାରୀ ନଥିଲେ ବୋଲି କୁହାଯାଇପାରିବ ନାହିଁ। ତେଣୁ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଲକ୍ଷ୍ୟଭିତ୍ତିକ କରିବା ପାଇଁ ବୈଧ ପରିଚୟ ଓ ଚିହ୍ନଟକୁ ମଧ୍ୟ କେହି ମନା କରୁନାହାନ୍ତି। କିନ୍ତୁ କିଛି ପ୍ରତିଶତ ଜାଲ୍ ହିତାଧିକାରୀଙ୍କ ପାଇଁ ଲକ୍ଷ ଲକ୍ଷ ଗରିବ ହିତାଧିକାରୀ ମାସ ମାସ ଧରି ରାସନ ଓ ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ କରାଯିବ କେଉଁ ନ୍ୟାୟରେ? ଚଳିତ ବର୍ଷ ମଧ୍ୟ ସେଭଳି ବିଡ଼ମ୍ବନାର ପୁନରାବୃତ୍ତି ଘଟିଛି। ମାସ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇ ନ ଥିବା ବେଳେ ଏବେ ଆଧାର ଲିଙ୍କ ବାହାନା ଖୋଜାଯାଉଛି। ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ଆଧାର ଲିଙ୍କ ନଥିଲେ ଆଉ ବାର୍ଦ୍ଧକ୍ୟ ଭତ୍ତା ମିଳିବ ନାହିଁ। ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି ସେମାନଙ୍କ ମଧ୍ୟରୁ ୯୬ ପ୍ରତିଶତ ନିରକ୍ଷର ଓ ଅଳ୍ପଶିକ୍ଷିତ। ଡିଜିଟାଲ୍ ସ୍ୱାକ୍ଷରତା, ଆଧାର ଲିଙ୍କ, ଇକେୱାଇସି ଭଳି ଜଟିଳ ବ୍ୟବସ୍ଥାକୁ ସେମାନେ ନା ବୁଝିପାରିବେ ନା ସେମାନଙ୍କୁ କେହି ବୁଝାଇପାରିବେ। ଏହି ବାସ୍ତବତାକୁ ଯେ ସରକାର କିମ୍ବା ବିଭାଗୀୟ ବାବୁମାନେ ହୃଦୟଙ୍ଗମ କରି ନ ଥିବେ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ। ତଥାପି ହିତାଧିକାରୀଙ୍କୁ ବୈଷୟିକତା ତ୍ରୁଟି ଆଳରେ ଅଧିକାରରୁ ବଞ୍ଚିତ କରିବା ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ନୁହେଁ କି? ଆଜି ଆମ ଦେଶ ଡିଜିଟାଲ୍ ଇଣ୍ଡିଆର ସଫଳତାର ଦଶନ୍ଧି ପୂର୍ତ୍ତି ମହୋତ୍ସବ ପାଳନ କରୁଥିବା ବେଳେ ଡିଜିଟାଲ୍ ପାହାରର କଷଣ କେତେ ଯୁକ୍ତିଯୁକ୍ତ ତାହା ମଧ୍ୟ ବିଚାର୍ଯ୍ୟ।

ଏଭଳି ବିଡ଼ମ୍ବନା ଓ ବ୍ୟତିକ୍ରମର ମୂଳାଧାର ହେଉଛି ଡିଜିଟାଲ୍ ଇଣ୍ଡିଆର ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳ ପ୍ରକ୍ରିୟା। ଜନଜୀବନକୁ ସାବଲୀଳ, ସହଜ ଓ ସରଳ କରିବା ସହିତ ମାନବ ସଭ୍ୟତାକୁ ଉନ୍ନତ କରିବା ଲାଗି ବିଜ୍ଞାନ ସର୍ବଦା ଅଭିପ୍ରେତ। କିନ୍ତୁ ବିଜ୍ଞାନ ଯଦି ସୁଖ ବଦଳରେ ଦୁଃଖ ଦିଏ, ଜୀବନକୁ ସହଜ କରିବା ବଦଳରେ ଯଦି ଯନ୍ତ୍ରଣାସିକ୍ତ କରିଦିଏ ତେବେ ତାହା ବିଜ୍ଞାନର ଅଭିଶାପ ବୋଲି କହିବାକୁ ହେବ। ମହତ୍ ଉଦ୍ଦେଶ୍ୟରେ ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ଭାରତରେ ଆରମ୍ଭ ହୋଇଥିବା ଡିଜିଟାଲ୍ ବିପ୍ଳବ ଏବେ ଡିଜିଟାଲ୍ ଭାରତର ରୂପ ନେଇ ସେଭଳି ଅଭିଶପ୍ତ ଘଟଣାମାନଙ୍କୁ ଜନ୍ମ ଦେଇଚାଲିଛି। ଆମ ଭିତରୁ ପ୍ରାୟ ଅଧିକାଂଶ ଭୁକ୍ତଭୋଗୀଙ୍କ ଅନୁଭବ ଓ ଅନୁଭୂତି ଏହା ଯେ - ଡିଜିଟାଲ୍ ବିପ୍ଳବ କାମକୁ ଆରାମଦାୟକ ଓ ସତ୍ୱର କରିଦେଇଛି। କିନ୍ତୁ ଏହାର ପାଦେ ପାଦେ ବିପଦ ରହିଛି। ସାକ୍ଷରତା ଓ ସଚେତନତା ବିନା ଡିଜିଟାଲ୍ ଦୁନିଆ ଅପରାଧର ଏକ ମାୟାନଗରୀ ଭାବେ ପ୍ରମାଣିତ ହୋଇଛି। ଏପରିକି ଉଚ୍ଚଶିକ୍ଷିତ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତିବିଶେଷ ମଧ୍ୟ ଡିଜିଟାଲ୍ ଦୁନିଆର ମାୟାଜାଲରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି।

ଡିଜିଟାଲ୍ ଦୁନିଆକୁ ଏଡ଼ାଇ ଯିବା ଆଜିର ସମୟରେ ଅସମ୍ଭବ। ବ୍ୟବସ୍ଥା ଓ ପ୍ରକ୍ରିୟାକୁ ଡିଜିଟାଲାଇଜେସନ୍ କରିବାରେ କେହି ଆପତ୍ତି କରୁନାହାନ୍ତି। କିନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ବିନା ଏହାର ପ୍ରୟୋଗ କିଭଳି ବିପତ୍ତି ଓ ବିଭ୍ରାଟମାନ ସୃଷ୍ଟି କରିପାରେ ତାହା ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମେତ ଓଡ଼ିଶାରେ ରାସନ୍ ଓ ଭତ୍ତା ବଣ୍ଟନ ବ୍ୟତିକ୍ରମକୁ ଉଦାହରଣ ରୂପେ ନିଆଯାଇପାରେ। ଗତ ପାଞ୍ଚବର୍ଷ ଭିତରେ ଯେଉଁ କେତେକ ରେଳ ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ପଛରେ ଡିଜିଟାଲ୍ ବ୍ୟବସ୍ଥାକୁ ଦାୟୀ କରାଯାଇପାରେ। ଡିଜିଟାଲ୍ ସିଗନାଲ୍ ବା ଭିଡ଼ ନିୟନ୍ତ୍ରଣକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ସୁସଂଯତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଡିଜିଟାଲ ଜ୍ଞାନକୌଶଳର ଭରପୂର ପ୍ରୟୋଗ କରାଯାଇଥିବା ବେଳେ ତାହାର ସାମନ୍ୟ ତମ ଅପ୍ରସ୍ତୁତି ଯୋଗୁଁ ଯେଉଁ ଦୁର୍ଘଟଣାମାନ ଘଟୁଛି ସେଥିମଧ୍ୟରୁ ୨୦୨୩ର ବାହାନଗା ରେଳଦୁର୍ଘଟଣା ଇତିହାସରେ ଅପାସୋରା ହୋଇ ରହିଯିବ।

ଡିଜିଟାଲ୍ ଇଣ୍ଡିଆର ଆଉ ଏକ ନକାରାତ୍ମକ ଦିଗ ଏବେ ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗରେ ଏସ୍ଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତି ଓ ପରିବାର ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବେ ବୋଲି ପଶ୍ଚିମବଙ୍ଗର ନବନିର୍ବାଚିତ ସରକାର ଘୋଷଣା କରିଛନ୍ତି। ଭୋଟର ତାଲିକାରୁ ବାଦ୍ ପଡ଼ିଥିବା କାରଣରୁ ପାସ୍‌ପୋର୍ଟ ମଧ୍ୟ ନବୀକରଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହା କହିବା ବାହୁଲ୍ୟ ଯେ ଏସ୍ଆଇଆରରେ 'ତାର୍କିକ ବିସଙ୍ଗତି'(ଲଜିକାଲ୍ ଡିସ୍‌କ୍ରିପାନ୍ସି) ଭଳି ଯେଉଁ ଅସ୍ତ୍ରଟିକୁ ଉପଯୋଗ କରାଗଲା ସେଥିରେ ଅନ୍ୟାୟଭାବେ ଅନେକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଲେ। ଆଲ୍‌ଗୋରିଦିମ୍(ଡିଜିଟାଲ) ଦ୍ୱାରା ନିୟନ୍ତ୍ରିତ ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଭାରତୀୟମାନେ ଏବେ ସେମାନଙ୍କ ନାଗରିକତ୍ୱ ହରାଇବା ପରି ସ୍ଥିତି ସୃଷ୍ଟି ହୋଇଛି ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ବୋଝ ବଢ଼ିଚାଲିଛି। ସ୍ୱୟଂକ୍ଷମ ପୂର୍ଣ୍ଣପ୍ରସ୍ତୁତିର ଅନୁପସ୍ଥିତିରେ 'ଡିଜିଟାଲ୍ ଇଣ୍ଡିଆ'ରେ ଯେଉଁଭଳି ଭାବେ ସାଇବର ଅପରାଧ, ଡିଜିଟାଲ୍ ଆରେଷ୍ଟ, ହ୍ୟାକିଂ ଅପରାଧମାନ ବଢ଼ିଚାଲିଛି ତାହା ମଧ୍ୟ କାହାକୁ ଅଛପା ନାହିଁ। ବିଦ୍ୟାଳୟମାନଙ୍କରେ 'ଆଧାର' ଓ 'ଅପାର' ସଂଯୋଗର ବାଧ୍ୟବାଧକତା ଜନ୍ମ ଦେଇଥିବା ଜଟିଳତା, ସମସ୍ୟା ଓ ଯନ୍ତ୍ରଣା ଅଭିଭାବକଙ୍କ ଛଡ଼ା ଆଉ କେହି ହୃଦୟଙ୍ଗମ କରିପାରିବେ ନାହିଁ।

ତେଣୁ ଶ୍ରୁତିମଧୁର ଡିଜିଟାଲ୍ ଇଣ୍ଡିଆକୁ ତିକ୍ତ-ଅନୁଭବମୁକ୍ତ କରିବାକୁ ହେଲେ ନୀତିନିର୍ଦ୍ଧାରଣ ସ୍ତରରେ ଆହୁରି ପରିପକ୍ୱତା ଆବଶ୍ୟକ। ପ୍ରଚାରସର୍ବସ୍ୱ ମାନସିକତାକୁ ତ୍ୟାଗ କରି ପ୍ରଭାବସର୍ବସ୍ୱ ନୀତି ନିର୍ଦ୍ଧାରଣ ନ ହେବା ଯାଏଁ ଡିଜିଟାଲ ଇଣ୍ଡିଆର ଏଭଳି ଅଦେଖା ଓ ଅକୁହା କଷଣ ଓ ଉଦାହରଣମାନ ବଢ଼ିଚାଲିଥିବ।

## ନିର୍ବାଚନ ପୂର୍ବରୁ ଓ ପରେ

**ଅକ୍ଷୟ କୁମାର ମିଶ୍ର**

ଜନସାଧାରଣ ସବୁବେଳେ ଆଶା କରନ୍ତି ତାଙ୍କର ଯିଏ ନେତା ହେବେ ସେ ଜଣେ ଭଲ ସେବକ ହୁଅନ୍ତୁ। ତାଙ୍କର ଭାବମୂର୍ତ୍ତି ନିର୍ମଳ ହେଉ। ସେ ନିଃସ୍ୱାର୍ଥପର, ନିରାଡ଼ମ୍ବର, ନିଷ୍କଳଙ୍କ ଓ ନିରପେକ୍ଷ ହୁଅନ୍ତୁ। ଦୟା, କ୍ଷମା, ଉଦାରତା, ସହନଶୀଳତା ଆଦି ମାନବୀୟ ଗୁଣର ସେ ଅଧିକାରୀ ହୁଅନ୍ତୁ। ସର୍ବୋପରି ଜଣେ ଜ୍ଞାନୀ ମଣିଷ ହୁଅନ୍ତୁ। ଲୋକଙ୍କର ଏହି ଭାବନାକୁ ଆମ ଦେଶର ତଥାକଥିତ ନେତାମାନେ ବେଶ୍ ଭଲଭାବରେ ଜାଣିଛନ୍ତି। ସେଇଥିପାଇଁ ବୋଧହୁଏ ନିର୍ବାଚନ ପୂର୍ବରୁ ସେମାନଙ୍କର ଗୋଟିଏ ରୂପ ନିର୍ବାଚନ ପରେ ଆଉ ଏକ ରୂପ।

ନିର୍ବାଚନ ପୂର୍ବରୁ ସବୁ ନେତା ଭଦ୍ର, ସରଳ, ମିଷ୍ଟଭାଷୀ। ଏମିତି ଆଚରଣ ପ୍ରଦର୍ଶନ କରନ୍ତି ସତେଯେମିତି ସାମାନ୍ୟତମ ଲୋଭ ବା ମୋହର ବଶବର୍ତ୍ତୀ ନୁହନ୍ତି ସେମାନେ। ସାଧାରଣ ବେଶଭୂଷା, ସରଳ ଜୀବନଯାପନ ଲୋକଙ୍କୁ ଆକୃଷ୍ଟ କଲା ଭଳି। ଆହାରେ ଭଲ-ମନ୍ଦ ନାହିଁ। ଜାତି-ଅଜାତି ଆଉ ସ୍ଥାନ-କାଳ-ପାତ୍ରର ବାଛବିଚାର ନାହିଁ। ଯେଉଁଠି ଯେମିତି ମିଳେ ତାହା ଆଗ୍ରହର ସହିତ ଖାଇ ନିଅନ୍ତି। କାହା ପିଣ୍ଡାର ଛିଣ୍ଡା ମଶିଣାରେ, ମନ୍ଦିର ଅଗଣାରେ, ମେଳଣ ପଡ଼ିଆରେ, ଘାସ ଉପରେ ବସି ଲୋକଙ୍କ ଅନ୍ତରଙ୍ଗ ହେବାକୁ ଉଦ୍ୟମ କରନ୍ତି। କାହାର ବିପଦ ଆପଦରେ ଅଯାଚିତ ଭାବେ ଆସି ପହଞ୍ଚି ଯାଆନ୍ତି। ବେଳେ ବେଳେ ଶବ ଶୋଭାଯାତ୍ରାରେ କୋକେଇରେ କାନ୍ଧ ଦେଇ ମଶାଣି ପର୍ଯ୍ୟନ୍ତ ଯାଆନ୍ତି। ବଦମାସ, ଚୋର, ଡକାୟତ ବି ସାଧୁ ପାଲଟି ଯାଆନ୍ତି ନିର୍ବାଚନ ସମୟରେ। ଦାନୀ ହରିଶ୍ଚନ୍ଦ୍ର ଭଳି ଦାନ ଦକ୍ଷିଣା ଦେବାରେ ମଧ୍ୟ କାର୍ପଣ୍ୟ ପ୍ରକାଶ କରନ୍ତି ନାହିଁ। ଲୋକେ କୁହା ବୁଲା କରନ୍ତି 'ମଣିଷ ଭଳି ମଣିଷଟିଏ। ନେତା ହେବ ତ ଏମିତି।'

ଲୋକଙ୍କର କଳନା ଭୁଲ ପ୍ରମାଣିତ ହୁଏ ନିର୍ବାଚନ ପରେ। ସମସ୍ତ ପ୍ରଶଂସା ତିରସ୍କାରର ରୂପ ନିଏ। ବାରମ୍ବାର ନିଜକୁ ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ, ଏତେ ଶୀଘ୍ର ସେମାନେ ବଦଳି ଯାଉଛନ୍ତି କେମିତି? ନିର୍ବାଚନ ଜିଣିବାର ମାସେ ଦୁଇ ମାସ ଭିତରେ ସବୁକିଛି ବଦଳି ଯାଉଛି। ପଖାଳ ଖାଇବା ତ ଦୂରର କଥା ଦେଖା ଦର୍ଶନ ମିଳୁ ନାହିଁ। କୌଣସି ଜରୁରୀ କାମରେ ସାକ୍ଷାତ କରିବାକୁ ଗଲେ ସହଜେ ସମ୍ଭବ ହେଉ ନାହିଁ। 'ସାର୍ ଶୋଇଛନ୍ତି', 'ସାର୍ ଆଜି ଦେଖା ହୋଇ ପାରିବେ ନାହିଁ', 'ବହୁ ନାମୀଦାମୀ ଲୋକଙ୍କ ପାଇଁ ସମୟ ସ୍ଥିର ହୋଇଛି', 'କେଉଁଠୁ ଆସିଛ, କାମ କ'ଣ...?' ଏମିତି କେତେ ଶୁଣେଇ ଦେବ ଦରୱାନ୍। ଅତି କାକୁସ୍ଥ ହେଲେ ଉତ୍ତର ଆସିବ, 'ଠିକ୍ ଅଛି ଗୋଟିଏ କାଗଜରେ ନାମ ଠିକଣା ଲେଖିଦିଅ। ପ୍ରାଇଭେଟ୍ ଆସିଷ୍ଟାଣ୍ଟଙ୍କୁ ଦେବି।' ଅଳ୍ପ କେତୋଟି ଦିନ ଭିତରେ ରାଜଧାନୀରେ ଦାମୀ ବଙ୍ଗଳା ତିଆରି ହେଉଛି। ଘରର ଯେତେ ସଦସ୍ୟ ସମସ୍ତଙ୍କ ପାଇଁ ନିଜ ପସନ୍ଦର ଗାଡ଼ି କିଣା ହେଉଛି। ପୁଅ ଝିଅମାନେ ଆଉ ସରକାରୀ ଶିକ୍ଷାନୁଷ୍ଠାନରେ ପଢୁ ନାହାନ୍ତି। ଏମିତିକି ଏକଦା ଦେଶଭକ୍ତିର ଡିଣ୍ଡିମ ପିଟୁଥିବା ବାବୁ ତାଙ୍କ ପୁଅଝିଅଙ୍କୁ ବିଦେଶରେ ପାଠ ପଢ଼ାଉଛନ୍ତି। ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ନିର୍ବାଚନ ପରେ ନବେ ପ୍ରତିଶତ ନେତାଙ୍କ ନିକଟରେ ନୀତି, ଆଦର୍ଶ କେବଳ ମୁଖନିଃସୃତ ବାଣୀ। ଅସଲରେ ଦୁର୍ନୀତିର ପାହାଡ଼ ଆରୋହଣ କରିବାରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ନେତାଙ୍କ ଭିତରେ।

ଗଣତନ୍ତ୍ରର ପୃଷ୍ଠଭୂମିରେ ଛିଡ଼ା ହୋଇ ଆମେ ଯଦି ନିରୀକ୍ଷଣ କରିବା ତେବେ ଅତି ସହଜରେ ଜାଣି ପାରିବା କେବଳ ଜନପ୍ରତିନିଧିଙ୍କଠାରେ ପରିବର୍ତ୍ତନ ଘଟୁନାହିଁ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଅନେକମାତ୍ରାରେ ନିଜର ନୀତି ଓ କାର୍ଯ୍ୟଧାରାରେ ପରିବର୍ତ୍ତନ ଘଟାଉଛନ୍ତି। ନିର୍ବାଚନ ପୂର୍ବରୁ ଯେଉଁ କଥା ସବୁ କୁହନ୍ତି ନିର୍ବାଚନ ପରେ ସେସବୁ କାମରେ ପ୍ରତିଫଳିତ ହୁଏ ନାହିଁ। ସବୁଠାରୁ ବଡ଼ କଥା ହେଉଛି କ୍ଷମତାରେ ରହିବା ଏବଂ କ୍ଷମତାକୁ ନିରଙ୍କୁଶ ଉପଭୋଗ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେନତେନ ପ୍ରକାରେ ଦଳର ଶକ୍ତି ବୃଦ୍ଧି କରିବା ପାଇଁ ବିଭିନ୍ନ ଅସାଧୁ ପନ୍ଥା ଅବଲମ୍ବନ କରୁଛନ୍ତି।

ଆଲୋଚନାକୁ ଆଣିଲେ ଅନେକ ଘଟଣା ଆସିବ। ତେବେ ଅଳ୍ପ କେତୋଟି ଘଟଣା ସମ୍ପର୍କରେ ଆଲୋଚନା କରିବା। ଏଇ କିଛିବର୍ଷ ହେଲା ଆମେ ଦେଖୁଛୁ ନିର୍ବାଚନ ପରେ ସରକାରୀ ଦଳ କେମିତି ଅନ୍ୟ ଦଳରୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ନିଜ ପକ୍ଷକୁ ନେବା ପାଇଁ ଲାଗି ପଡୁଛନ୍ତି। ବିଶେଷକରି ରାଜ୍ୟସଭା ସାଂସଦଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ଆମ ରାଜ୍ୟର ତିନି ଜଣ ବିଜେଡି ଦଳର ସାଂସଦ ପଦବୀରୁ ଇସ୍ତଫା ଦେଇ ସରକାରୀ ଦଳରେ ସାମିଲ ହେବା ଏବଂ ସଙ୍ଗେ ସଙ୍ଗେ ଦଳୀୟ ଟିକଟ ଦେଇ ପୁନର୍ବାର ସେମାନଙ୍କୁ ରାଜ୍ୟସଭାକୁ ନେଇଯିବାରେ ନୈତିକତାକୁ କେମିତି ସମ୍ପୂର୍ଣ୍ଣ ବିସର୍ଜନ ଦିଆଗଲା ତାହା ସଭିଏଁ ଦେଖିଲେ। ଏମିତି ଏକ ଇସ୍ତଫା ନାଟକ ହେଲା କେବଳ ମାତ୍ର ଦଳବଦଳ ଆଇନରୁ ରକ୍ଷା ପାଇବା ପାଇଁ। 'ଆପ୍' ଦଳର ସାତ ଜଣ ରାଜ୍ୟସଭା ସାଂସଦ କେମିତି ପକ୍ଷ ପରିବର୍ତ୍ତନ କଲେ ତାହା ସଭିଏଁ ଦେଖିଛନ୍ତି। ଏବେ ଦୃଷ୍ଟି ପଡ଼ିଛି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଉପରେ। ଏହି ଦଳର ସଂକେତରେ ଭୋଟ୍ ନେଇ ନିର୍ବାଚିତ ହୋଇଥିବା ସାଂସଦମାନଙ୍କ ଉପରେ। ୨୮ ଜଣ ସାଂସଦଙ୍କ ମଧ୍ୟରୁ ୨୦ ଜଣ ସାଂସଦ ଏନ୍‌ଡିଏକୁ ସମର୍ଥନ ଦେବାକୁ ଘୋଷଣା କରିବା ପୂର୍ବରୁ ସେହି ରାଜ୍ୟର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯିଏ ସେମାନଙ୍କର ଘୋର ବିରୋଧୀ ଥିଲେ ତାଙ୍କ ସହିତ ଗୋପନ ବୈଠକ କରିବା ଦଳର ଭିତିରି ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ନିର୍ବାଚନ ପୂର୍ବରୁ ଦଳ ଏମାନଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲା, ଏମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆଣୁଥିଲା। ମାତ୍ର ନିର୍ବାଚନ ପରେ ନିଜ ଦଳକୁ କୋଳେଇ ନେଉଛି ସବୁକୁ ଭୁଲି। ରାଜ୍ୟସଭା ନିର୍ବାଚନ ସମୟରେ ସରକାରୀ ଦଳମାନେ କେଉଁ ଆଭିମୁଖ୍ୟ ନେଉଛନ୍ତି ତାହା ବିଭିନ୍ନ ରାଜ୍ୟର ଦାଣ୍ଡରେ ପଡ଼ି ଗଡୁଛି। ଓଡ଼ିଶାରେ ବୋଧହୁଏ ଏହା ସବୁ ସୀମା ଟପି ଯାଇଛି।

ନିର୍ବାଚନ ପରେ ଆଉ ଏକ ଘଟଣା ହେଉଛି ଦଳ ଭାଙ୍ଗିବା। ମହାରାଷ୍ଟ୍ରରେ ଶିବସେନା ଏବଂ ଏନ୍.ସି.ପି. କେମିତି ଏବଂ କେଉଁଥି ପାଇଁ ଭାଙ୍ଗିଲା କାହାକୁ ଅଛପା ନାହିଁ। ଏବେ ପଶ୍ଚିମବଙ୍ଗରେ ସେହି ସମାନ ନାଟକର ପୁନରାବୃତ୍ତି। ପନ୍ଦର ବର୍ଷ ଶାସନ କଲା ପରେ ତୃଣମୂଳ କଂଗ୍ରେସ ନିର୍ବାଚନରେ ପରାଜିତ ହେଲା ଏବଂ ଅଶୀ ବିଧାୟକଙ୍କୁ ନେଇ ବିରୋଧୀ ଦଳ ଆସନରେ ବସିଲା। ମାତ୍ର ମାସେ ଯାଇନି ଅଶୀରୁ ଷାଠିଏ ବିଧାୟକ ମିଶି ନୂତନ ତୃଣମୂଳ କଂଗ୍ରେସ ଗଠନ କଲେ। ନିର୍ବାଚନ ପୂର୍ବରୁ ଯେଉଁମାନେ ଅତ୍ୟନ୍ତ କୁତ୍ସିତ ଭାଷାରେ କଟୁ ସମାଲୋଚନା କରୁଥିଲେ ନିର୍ବାଚନ ପରେ ସେମାନେ ପ୍ରଶଂସାରେ ଶତମୁଖ। ପରମ ଶତ୍ରୁ ପରମ ମିତ୍ର ପାଲଟି ଯାଉଛି। ନିର୍ବାଚନ ପୂର୍ବରୁ ଦଳ ଡେଇଁବା ଆମ ଦେଶରେ ରାଜନୈତିକ ସଂସ୍କୃତି ପାଲଟି ଯାଇଛି। ଦେଶର ଜନଗଣ ମଧ୍ୟ ଏହାକୁ ଗ୍ରହଣ କରିନେଇଛନ୍ତି। ନିର୍ବାଚନ ପରେ ସାଧାରଣ ଲୋକେ କିଛି ସୁବିଧା ସୁଯୋଗ ପାଇବା ଆଶାରେ କ୍ଷମତାସୀନ ଦଳକୁ ଯାଆନ୍ତି। କିନ୍ତୁ ଗୋଟିଏ ଦଳରୁ ଜିଣି ଅନ୍ୟ ଦଳକୁ ଯିବା ଭୟରେ ନା ଭକ୍ତିରେ ତାହା ହିଁ ବିଚାର୍ଯ୍ୟ। ଯାହା ଦେଖାଯାଉଛି ଅଧିକାଂଶ କ୍ଷେତ୍ରରେ ଭୟ ଗ୍ରାସ କରୁଛି ଏହି ନେତାମାନଙ୍କୁ। ସଭିଏଁ ଅନୁଭବ କଲେଣି ଶାସକ ଶ୍ରେଣୀରେ ରହିଲେ ସବୁପ୍ରକାର ଅପକର୍ମକୁ ଲୁଚାଇ ହେବ। ଅଧିକନ୍ତୁ ଉଦ୍‌ବୃତ୍ତ କ୍ଷମତାର ଉପଭୋଗ କରିହେବ ଯଦି ମନ୍ତ୍ରୀ ପଦଟିଏ ମିଳିଗଲା। ମାତ୍ର ଏହି କ୍ଷେତ୍ରରେ ରାଜନୈତିକ ଦଳମାନଙ୍କୁ ଅଧିକ ଦାୟୀ କରାଯାଇ ପାରେ। ଦଳର ଦୁର୍ନୀତି ସହିତ ସାଲିସ ଏବଂ ଆଦର୍ଶଗତ ବିଚ୍ୟୁତି ଯୋଗୁଁ ଏଭଳି ଘଟଣା ଘଟୁଛି ଯାହା ଗଣତନ୍ତ୍ରର ପକ୍ଷ ଛେଦନ କରୁଛି।

ବ୍ୟକ୍ତି ଓ ଦଳମାନଙ୍କର ଏଭଳି ଅବାଞ୍ଛିତ ପରିବର୍ତ୍ତନ ଗଣ କିମ୍ବା ଗଣତନ୍ତ୍ର କାହା ପାଇଁ ଶୁଭଙ୍କର ନୁହେଁ। ଏହା ଅନ୍ୟାୟ, ଅନୀତି ଓ ଦୁର୍ନୀତିକୁ ପ୍ରୋତ୍ସାହନ ଯୋଗାଏ। ବ୍ୟକ୍ତିବାଦର ଉତ୍ଥାନ ଘଟାଏ। ସୁବିଧାବାଦ ରାଜନୀତିକୁ ଲାଳନ ପାଳନ କରି ବଡ଼ କରାଏ। ଏହାକୁ ରୋକାଯାଇ ପାରିବ ଯଦି ଜନଗଣ ସଚେତନ ହେବେ। ଯେଉଁଦିନ ଜନଗଣ ନିର୍ଭୀକତାର ସହିତ ପ୍ରଶ୍ନ ପଚାରିବେ ଏବଂ ଏ ପ୍ରକାର ଅସାଧୁ, ଅନୈତିକ କାର୍ଯ୍ୟଗୁଡ଼ିକୁ ସାହସର ସହିତ ବିରୋଧ କରିବେ ସେହିଦିନ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ସମ୍ଭବ ହେବ। ନହେଲେ ଆମେ କେବଳ ନିଜକୁ ଦୋଷ ଦେଇ ଚାଲିଥିବା ଏବଂ କହି ଚାଲିଥିବା 'ଯିଏ ଲଙ୍କାକୁ ଗଲା ସିଏ ରାବଣ ହେଲା।'

ମୋ: ୯୯୩୮ ୭୬୩୨୩୭

## କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

**ବରୁଣ କୁମାର ମହାପାତ୍ର**

ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ୍। ତେଣୁ 'ଫିଫା ବିଶ୍ୱକପ୍'ରେ ଖେଳିବା ପ୍ରତ୍ୟେକ ଦେଶର ସ୍ୱପ୍ନ ହୋଇଥାଏ। ତେବେ ଫୁଟବଲର ଏହି ମହାକୁମ୍ଭରେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ଅନୁପସ୍ଥିତି ଦେଶବାସୀଙ୍କ ପାଇଁ ନିରାଶାର କାରଣ ହୋଇଆସିଛି। ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବାରେ ଭାରତର ଏପରି ବାରମ୍ବାର ବିଫଳତା ବିଶେଷଜ୍ଞମାନଙ୍କୁ ବିସ୍ମିତ କରିଛି। ଆମ ଦେଶରେ ଫୁଟବଲ୍ ପ୍ରତିଭାଙ୍କ ଅଭାବ ନାହିଁ। ଅଥଚ ଭାରତ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବାରେ ସଂଘର୍ଷ କରୁଛି। ଦିଲ୍ଲୀ ଠାରୁ ବି ଛୋଟ କ୍ୟୁରାସାଓ ଓ କେପ୍ ଭର୍ଡେ ଭଳି ଦେଶ ଚଳିତ ବିଶ୍ୱକପ୍‌ରେ ଖେଳୁଥିବା ବେଳେ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର କାହିଁକି ଯୋଗ୍ୟତା ଅର୍ଜନ କରିପାରୁ ନାହିଁ? କେଉଁଠି ରହୁଛି ଅଭାବ? କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

ଏକଦା ଏସିଆରେ ଭାରତୀୟ ଫୁଟବଲର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଭାରତ ୧୯୬୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲା। ଏପରିକି ୧୯୫୦ 'ଫିଫା' ବିଶ୍ୱକପ୍ ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ଆର୍ଥିକ ପ୍ରତିବନ୍ଧକ ଓ ଅନ୍ତର୍ଜାତୀୟ ଯାତ୍ରା ସମ୍ପର୍କରେ ସଚେତନତାର ଅଭାବ ଯୋଗୁଁ ଦଳ ବିଶ୍ୱକପରୁ ଓହରି ଯାଇଥିଲା। ସମୟକ୍ରମେ ଅନ୍ୟ ଦେଶଗୁଡ଼ିକ ଦ୍ରୁତ ଅଗ୍ରଗତି କରିଥିବା ବେଳେ ଭାରତ ପଛରେ ପଡ଼ିଯାଇଥିଲା। ଆଜି ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ସାଉଦି ଆରବ, କତାର ଭଳି ଦେଶ ବିଶ୍ୱକପ୍‌ରେ ନିୟମିତ ଖେଳୁଛନ୍ତି। କିନ୍ତୁ ଭାରତ ଯୋଗ୍ୟତା ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ।

ଭାରତୀୟ ଫୁଟବଲର ଏହି ଅନ୍ତହୀନ ଦୁର୍ଦ୍ଦଶାର ପ୍ରମୁଖ କାରଣ ହେଉଛି ତୃଣମୂଳ ସ୍ତରରେ ଫୁଟବଲର ଦୁର୍ବଳ ଭିତ୍ତି। ଫୁଟବଲ୍‌ରେ ସଫଳତା ସାଉଁଟିଥିବା ଦେଶଗୁଡ଼ିକରେ ୫-୬ ବର୍ଷ ବୟସରୁ ହିଁ ପିଲାମାନଙ୍କୁ ବୈଜ୍ଞାନିକ ଢଙ୍ଗରେ ପ୍ରଶିକ୍ଷଣ ଦିଆଯାଏ। ସ୍କୁଲ, କ୍ଲବ ଓ ସ୍ଥାନୀୟ ଲିଗ୍ ମଧ୍ୟରେ ସୁଦୃଢ଼ ସମନ୍ୱୟ ରହିଥାଏ। ଭାରତରେ ଏପରି ସୁବ୍ୟବସ୍ଥିତ ଏକାଡେମୀ ଓ ଦକ୍ଷ ପ୍ରଶିକ୍ଷକଙ୍କ ସଂଖ୍ୟା କେବଳ କିଛି ରାଜ୍ୟ ଓ ସହରରେ ସୀମିତ। ଫଳରେ ପ୍ରତିଭାର ଅଭାବ ନ ଥିଲେ ମଧ୍ୟ ଅନେକ ଖେଳାଳି ସଠିକ୍ ମାର୍ଗଦର୍ଶନ ପାଉ ନାହାନ୍ତି। ଦ୍ୱିତୀୟ ବଡ଼ ସମସ୍ୟା ହେଉଛି ଭିତ୍ତିଭୂମିର ଅଭାବ। ଉନ୍ନତମାନର ଫୁଟବଲ ପଡ଼ିଆ, ପ୍ରଶିକ୍ଷଣ କେନ୍ଦ୍ର, କ୍ରୀଡ଼ା ବିଜ୍ଞାନ, ଫିଟନେସ୍ ବ୍ୟବସ୍ଥା, ଫିଜିଓଥେରାପି ଓ ଆଧୁନିକ କୋଚିଂ ସୁବିଧା ଏପର୍ଯ୍ୟନ୍ତ ସମଗ୍ର ଦେଶରେ ଉପଲବ୍ଧ ନୁହେଁ। ଆଜିର ଫୁଟବଲ କେବଳ ଦକ୍ଷତାର ଖେଳ ନୁହେଁ; ବରଂ ଏହା ବୈଜ୍ଞାନିକ ଢଙ୍ଗରେ ପ୍ରସ୍ତୁତି, ଶାରୀରିକ କ୍ଷମତା ଓ ମାନସିକ ଦୃଢ଼ତାର ଏକ ପରୀକ୍ଷା। ଏହିସବୁ ମାନଦଣ୍ଡରେ ଆମର ଖେଳାଳି ଅନ୍ୟ ଦେଶମାନଙ୍କଠାରୁ ପଛରେ ପଡ଼ିଯାଇଛନ୍ତି।

ଆମ ଦେଶରେ କ୍ରିକେଟ୍ ଖେଳର ଲୋକପ୍ରିୟତା ମଧ୍ୟ ଫୁଟବଲର ବିକାଶରେ କିଛିମାତ୍ରାରେ ଅନ୍ତରାୟ ସୃଷ୍ଟି କରୁଛି। ଆଇପିଏଲ୍ ଯୁଗରେ ପ୍ରତିଭାଶାଳୀ ଯୁବକମାନେ ଅଧିକ ରୋଜଗାର, ଖ୍ୟାତି ପାଇଁ କ୍ରିକେଟକୁ ପସନ୍ଦ କରୁଛନ୍ତି। ଫୁଟବଲରେ ଏପର୍ଯ୍ୟନ୍ତ ସେହିସ୍ତରର ଆର୍ଥିକ ସୁରକ୍ଷା ଓ ପେଶାଦାର ସୁଯୋଗ ସୃଷ୍ଟି ହୋଇପାରିନାହିଁ। ଆଇପିଏଲ୍ ଢାଞ୍ଚାରେ ୨୦୧୪ରେ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍) ଆରମ୍ଭ ହେବା ପରେ ଭାରତୀୟ ଫୁଟବଲ୍ ପାଇଁ ଆଶା ସଞ୍ଚାର ହୋଇଥିଲା। ହେଲେ ଭାରତୀୟ ଫୁଟବଲ୍ ସଂଘ (ଏଆଇଏଫ୍ଏଫ୍)ର ଅଣପେଶାଦାର ମନୋବୃତ୍ତି ଯୋଗୁଁ ଏହି ଲିଗ୍ ପାଇଁ ଏବେ ପ୍ରାୟୋଜକ ଖୋଜିବା କଷ୍ଟକର ହୋଇପଡ଼ିଛି।

ବିଶ୍ୱର ଏକ ଅଗ୍ରଣୀ ଫୁଟବଲ୍ ଦେଶ ହେବାକୁ ହେଲେ ଭାରତକୁ କେବଳ ଏସିଆର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ନିୟମିତ ଭାବେ ଖେଳିବାକୁ ପଡ଼ିବନି, ବରଂ ସେମାନଙ୍କର ବୈଷୟିକ ମାନଦଣ୍ଡ ଏବଂ ଗତି ସହିତ ତାଳ ଦେଇ ଆଗକୁ ବଢ଼ିବାକୁ ହେବ। ବିଶ୍ୱର ଶ୍ରେଷ୍ଠ ତଥା ତୀବ୍ର ପ୍ରତିଯୋଗିତାମୂଳକ ଲିଗ୍ ଭାବେ ବିବେଚିତ ୟୁରୋପୀୟ ଓ ଦକ୍ଷିଣ ଆମେରିକୀୟ ଫୁଟବଲ୍ ଲିଗ୍‌ରେ ଆମ ଖେଳାଳିମାନଙ୍କର ଖେଳିବାର ଅଭିଜ୍ଞତା ସୀମିତ। ଏହାଛଡ଼ା ଭାରତୀୟ ଫୁଟବଲ ପ୍ରଶାସନରେ ସ୍ୱଚ୍ଛତା, ସ୍ପଷ୍ଟ ରୋଡମ୍ୟାପ୍‌ର ଅଭାବ ଓ ବାରମ୍ବାର ନୀତି ପରିବର୍ତ୍ତନ ମଧ୍ୟ ଏହି ଖେଳର ବିକାଶରେ ବାଧକ ସାଜିଛି। କୌଣସି ଦେଶ ବର୍ଷେ କିମ୍ବା ଦୁଇ ବର୍ଷରେ ବିଶ୍ୱକପ୍ ଦଳ ପ୍ରସ୍ତୁତ କରି ନ ଥାଏ। ଏଥିପାଇଁ ୧୦ରୁ ୧୫ ବର୍ଷର ନିରନ୍ତର ଯୋଜନା, ଧୈର୍ଯ୍ୟ ଓ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ। ଫୁଟବଲ୍ ପ୍ରଶାସନ ପେଶାଦାର ଏବଂ ଦୂରଦୃଷ୍ଟିସମ୍ପନ୍ନ ନହେବା ଯାଏଁ ବିଶ୍ୱକପ୍ ଖେଳିବା ଲକ୍ଷ୍ୟ ଅଧୁରା ରହିବ।

ପ୍ରଥମେ ସ୍କୁଲସ୍ତରରୁ ଫୁଟବଲକୁ ଏକ ସଂଗଠିତ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ ଜିଲ୍ଲାରେ ଫୁଟବଲ ଏକାଡେମୀ, ନିୟମିତ ଯୁବ ଲିଗ୍ ଓ ପ୍ରତିଭା ଚିହ୍ନଟ ବ୍ୟବସ୍ଥା ଗଢ଼ି ଉଠିବା ଦରକାର। ଅଭିଜ୍ଞ ଦେଶୀ ଓ ବିଦେଶୀ ପ୍ରଶିକ୍ଷକଙ୍କ ସହାୟତାରେ ଯୁବ ଖେଳାଳିଙ୍କୁ ବୈଜ୍ଞାନିକ ପ୍ରଶିକ୍ଷଣ ଦେବା ଆବଶ୍ୟକ। ଜାତୀୟ ଲିଗ୍‌କୁ ଅଧିକ ପ୍ରତିଯୋଗିତାମୂଳକ କରିବା ସହ ଯୁବ ଭାରତୀୟ ଖେଳାଳିଙ୍କୁ ନିୟମିତ ସୁଯୋଗ ଦେବା ଦରକାର। ଏହାଛଡ଼ା ଶକ୍ତିଶାଳୀ ଦଳମାନଙ୍କ ସହ ନିୟମିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଦ୍ୱାରା ଆମ ଖେଳାଳିଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ହାସଲ କରିବେ। ଭାରତୀୟ ଫୁଟବଲ ସଂଘକୁ ଏପରି ପ୍ରତିଯୋଗିତାମୂଳକ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ।


ସରକାର, ଫୁଟବଲ ସଂଘ, କର୍ପୋରେଟ୍ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସମାଜର ସମସ୍ତ ଅଂଶୀଦାର ଏକାଠି କାମ କଲେ ଭାରତୀୟ ଫୁଟବଲରେ ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ। କେବଳ ସ୍ୱଳ୍ପକାଳୀନ ସଫଳତା ନୁହେଁ, ବରଂ ଦୀର୍ଘମିଆଦୀ ଲକ୍ଷ୍ୟକୁ ଆଖିଆଗରେ ରଖି ଏଥିରେ ନିବେଶ କରିବାକୁ ହେବ। ବିଶ୍ୱକପ୍‌ରେ ଭାରତ ଖେଳିବା କଷ୍ଟକର ହୋଇଥିଲେ ମଧ୍ୟ ଅସମ୍ଭବ ନୁହେଁ। ଆବଶ୍ୟକ କେବଳ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ, ନିରନ୍ତର ପରିଶ୍ରମ ଓ ଦୀର୍ଘମିଆଦୀ ଯୋଜନା। ଏହା ହୋଇପାରିଲେ 'ଫିଫା' ବିଶ୍ୱକପ୍ ମଞ୍ଚରେ ତ୍ରିରଙ୍ଗା ଉଡ଼ିବ ଏବଂ ଭାରତୀୟ ଫୁଟବଲପ୍ରେମୀଙ୍କ ସ୍ୱପ୍ନ ସାକାର ହେବ।

ବ୍ରହ୍ମପୁର, ମୋ:୭୦୦୮୦୭୮୩୯୬

## ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ

**ବ୍ରଜକିଶୋର ଦାଶ**

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଅଳଙ୍କାର ପ୍ରିୟ ହରି। ଏହି ଆପ୍ତବାକ୍ୟ ଅନୁସାରେ ଶ୍ରୀଜଗନ୍ନାଥ ଅଳଙ୍କାର ପ୍ରିୟ ଦେବତା। ଶ୍ରୀଜଗନ୍ନାଥଙ୍କ ବେଶ ପରିପାଟିରୁ ଜଣାଯାଏ, ମହାପ୍ରଭୁ ଚାରିପ୍ରକାର ଅଳଙ୍କାର ଯଥା ବସ୍ତ୍ର ଅଳଙ୍କାର, ପୁଷ୍ପ ଅଳଙ୍କାର, ସୁବର୍ଣ୍ଣ ଅଳଙ୍କାର ଓ ସୋଲ, ଜରି ଜମ୍ଭୁରା ନିର୍ମିତ ଅଳଙ୍କାରରେ ଭୂଷିତ ହୋଇଥା'ନ୍ତି। ଭାରତର କୌଣସି ଦେବମନ୍ଦିରରେ ଠାକୁରମାନଙ୍କୁ ଏଭଳି ଆକର୍ଷଣୀୟ ବହୁବିଧ ସାମଗ୍ରୀ ତଥା ଅଳଙ୍କାରରେ ମଣ୍ଡିତ କରିବାର ଦେଖାଯାଏ ନାହିଁ।

ପୁରାଣ ବର୍ଣ୍ଣିତ ବିଭିନ୍ନ ଲୀଳାକୁ ଆଧାର କରି ବର୍ଷସାରା ଶ୍ରୀମନ୍ଦିରରେ ଅନେକ ବେଶ ଅନୁଷ୍ଠିତ ହେଉଛି। ବାରମାସରେ ବିଷ୍ଣୁଙ୍କୁ ବାରଟି ନାମରେ ନାମିତ କରାଯାଇଛି। କାର୍ତ୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର। ଏହିମାସରେ ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଥିବା କଥା ସମସ୍ତେ ଜାଣନ୍ତି। କିନ୍ତୁ ପ୍ରକୃତପକ୍ଷେ ରାଧାଦାମୋଦର ବେଶ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ଏକମାସ ହୋଇଥାଏ। କେତେକ ଆଲୋଚକଙ୍କ ମତରେ ରାଇଦାମୋଦର ପୂଜାର କଥାବସ୍ତୁକୁ ନେଇ ରାଧାଦାମୋଦର ବେଶ ହେଉଥିବାର କୁହାଯାଏ। ରାଧା ଓ କୃଷ୍ଣଙ୍କୁ ନେଇ ବିଭିନ୍ନ ଗ୍ରନ୍ଥରେ ଏ ପୂଜା ସମ୍ବନ୍ଧରେ ଉଲ୍ଲେଖ ଥିବା ଜଣାଯାଏ। ଏପରିକି କେହିକେହି ରାଧାଦାମୋଦର ବେଶ ଶ୍ରୀଚୈତନ୍ୟଙ୍କ ପ୍ରେରଣାରେ ପ୍ରତାପରୁଦ୍ରଦେବଙ୍କ ସମୟରେ ଆରମ୍ଭ ହୋଇଥିବାର କହୁଥିଲା ବେଳେ ଅନ୍ୟ କେହି ଜୟଦେବ ଓ ନିମ୍ବାର୍କ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଉପାସକ ଥିବାରୁ ଏବଂ ସେ ନିମ୍ବାର୍କ ସଂପ୍ରଦାୟର ମଠରେ ରହୁଥିବାରୁ ତାଙ୍କ ସମୟରୁ ଏହାର ପ୍ରାରମ୍ଭ ହୋଇ ଥାଇପାରେ କେହି କହିଥା'ନ୍ତି। ଏହା ଗବେଷଣାସାପେକ୍ଷ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ରାଧାଦାମୋଦର ବେଶ ଏହିପରି। ଅବକାଶ ନୀତି ବଢ଼ିବା ପରେ ସବୁଦିନ ପରି ଶ୍ରୀବିଗ୍ରହଙ୍କୁ ବାରଲାଗି ପାଟ ପରିଧାନ କରାଯାଇଥାଏ। ରବିବାର ନାଲିରଙ୍ଗ, ସୋମବାର ଧଳାଛିଟ ମିଶା ଶୁକ୍ଲରଙ୍ଗ, ମଙ୍ଗଳବାର ପାଞ୍ଚରଙ୍ଗ ମିଶା ବାରପାଟିଆ, ବୁଧବାର ନୀଳରଙ୍ଗ, ଗୁରୁବାର ହଳଦିଆ ରଙ୍ଗ, ଶୁକ୍ରବାର ଶୁକ୍ଲରଙ୍ଗ ଓ ଶନିବାର କଳାରଙ୍ଗର ପାଟ ଠାକୁରମାନେ ପରିଧାନ କରିଥା'ନ୍ତି। ରାଧାଦାମୋଦର ବେଶରେ ମା'ସୁଭଦ୍ରା ବାରଲାଗି ପାଟ ଉପରେ ପ୍ରତିଦିନ ନାଲି ଲେହେଙ୍ଗା ପରିଧାନ କରିଥା'ନ୍ତି। ସେହିପରି ଶ୍ରୀସୁଦର୍ଶନ ଏକାରଙ୍ଗର ନାଲି କୁଞ୍ଚ ପ୍ରତିଦିନ ଲାଗି ହୁଅନ୍ତି। ରାଧାଦାମୋଦର ବେଶରେ ବସ୍ତ୍ରର ଏ ପ୍ରକାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ। ଦୁଇଠାକୁର ଏ ବେଶରେ କାନ୍ଧପଇଟି ଲାଗି ହୁଅନ୍ତି। ଶ୍ରୀଜୀଉଙ୍କର ସ୍କନ୍ଧଦେଶରେ ଲାଗି ହେଉଥିବା ଏହା ଏକ ବାଇଶିହାତିଆ ଚାଦର, ଉତ୍ତରୀୟ ବା କାନ୍ଧବସ୍ତ୍ର ଅଟେ। ଏହି କାନ୍ଧପଇଟି ବାର ଅନୁସାରେ ନିଶ୍ଚିତ ନ ହୋଇ ବାରଲାଗି ପାଟର ରଙ୍ଗର ଦେଖି ନାଲି, ନୀଳ କିମ୍ବା ହଳଦିଆ ରଙ୍ଗର ହୋଇଥାଏ। ରାଧାଦାମୋଦର ବେଶରେ ଲାଗି ହେଉଥିବା ସମସ୍ତ ବସ୍ତ୍ର ଚାଙ୍ଗଡ଼ା ମେକାପ ଯୋଗାଉଥିବା ବେଳେ ମା'ସୁଭଦ୍ରାଙ୍କ ନାଲି ଲେହେଙ୍ଗା, ଶ୍ରୀସୁଦର୍ଶନଙ୍କ କୁଞ୍ଚ ଓ ଦୁଇଠାକୁରଙ୍କ କାନ୍ଧପଇଟି ସୁବର୍ଣ୍ଣ ଅଳଙ୍କାର ସହିତ ଭଣ୍ଡାରମେକାପ ସେବକ ଯୋଗାଇଥା'ନ୍ତି।

ଏ ବେଶରେ ତିଳକ ବ୍ୟତୀତ ଛଅ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଯଥା, ଘାଗଡ଼ା ମାଳି, ଚନ୍ଦ୍ରସୂର୍ଯ୍ୟ ଓ ଓଡ଼ିଆଣି, ଚନ୍ଦ୍ରିକା ନଳୀଭୁଜ ଓ କୁଣ୍ଡଳ ଲାଗି ହୁଅନ୍ତି। ତିନିବିଗ୍ରହଙ୍କ ଶ୍ରୀଅଙ୍ଗରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ସୂର୍ଯ୍ୟଚନ୍ଦ୍ର (ସୁନାର ଧାରେ ଜହ୍ନ ଉପରେ ସୂର୍ଯ୍ୟଭଳି ଏକ ମସ୍ତକ ଆଭୂଷଣ), ଓଡ଼ିଆଣି (ଠାକୁରଙ୍କ କଟି ଦେଶରେ ଏକ ପ୍ରକାର ଅଳଙ୍କାର ଯାହାକୁ କମରପଟି ବୋଲି କୁହାଯାଏ, ଅଣ୍ଟାଲୁଗାକୁ ଧରି ରଖିବା ପାଇଁ ଏକ ଅଳଙ୍କାର) ଏବଂ ଦୁଇ ଠାକୁରଙ୍କୁ ଚନ୍ଦ୍ରିକା ଲାଗି କରାଯାଏ। ପ୍ରତିଦିନ ଅନୁଷ୍ଠିତ ହେଉଥିବା ବଡ଼ସିଂହାର ବେଶରେ ଶ୍ରୀବିଗ୍ରହଙ୍କୁ ତୁଳସୀ ଘେରା ଗଭା ଉପରେ ଦୟଣାମାଳୀ ସେବକ ପ୍ରସ୍ତୁତ କରି ଦେଇଥିବା ତିନି ପୁଷ୍ପ ଚନ୍ଦ୍ରିକା ଲାଗି ହେଉଥିଲେ ହେଁ ରାଧାଦାମୋଦର ବେଶରେ ମା'ସୁଭଦ୍ରାଙ୍କୁ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥାଏ। ଏପରିକି ଏ ମାସକ ମଧ୍ୟରେ ପଡୁଥିବା ଶନିବାର ଦିନମାନଙ୍କରେ କୌଣସି ବିଗ୍ରହ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥା'ନ୍ତି। ଏତଦ୍‌ବ୍ୟତୀତ ଦୁଇଠାକୁର କର୍ଣ୍ଣରେ କୁଣ୍ଡଳ ପରିଧାନ କରିଥିଲା ବେଳେ ମା'ସୁଭଦ୍ରାଙ୍କ ମସ୍ତକରେ ତଡ଼ଗି ଲାଗିହୁଏ। ପ୍ରତ୍ୟେକ ସୁନାବେଶରେ ଦୁଇଠାକୁରଙ୍କୁ ଶ୍ରୀଭୁଜ ଲାଗି ହେଉଥିବା ବେଳେ ରାଧାଦାମୋଦର ବେଶରେ ଦୁଇଠାକୁରଙ୍କୁ ନଳିଭୁଜ ଲାଗି ହୋଇଯାଏ। ଶ୍ରୀଭୁଜ ମହାପ୍ରଭୁଙ୍କର ସୁବର୍ଣ୍ଣ ନିର୍ମିତ ହସ୍ତଯୁଗଳ, ଯେଉଁଥିରେ ଶ୍ରୀଜଗନ୍ନାଥ ରୌପ୍ୟ ଶଙ୍ଖ ଓ ସୁବର୍ଣ୍ଣ ଚକ୍ର ଧରିଥିଲା ବେଳେ ଶ୍ରୀବଳଭଦ୍ର ହଳ ଓ ମୂଷଳ ଧାରଣ କରିଥା'ନ୍ତି। ନଳିଭୁଜ ଶ୍ରୀଜୀଉଙ୍କର ହସ୍ତର ଅଗ୍ରଭାଗକୁ ଆବୃତ କଲା ଭଳି ଏକ ସୁବର୍ଣ୍ଣ ଆଭୂଷଣ ମାତ୍ର। ଏହି ନଳିଭୁଜର ବହିର୍ଭାଗରେ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଶଙ୍ଖଚକ୍ର ଓ ଶ୍ରୀବଳଭଦ୍ରଙ୍କ ନଳିଭୁଜରେ ହଳମୂଷଳ ଚିହ୍ନ ରହିଥାଏ।

ରାଧାଦାମୋଦର ବେଶରେ କମ୍ ପରିମାଣରେ ପୁଷ୍ପ ଅଳଙ୍କାର ଲାଗି ହୋଇଥାଏ। କେବଳ ଝୁମ୍ପା (ଶ୍ରୀମୁଖର ତିଳକ ତଳୁ ନାସାଗ୍ର ପର୍ଯ୍ୟନ୍ତ ଲମ୍ବିଥିବା ଏକ ପୁଷ୍ପ ଅଳଙ୍କାର), ଗୁଣା (ନାକଫୁଲ ପରି ଏକ ପୁଷ୍ପ ଭୂଷା, ଅଧରମାଳା (ଗଳାରେ ଶୋଭା ପାଉଥିବା ଏକ ପୁଷ୍ପ ମାଲ୍ୟ ଯାହା ଅଧର ପର୍ଯ୍ୟନ୍ତ ଲମ୍ବିଥାଏ) ଲାଗି ହୋଇଥାଏ। ଜରି, ଜମ୍ଭୁରା ବା ସୋଲ ନିର୍ମିତ କୌଣସି ବେଶ ଉପକରଣ ଲାଗି ହୋଇ ନ ଥାଏ। କେବଳ ବାଉଁଶ ପାତିଆରେ ନିର୍ମିତ ଏକ ଟୋପର ବାରଲାଗି ପାଟ ରଙ୍ଗର ଲୁଗାରେ ଆବୃତ କରାଯାଇ ଦୁଇଠାକୁରଙ୍କର ଶ୍ରୀମସ୍ତକରେ ରଖାଯାଇ ତା'ଉପରେ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି କରାଯାଇଥାଏ। ଅବକାଶ ନୀତିପରେ ଅନୁଷ୍ଠିତ ହେଉଥିବା ଏହି ବେଶ ସକାଳଧୂପ ପର୍ଯ୍ୟନ୍ତ ରହି ଭୋଗମଣ୍ଡପ ପୂଜା ପୂର୍ବରୁ ଓଲାଗି ହୋଇଥାଏ।

କାର୍ତ୍ତିକମାସରେ ଭଗବାନ ମତ୍ସ୍ୟ ଅବତାର ଧାରଣ କରି ଶଙ୍ଖାସୁରକୁ ବଧ କରିଥିଲେ। ବିଷ୍ଣୁ କାର୍ତ୍ତିକ ମାସରେ ଜଳରେ ନିବାସ କରୁଥିବାରୁ ପୁଣ୍ୟଲାଭ ନିମନ୍ତେ ତୀର୍ଥ ପୁଷ୍କରିଣୀରେ ପ୍ରାତଃ ସ୍ନାନ ପରେ ଶ୍ରୀକ୍ଷେତ୍ରବାସୀ ତଥା କାର୍ତ୍ତିକ ବ୍ରତଧାରୀ ଓ ହବିଷ୍ୟାଳୀମାନେ ଶ୍ରୀମନ୍ଦିରକୁ ଆସି ରାଧାଦାମୋଦର ବେଶ ଦର୍ଶନ ପୂର୍ବକ ନିଜକୁ କୃତାର୍ଥ ମଣିଥା'ନ୍ତି।

ମୋ: ୯୪୩୭ ୬୩୩୯୨୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା: ଆଉ ଜଣେ ଯୁବତୀଙ୍କ ମୃତ୍ୟୁ

## ଦଲାଲ ମୁଣ୍ଡରେ ଦୋଷଦେଇ ଖସିଯିବେକି ସରକାରୀ ଅଧିକାରୀ ?

କେନ୍ଦୁଝର,୧।୭(ସମିସ): ତାମିଲନାଡୁର ତିରୁଭଲୁର ଜିଲ୍ଲା ପେରିୟାପାଲ୍ଲୀଆମ ନିକଟରେ ଥିବା ସେଣ୍ଟ ପିଟର୍ସ ପର୍ଲ ସି-ଫୁଡ ଏକ୍ସପୋର୍ଟ କମ୍ପାନୀରେ ଏମୋନିଆ ଗ୍ୟାସ ଲିକ ଘଟଣାରେ ଆଉ ଜଣେ ଓଡ଼ିଆ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଖରବା ଗ୍ରାମର ଭୀମ ଜୁଆଙ୍ଗଙ୍କ ଝିଅ ଅଞ୍ଜନା ଜୁଆଙ୍ଗ ବୋଲି ଜଣାପଡିଛି। ବୁଧବାର ବେଳକୁ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚିଛି। ସମସ୍ତେ ପ୍ରାୟ ଜୁଆଙ୍ଗ ଜନଜାତି ବର୍ଗର ଅଟନ୍ତି। ଜିଲ୍ଲାରେ ଜନଜାତି ଜୁଆଙ୍ଗ ସଂଖ୍ୟା ଖୁବ କମ ହୋଇଥିବାବେଳେ ଅକାଳରେ ଏମାନଙ୍କ ମୃତ୍ୟୁ ହୋଇଛି। ସରକାରୀ କଳର ଅବ୍ୟବସ୍ଥା କାରଣରୁ ହୋଇଥିବାରୁ ଚିନ୍ତାର କାରଣ ସାଜିଛି। ଏଠାରୁ ଦଲାଲ ମାଧ୍ୟମରେ ତାମିଲନାଡୁ ଯାଇ ବିପଦସଂକୁଳ ଅବସ୍ଥାରେ ଜୁଆଙ୍ଗମାନେ କିପରି କାମ କରୁଛନ୍ତି ଏହି ଦୁର୍ଘଟଣା ଏକ ନମୁନା ମାତ୍ର। ଏହା ପ୍ରଶାସନର ଢିଲାପଣିଆ ଏବଂ ଦଲାଲଙ୍କ ସହିତ ଶ୍ରମ ବିଭାଗ କର୍ମଚାରୀଙ୍କ ଭିତିରି ସମ୍ପର୍କକୁ ଦର୍ଶାଉଛି। ତେଲକୋଇ, ବାଂଶପାଳ, ହରିଚନ୍ଦନପୁର ସମେତ ବିଭିନ୍ନ ବ୍ଲକରେ ଅତିରିକ୍ତ ଶ୍ରମ ଅଧିକାରୀ ଦାୟିତ୍ୱରେ ରହିଛନ୍ତି. କିନ୍ତୁ ତାଙ୍କର ପରିସୀମା ଭିତରେ ଛୋଟ ଛୋଟ ଝିଅମାନେ ବେଆଇନ ଭାବେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି କିପରି ଏବଂ ବ୍ଲକ ଶ୍ରମ ଅଧିକାରୀମାନେ କିଛି ଜାଣି ପାରୁନାହାନ୍ତି କିପରି ତାକୁ ନେଇ ପ୍ରଶ୍ନ ହେଉଛି। ଶ୍ରମ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଦଲାଲମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରି ନିଜ ଦାୟିତ୍ୱରୁ ଖସିଯିବାକୁ ଅଭିଯୋଗ ହେଉଛି।

## ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ନାଁରେ ଏକାଧିକ ଥାନାରେ ମାମଲା ରୁଜୁ

ତେଲକୋଇ: ତାମିଲନାଡୁ ଗ୍ୟାସ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ଶ୍ରମ ବିଭାଗ ସଂପୃକ୍ତ ଥିବା ଦଲାଲ ତଥା ଶିଶୁ ଶ୍ରମିକ ଚାଲାଣକାରୀ ଶ୍ରୀକାନ୍ତ ଜୁଆଙ୍ଗ ନାମରେ ବିଭିନ୍ନ ଥାନାରେ ଲିଖିତ ଅଭିଯୋଗ କରିଛି। ଅଭିଯୋଗ ଆଧାରରେ ଜିଲ୍ଲାର ତେଲକୋଇ, ପଣ୍ଡାପଡ଼ା, ହରିଚନ୍ଦନପୁର, ଦୈତାରି, ସଦର ଥାନା, କାଞ୍ଜିପାଣି, ନୟାକୋଟ ଆଦି ଥାନାରେ ମାମଲା ରୁଜୁ ହୋଇଛି। ତେଲକୋଇ ଥାନା ତାଳପଦା ପଞ୍ଚାୟତ ରଙ୍ଗମାଟିଆ ଗ୍ରାମର ଶ୍ରୀକାନ୍ତ ଜୁଆଙ୍ଗ ଜିଲ୍ଲାର ବିଭିନ୍ନ ସ୍ଥାନରୁ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ତାମିଲନାଡୁସ୍ଥିତ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଫ୍ୟାକ୍ଟ୍ରିକୁ କାର୍ଯ୍ୟ କରିବାକୁ ଚାଲାଣ କରୁଥିଲା। ଗତ ୨୧ ତାରିଖ ଉକ୍ତ ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ ଲିକେଜ୍ ହେବାରୁ ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତି ଶ୍ରମିକ ଜୀବନ ଯାଇଛି। ଯାହାକୁ ନେଇ ଶ୍ରମ ବିଭାଗ ଆଇନଗତ ପଦକ୍ଷେପ ନେଇଥିବା ଜଣାପଡ଼ିଛି।


### AFFIDAVIT

By virtue of an affidavit sworn before the Notary Public, Bhubaneswar, dtd 01.07.2026, I, Rudranarayan Rout, Address At/P.O- Badalo, P.S- Motanga, Dist- Dhenkanal, PIN- 759020 declare that I have changed my name from Rudra Rout to Rudranarayan Rout. Henceforth, I shall be known as **Rudranarayan Rout** for all purposes.

**Rudranarayan Rout**

### LOST

I, **Ranjan Mohapatra** do here by declare that, the original ROR/Patta, Khatian No-703/2336, Plot No-297/2147/3603, Mouza-Patrapada has been misplaced somewhere and a complaint has been lodged at Lingaraj Police Station, Bhubaneswar, vide No.019 **Dt.23.06.26.** If found by anybody, Please **Contact-8260024523**. I also declare that I have not mortgaged this with any bank or Individual/ financial institutions.

### AFFIDAVIT

By virtue of an affidavit sworn before Executive Magistrate, Soro on dt. 25.6.2026 I, Pradeep Kumar Jena, S/o-Babaji Jena, At-/Po-Kesharipur, Ps- Soro, Dist.-Balasore-756045, declare that I have changed my name from Pradeep Nayak to Pradeep Kumar Jena. Henceforth, I shall be known as **Pradeep Kumar Jena** for all purposes.

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, **I, Dhaneswar Samal**, S/o.: Late Banambar Samal, Resident of Plot No.: 1047, Talasahi, Patia, PO: Patia, PS: Chandrasekharpur, Bhubaneswar-751024, Dist.: Khurdha, Odisha declare by this Affidavit No.: 18184, Dt: 24.06.2026. I have changed my name from Dhanaswar Samal to **Dhaneswar Samal**. Henceforth, I shall be known as **Dhaneswar Samal** for all purposes.

### ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି 13001/1031/2627

**OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI**

Phone No.: **06815-222052**, e-Mail: parala.mply@gmail.com

Letter No.: 2442, Date: 01.07.2026

**QUOTATION CALL NOTICE**

Sealed quotations are invited from agencies having relevant certificate with valid GST No. and past experience for the work **"Beautification / road painting of Palace Street road"** on the occasion of **Ratha Yatra 2026**. The tender paper will be available on payment of **Rs. 2,000/- (Rupees Two Thousand only)** (which is **non-refundable**) in the shape of Demand Draft in any Nationalized Bank payable at Paralakhemundi in favour of **Executive Officer, Paralakhemundi Municipality** or by payment of cash. The prescribed bid documents & related terms and conditions can be downloaded from www.gajapati.odisha.gov.in or purchased from the office from **02.07.2026**. The quotations should reach this office **on or before 08.07.2026 by 5.00 PM** through **Speed Post / Registered Post only** and will be opened on **09.07.2026 at 11.00 AM** in the presence of the agency or their authorized representative, if any.

Quotation incomplete in any respect or received after the due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

**Executive Officer**
**Paralakhemundi Municipality**

OIPR-13001/13145/1/26-27/0004

### Office of CSO-cum-District Manager Odisha State Civil Supplies Corporation Ltd.

District: Malkangiri
Phone No. 9438200051

7001/53/2627

TENDER No.: 2233 Dated: 29.06.2026

**Cost of Tender Document is Rs. 1000/- inclusive of GST for Cluster Malkangiri District (through online mode).**

Online tenders are invited from eligible bidders for selection and appointment of **Transport Contractors** for transportation of **Paddy from Paddy Purchase Centers (PPCs) / Mandis to Rice Mill points (within or outside the district)** for the **KMS: 2025-26**.

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AM at Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AM at Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only**. |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**

1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website www.tendersodisha.gov.in & www.foododisha.in.

**CSO-cum-District Manager**
**OSCSC Ltd., Malkangiri**

OIPR-7001/7035/1/26-27/0005


## ବାଣପୁର ଭିଡ଼ହିଂସା

## ନିଜ ନିର୍ବାଚନମଣ୍ଡଳୀରେ ଆଇନ ରକ୍ଷାରେ ଫେଲ୍ ଆଇନମନ୍ତ୍ରୀ: ଓଜେସି

ଭୁବନେଶ୍ୱର,୧।୭(ସମିସ): ଆଇନମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ଠାରେ ଘଟିଥିବା ଭିଡ଼ ହିଂସାର ବର୍ବରତା ଓ ପୁଲିସର ନିଷ୍କ୍ରିୟତା ବିରୋଧରେ ବର୍ଷିଛି ଓଜେସି। ବୁଧବାର ପାର୍ଟି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ନିରବତା ଏବଂ ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତିକୁ ନେଇ ପାର୍ଟିର ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସେ କହିଛନ୍ତି ଯେ ଗତ ୨୮ ଜୁନ୍ ଅପରାହ୍ନ ୪ଟା ସମୟରେ ତୋଫାନ ନାୟକ ନାମକ ୩୨ ବର୍ଷୀୟ ଦଳିତ ଯୁବକ ନିଜ ଗାଁ ଭୀମପୁର ଠାରୁ ପାଖରେ ଥିବା ଖଣତ ଗାଁକୁ ବୁଲିଯାଇଥିବାବେଳେ ଚୋର ସନ୍ଦେହରେ କିଛି ଅସାମାଜିକ ତତ୍ତ୍ୱ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ। ଗଛରୁ ନଡ଼ିଆ ତୋଳି ପରିବାର ନିର୍ବାହ କରୁଥିବା ଜଣେ ଗରିବ ଦଳିତ ପିଲାକୁ ପିଟି ପିଟି ମାରି ଦିଆଗଲା। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେବାପରେ ଦୁଇ ଘଣ୍ଟା ବିଳମ୍ବରେ ପୁଲିସ ଆସି ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରି ଥାନାକୁ ନେଲେ। ଥାନାରେ ସନ୍ଧ୍ୟା ୬ଟାରୁ ରାତି ୯ଟାଯାଏଁ ତାଙ୍କୁ ରଖାଗଲା। କିନ୍ତୁ ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ଡାକ୍ତରଖାନାକୁ ନିଆଗଲା ନାହିଁ। କେଉଁ ଅଦୃଶ୍ୟ ଚାପରେ ପୁଲିସ ଭିଡ଼ ହିଂସାର ଶିକାର ଗୁରୁତର ଯୁବକଙ୍କୁ ଡାକ୍ତରଖାନାକୁ ନନେଇ ୩ ଘଣ୍ଟା ଥାନାରେ ରଖିବା ପରେ ତାଙ୍କ ବାପା ଭିକାରୀ ନାୟକଙ୍କ ପାଖରୁ ଟିପଚିହ୍ନ ମରା ଅଣ୍ଡରଟେକିଂ ରଖି ତାଙ୍କ ପରିବାରକୁ ହସ୍ତାନ୍ତର କରିଦେଲେ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।




ଅନ୍ୟପଟେ ଏହି ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ୍ୟ ଦୃବୃର୍ତ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଅତି ଅମାନବୀୟ ଘଟଣାକ୍ରମେ ପୁଅର ଶବକୁ ଭୁବନେଶ୍ୱରରେ ଛାଡ଼ି ବାପା ଭିକାରି ନାୟକ ୧୦୦ କିମି ଦୂର ବାଣପୁର ଯାଇ ଥାନାରେ ଜଣେଇଲା ପରେ ଏତଲା ପଞ୍ଜୀକରଣ କରାଯାଇଥିଲା। ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରିବା ସମୟରେ ଦୃର୍ବୃତ୍ତଙ୍କୁ କାହା ଚାପରେ ପୁଲିସ ଗିରଫ କଲାନାହିଁ ବୋଲି ଶ୍ରୀ ଶତପଥୀ ପ୍ରଶ୍ନ କରିଛନ୍ତି। ଏହା ସହିତ ଏହି ଘଟଣାରେ ଦୋଷୀଙ୍କ ବରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଥାନାରେ ନିର୍ଯାତନା ଅଭିଯୋଗ ଉପରେ ତଦନ୍ତ ପାଇଁ ପାର୍ଟି ଦାବି କରିଛି। କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ଅଧିକାରୀଙ୍କୁ ନିଲମ୍ବନ ସାଙ୍ଗକୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ନିଜ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ରକ୍ଷା କରିବାରେ ବ୍ୟର୍ଥ ଆଇନମନ୍ତ୍ରୀ ତାଙ୍କ ବିଭାଗରୁ ଇସ୍ତଫା ଦିଅନ୍ତୁ ବୋଲି ପାର୍ଟି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶୁଭେନ୍ଦୁ ମଲ୍ଲିକ ଏବଂ ସୋମନାଥ ରାଉତ ଉପସ୍ଥିତ ଥିଲେ।


### ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: SnT_RTM_PSSA_25_01_R ତାରିଖ: ୨୯.୦୬.୨୦୨୬

1) କାର୍ଯ୍ୟର ନାମ : ପଶ୍ଚିମ ରେଳବାଇର ରତଲାମ ମଣ୍ଡଳର ସିଗ୍ନାଲ ଓ ଟେଲିକମ୍ (S&T) ବିଭାଗର ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ ଏଜେନ୍ସି (PSSA) ନିଯୁକ୍ତି। 2) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.9,06,75,098/- 3) ବିଡ୍ ସୁରକ୍ଷା / ଅମାନତ ଜମା : ଟ.18,13,500/- 4) ଟେଣ୍ଡର ଦସ୍ତାବେଜର ମୂଲ୍ୟ : ନିଃଶୁଳ୍କ (NIL) 5) ପ୍ରି-ବିଡ୍ ସମ୍ମିଳନୀ : 06.07.2026, ସମୟ 12:00 ଘଣ୍ଟା (IST) 6) ବିଡ୍ ଦାଖଲର ଶେଷ ତାରିଖ ଓ ସମୟ : 27.07.2026 ଦିନ 15:00 ଘଣ୍ଟା। 7) ଟେକ୍ନିକାଲ ବିଡ୍ ଖୋଲିବାର ତାରିଖ ଓ ସମୟ : 27.07.2026 ଦିନ 15:30 ଘଟିକା। 8) କମର୍ଶିଆଲ ବିଡ୍ ଖୋଲିବାର ତାରିଖ : ଟେକ୍ନିକାଲ ବିଡ୍ ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚନା ଦିଆଯିବ। 9) ପ୍ରସ୍ତାବର ବୈଧତା : ଟେଣ୍ଡର ଖୋଲିବା ତାରିଖ ଠାରୁ 120 ଦିନ। 10) କାର୍ଯ୍ୟ ସମାପ୍ତି ଅବଧି : ୨୪ ମାସ। 11) ଟେଣ୍ଡରିଂ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବା ସ୍ଥାନ : ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (ୱର୍କ୍ସ), ରତଲାମ, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶ। 12) ଇ-ଟେଣ୍ଡର ପୋର୍ଟାଲ : www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଟେଣ୍ଡର ଦେଖିପାରିବେ ଏବଂ ପ୍ରସ୍ତାବ କେବଳ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ଦାଖଲ କରିବାକୁ ହେବ। CRY/06/120

Like us on: facebook.com/WesternRly

### ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଲାଚୁଆଁ, କନ୍ଧମାଳ, ବୌଦ୍ଧ

**ବିଜ୍ଞାପନ**

**ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଲାଚୁଆଁ ଛାତ୍ରାବାସର ଅସ୍ଥାୟୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଓଡିଶା ସରକାରଙ୍କ ଅଧୀନରେ ପରିଚାଳିତ ବୌଦ୍ଧ ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ, (Non-KGBV) Warden, Head Cook, Assistant-Cook, Chowkidar cum Sweeper ପଦବୀ ପାଇଁ ଅସ୍ଥାୟୀ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଅଟେ । ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.୦୩.୦୭.୨୦୨୬ ରୁ ତା.୧୭.୦୭.୨୦୨୬ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଲାଚୁଆଁ ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ୍ ପୋଷ୍ଟ / ସିଧାସଳଖ ବିଦ୍ୟାଳୟ କାର୍ଯ୍ୟାଳୟରେ, କେବଳ କାର୍ଯ୍ୟଦିବସରେ ସକାଳ ୧୦.୦୦ ରୁ ସଂଧ୍ୟା ୪.୦୦ ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ https://boudh.odisha.gov.in ଏବଂ https://oav.edu.in/OAVAIN ରେ ଉପଲବ୍ଧ ଅଟେ।

**ସ୍ୱା/ ଅଧ୍ୟକ୍ଷ**
**ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଲାଚୁଆଁ**


# ଓଡ଼ିଆ ଚଳଚ୍ଚିତ୍ର 'ଆଫା' କରମୁକ୍ତ

ଭୁବନେଶ୍ୱର,୧।୭(ସମିସ): ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ନୈନା ଦାଶ ତିୱାରୀଙ୍କ ଦ୍ୱାରା ପ୍ରଯୋଜିତ ଓଡିଆ ଚଳଚ୍ଚିତ୍ର 'ଆଫା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଅଙ୍ଗଦାନର ବିଷୟବସ୍ତୁ ଉପରେ ଆଧାରିତ। ମାନବିକତାକୁ




ପ୍ରେରଣା ଦେବା ଏବଂ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଚଳଚ୍ଚିତ୍ରର କାହାଣୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଦୀର୍ଘଦିନ ଧରି ଗୁରୁତର ରୋଗରେ ପୀଡ଼ିତ ଏକ ୧୬ ବର୍ଷର ଝିଅ ନିଜ ଅଙ୍ଗ ଦାନ କରିବା ପାଇଁ ଆଗେଇ ଆସିଛି। ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଅସୀମ ସାହସର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଏକ ସାମାଜିକ ଆଦର୍ଶ ସୃଷ୍ଟି କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି।


### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

1) ଇ-ଟେଣ୍ଡର ନଂ.: RTM-2026-27-63, 2) କାର୍ଯ୍ୟର ନାମ: GDA–NAD ସେକ୍ସନର ମେଘନଗର ଏବଂ ଦାହୋଦ ଷ୍ଟେସନରେ ସାମଗ୍ରୀ ଶେଡ୍‌ର ଆବରଣ (କଭର୍ ଶେଡ୍) ନିର୍ମାଣ ଏବଂ ପୃଷ୍ଠଭାଗର ଉନ୍ନତିକରଣ କାର୍ଯ୍ୟ। 3) ଆନୁମାନିକ ପରିମାଣ : ବିସ୍ତୃତ ଟେଣ୍ଡର ସୂଚନାନୁସାରେ। 4) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.22,36,87,576.70 5) ଅମାନତ ରାଶି : ଟ.44,73,800.00, 6) କାର୍ଯ୍ୟ ସମାପ୍ତି ଅବଧି : 24 ମାସ। 7) ୱେବସାଇଟ୍‌ରେ ଅପଲୋଡ୍ ତାରିଖ : 26.06.2026, 8) ଟେଣ୍ଡର ଖୋଲିବାର ତାରିଖ : 20.07.2026। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। CRY/06/121

Like us on: facebook.com/WesternRly

### AFFIDAVIT

I, Hemanta Kumar Mohanty, aged about 52 years, S/o-Durga Charan Mohanty, resident of At- GA Plot No.54, Rev. Plot No.384, Flat No. S-4, Sourya Complex, Surya Nagar, Near OUAT, Khandagiri, Bhubaneswar, Dist- Khordha, PIN-751003, Odisha declared by this affidavit No. 1332, dtd-01/07/2026 that now onwards I shall be known as **HEMANT KUMAR MOHANTY** for all future purposes.

### ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ

### ନିୟନ୍ତ୍ରିତ ବଜାର କମିଟି, କୋରାପୁଟ , ଜିଲ୍ଲା : କୋରାପୁଟ

ନିର୍ବାଚନ ନୋଟିସ ସଂଖ୍ୟା : ୧୨୨୧ /୨୦୨୬ ତା: ୦୧/୦୭/୨୦୨୬

୧୯୫୬ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ଆଇନର ଧାରା ୬ ଓ ୧୯୫୮ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୩ ରୁ ୨୪ ଅନୁସାରେ ଏବଂ କୋରାପୁଟ ଜିଲ୍ଲାପାଳଙ୍କ ଆଦେଶନାମାନୁସାରେ ଆମ୍ଭଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମ୍ଭେ ଶ୍ରୀ ଚନ୍ଦ୍ର ସେଠିଆ, ଓ.ସି.ଏସ (୨), ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, କୋରାପୁଟ ତଥା ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ଉକ୍ତ କମିଟିର ସଦସ୍ୟ ନିର୍ବାଚନ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ତା ୨୩.୦୮.୨୦୨୬ ରିଖ (ରବିବାର) ଦିନ ଅନୁଷ୍ଠିତ ହେବ । ଅତଏବ କୋରାପୁଟ ରାଜସ୍ୱ ଉପଖଣ୍ଡର କୃଷକ ସଂଗଠନ, ବ୍ୟବସାୟୀ ଗୋଷ୍ଠି ଏବଂ ସ୍ୱାୟତ୍ତ ଶାସନ ସଂସ୍ଥା ସମୂହ ଉକ୍ତ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ସେମାନଙ୍କର ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛି ।

**ନିର୍ବାଚନରେ ପୂରଣ ହେବାକୁ ଥିବା ସ୍ଥାନର ସଂଖ୍ୟା :**

| କ୍ରମିକ ସଂଖ୍ୟା | ନିର୍ବାଚନ ମଣ୍ଡଳୀର ନାମ | ସ୍ଥାନ ସଂଖ୍ୟା |
|---|---|---|
| ୧. | କୃଷକ ନିର୍ବାଚନ ମଣ୍ଡଳୀ | ୮ (ଆଠ) |
| ୨. | ବ୍ୟବସାୟୀ ନିର୍ବାଚନ ମଣ୍ଡଳୀ | ୪ (ଚାରି) |
| ୩. | ସ୍ୱାୟତ୍ତ ଶାସନ ସଂସ୍ଥା | |
| କ. | ପୌରପାଳିକା | ୧ (ଏକ) |
| ଖ. | ଗ୍ରାମ ପଞ୍ଚାୟତ | ୧ (ଏକ) |
| | ସର୍ବମୋଟ | ୧୪ (ଚଉଦ) |

**ନିର୍ବାଚନ କାର୍ଯ୍ୟସୂଚୀ**

| କ୍ରମିକ ସଂଖ୍ୟା | ବିଷୟ / କାର୍ଯ୍ୟ | ତାରିଖ | ସମୟ | ନିର୍ଦ୍ଧାରିତ ସ୍ଥାନ |
|---|---|---|---|---|
| ୧. | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୦.୦୭.୨୦୨୬ ରୁ ୨୬.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ପର୍ଯ୍ୟନ୍ତ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୨. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗ ଦାଖଲ | ୨୭.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୩. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗର ବିଚାର | ୨୮.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୪. | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୯.୦୭.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୫. | ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ | ୩୦.୦୭.୨୦୨୬, ୩୧.୦୭.୨୦୨୬, ୦୧.୦୮.୨୦୨୬ | ପୂର୍ବାହ୍ନ ୧୦.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୬. | ପ୍ରାର୍ଥୀ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୧.୦୮.୨୦୨୬ | ଅପରାହ୍ନ ୦୫.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୭. | ପ୍ରତିଦ୍ୱନ୍ଦ୍ୱି ପ୍ରାର୍ଥୀଙ୍କ ଦ୍ୱାରା ମନୋନୟନ ପତ୍ର ତନଖି | ୦୩.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୮. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗ ପତ୍ର ଦାଖଲ | ୦୪.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୯. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗର ଶୁଣାଣି ଓ ଯାଞ୍ଚ | ୦୫.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୦. | ବିଧି ସମ୍ମତ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୬.୦୮.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୧. | ମନୋନୟନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ | ୦୭.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୨. | ଚୂଡାନ୍ତ ମନୋନୟନ ପତ୍ରର ତାଲିକା ସଙ୍କେତ ସହ ପ୍ରକାଶନ (ନୋଟିସ ବୋର୍ଡରେ) | ୦୮.୦୮.୨୦୨୬ | ଅପରାହ୍ନ ୦୪.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୩. | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୨୩.୦୮.୨୦୨୬ | ପୂର୍ବାହ୍ନ ୦୭.୦୦ ଘଣ୍ଟା ଠାରୁ ଅପରାହ୍ନ ୩.୦୦ ଘଣ୍ଟା ପର୍ଯ୍ୟନ୍ତ | ପରେ ଜଣାଇ ଦିଆଯିବ |
| ୧୪. | ଭୋଟ ଗଣତି ଓ ଫଳାଫଳ ପ୍ରକାଶନ | ୨୩.୦୮.୨୦୨୬ | ଭୋଟ ଗ୍ରହଣ ଶେଷ ହେବା ପରେ | ପରେ ଜଣାଇ ଦିଆଯିବ |

- ଇଚ୍ଛୁକ ପ୍ରାର୍ଥୀ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ଠାରେ ଟ. ୫.୦୦ (ପାଞ୍ଚ ଟଙ୍କା) ମାତ୍ର ଦାଖଲ କରି ମନୋନୟନ ପତ୍ର ପାଇ ପାରିବେ ।

ନିର୍ବାଚନ ଅଧିକାରୀ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତଥା
ସହକାରୀ ନିବନ୍ଧକ,ସମବାୟସମିତି ସମୂହ, କୋରାପୁଟ

### COLLECTORATE: MALKANGIRI 24001/262/2627

**OBSERVATION HOME AND SPECIAL HOME (BOY'S), MALKANGIRI**

Letter No.: 166/OH&SH/MKG/26, Date: 01.07.2026

**ADVERTISEMENT**

Applications are invited from interested and eligible candidates to fill the vacancies at **Observation Home (OH) & Special Home (SH), Malkangiri**. The process of engagement shall be laid down in **Resolution No. 10102/WCD-CW-MISC-0023/2020 dated 15.09.2020** issued by the **Women & Child Development Department, Government of Odisha, Bhubaneswar**. All the posts are **purely temporary, time-bound and co-terminus with the scheme**. The period of engagement will initially be for **11 months** and may be extended further based on the candidate's performance appraisal report each year.

Eligible candidates may submit their applications along with all required documents and testimonials addressed to the: **Superintendent Observation Home and Special Home Goudaguda, Malkangiri.** The application should reach **latest by 30.07.2026 before 5.00 PM** through **Speed Post / Registered Post only**. Separate applications in sealed cover must be submitted for each post, clearly superscribing the **name of the post applied for** on the top of the envelope. Applications received after the due date and time, or submitted by hand or through any other mode, shall not be entertained and will be rejected. The authority reserves the right to cancel the advertisement for any post or all posts without assigning any reason. The details of vacancies, eligibility criteria, application form and other terms & conditions are available on the District website: www.malkangiri.odisha.gov.in

OIPR-24001/24382/1/26-27/0005 Collector & District Magistrate, Malkangiri

### OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA

34001/419/2627

**INVITATION FOR BIDS (IFB)**

**E-mail:** pwdoff_khd@yahoo.com

Tender Call Notice

Bid Identification No. S.E.-KHD-(R&B)-08/2026-27

Letter No. 3362 dtd. 29/06/2026

The Superintending Engineer, Khordha (R&B) Division, Khordha on behalf of the Governor of Odisha invites Percentage Rate bids in **Single Cover System** from valid **MV/HT** or **Empanelled Fire licensed agency of Class D or above** authorized by Odisha Fire & Emergency Service having **MoU with associate electrical contractor (MV/HT or Above)** having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed, for conformity with DTCN registered with the State Governments and Contractors of equivalent Grade/Class registered with Central Government/MES/Railways for execution of the E.I. Work. The bidder not registered under the State Government has to register under the State PWD & ELBO in the appropriate class of eligibility before signing of the agreement.

1. **Nature of Work:** Electrical Works
2. **No. of Work:** 09 Nos.
3. **Tender Cost:**
   - Sl. No. 01 to 07 & 09 – **Rs. 6,000.00 (Online)**
   - Sl. No. 08 – **Rs. 4,000.00 (Online)**
4. **Class of Contractor:**
   - **Sl. No. 01 to 08:** Empanelled Fire licensed agency of Class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed.
   - **Sl. No. 09:** MV/HT
5. **Availability of Bid Documents on the Website:** From **04.07.2026 at 10.30 A.M.** to **13.07.2026 at 5.00 P.M.**
6. **Date of Opening of Bids: 14.07.2026 at 11.00 A.M.**
7. **Bidders have to participate in ONLINE bidding only.** Further details can be seen on the website: https://tenderodisha.gov.in. Any information regarding **Addendum / Corrigendum / Cancellation of tender** can be available in the said website.

**Superintending Engineer**
**Khordha (R&B) Division, Khordha**

OIPR-34001/34095/1/26-27/0008

### Office of CSO-cum-District Manager Odisha State Civil Supplies Corporation Ltd.

District: Malkangiri
Phone No. 9438200051

7001/52/2627

TENDER No.: 2232 Dated: 29.06.2026

**Cost of Tender Document is Rs. 11800/- inclusive of GST**

Online Tenders are invited from eligible bidders for selection and appointment of **Level-I Transport Contractors** for transportation of Wheat from Food Storage Depot (FSD), FCI to Rice Receiving Centres (RRC).

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AMat Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AMat Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only**. |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**

1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website www.tendersodisha.gov.in & www.foododisha.in.

**CSO-cum-District Manager**
**OSCSC Ltd., Malkangiri**

OIPR-7001/7035/1/26-27/0004

## ବିଷ ପିଇ ମହିଳା ଗୁରୁତର

କଲ୍ୟାଣସିଂହପୁର, ୧।୭ (ସମିସ): କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାତି ପ୍ରାୟ ଦଶଟାରୁ ଜଣେ ମହିଳା ବିଷ ପାନ କରି ଜୀବନ ସହ ସଂଘର୍ଷ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ମହିଳା ଜଣକ ହେଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଜଳକ୍ରୀଡ଼ା ଗ୍ରାମର ପୁଲୁ ମାଝିଙ୍କ ସ୍ତ୍ରୀ କାଣୀଦେଇ (୫୨)। ଗତକାଲି ଗୋରୁ ବାନ୍ଧିବାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିମଧ୍ୟରେ ସ୍ତ୍ରୀ ଘରେ ରଖିଥିବା ଘାସମରା ଔଷଧ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତୁରନ୍ତ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ପ୍ରାଥମିକ ଚିକିତ୍ସା ପରେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେତୁ ତାଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ପ୍ରଶିକ୍ଷଣ

ସୁନାବେଡ଼ା, ୧।୭ (ସମିସ): ସୁନାବେଡ଼ା ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଡିଆରଏଫ୍ ତରଫରୁ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇ ଛାତ୍ରୀଙ୍କୁ ବିଭିନ୍ନ ପ୍ରାକୃତିକ ଓ ଆକସ୍ମିକ ବିପର୍ଯ୍ୟୟର ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏନ୍‌ଡିଆରଏଫ ଇନ୍ସପେକ୍ଟର ପି. ଯାଦବ ଶିକ୍ଷାଦାନ କରିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଂଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଙ୍କୁରୀତା ନାୟକ, ନିର୍ଝରଣୀ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଶ୍ରୀଚନ୍ଦନ, ପ୍ରାଚୀ ପରାଜିତା ପଣ୍ଡା, ସନ୍ତୋଷ କୁମାର ସାମଲଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକଅଧ୍ୟାପିକା, କର୍ମଚାରୀମାନେ ସାମିଲ ହୋଇଥିଲେ।ଅଧ୍ୟାପିକା ଅାଙ୍କୁରୀତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୁନ୍ଦୁଲିରେ ଉତ୍ପାଦକ ଗୋଷ୍ଠୀର ଛତୁଚାଷ ତାଲିମ

ପଟ୍ଟାଙ୍ଗି, ୧।୭ (ସମିସ): ସେମିଳିଗୁଡା ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର ତଥା ଏପିସି ପ୍ରକଳ୍ପ ମାଧ୍ୟରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ ସ୍ତରୀୟ ଉତ୍ପାଦକ ଗୋଷ୍ଠୀର ସଭ୍ୟାଙ୍କୁ ନେଇ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୱେଲଥ ହଙ୍ଗର ହିଲ୍ଫ, ପ୍ରଦାନ, ଭାରତ ରୁରାଲ ଲାଇଭେଲିହୁଡ ଫାଉଣ୍ଡେସନ ଏବଂ ଫାଉଣ୍ଡେସନ ଫୋର ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍) ସହଯୋଗରେ ପରିଚାଳିତ କାର୍ଯ୍ୟକ୍ରମରେ ୩୦ରୁ ୩୫ ଉତ୍ପାଦକ ଗୋଷ୍ଠୀର ସଭ୍ୟା ଅଂଶଗ୍ରହଣ କରିଥିଲେ। ତାଲିମଦାତା ଶାନ୍ତି ବଡନାୟକ ଯୋଗ ଦେଇଥିଲେ। ମାର୍ଚ୍ଚରୁ ଅକ୍ଟୋବର ପର୍ଯ୍ୟନ୍ତ ପାଳଛତୁ, ଅକ୍ଟୋବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଧିଙ୍ଗିରୀଛତୁ ଚାଷ କରି ଆତ୍ମନିର୍ଭରଶୀଳ ହେବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଛତୁ ଉତ୍ପାଦନ ହେବା ପରେ ସ୍ଥାନୀୟ ଗ୍ରାମ, କୁନ୍ଦୁଲିହାଟ ଓ ସେମିଳିଗୁଡା ବଜାରରେ ବିକ୍ରି କରିବାକୁ ନିଷ୍ପତ୍ତି ହୋଇଛି। ଫାଉଣ୍ଡେସନ ଫୋର ଇକୋଲୋଜିକାଲ ସିକ୍ୟୁରିଟି ଅନୁଷ୍ଠାନ ପକ୍ଷରୁ ଏପିସି ପ୍ରକଳ୍ପର ଦିଲୀପ ଖୋସଲା, ରମେଶ ଚୌଧୁରୀ ଓ ଦିଲ୍ଲୀପ କୁମାର ଚମ୍ପି, ଗୋଷ୍ଠୀ ସାଧନ କର୍ମୀ (ସିଆରପି) କୁନ୍ତିକା ଖୋସଲା, ସମୁଲୁ ରୁଆ ଏବଂ ତ୍ରିନାଥ ଖିଲ ସହଯୋଗ କରିଥିଲେ।

### ୧୦ଟି ଦାବି ପୂରଣ କରୁନାହାନ୍ତି ସରକାର

# ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦରେ ଡାକ୍ତର



ରାୟଗଡ଼, ୧।୭ (ସମିସ): ଦୀର୍ଘ ଦିନ ଧରି ଉପସ୍ଥାପିତ ହୋଇଆସୁଥିବା ବିଭିନ୍ନ ସେବାଗତଓପଦୋନ୍ନତିସମ୍ବନ୍ଧୀୟଦାବିପୂରଣ ନ ହେବାର ପ୍ରତିବାଦରେ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମସା) ପକ୍ଷରୁ ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏହାର ପ୍ରଭାବ ରାୟଗଡରେ ମଧ୍ୟ ପଡ଼ିଥିବା ବେଳେ ଜିଲ୍ଲାର ଡାକ୍ତରମାନେ ସିଡିଏମ୍ ଓ ପିଏଚ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲା ସଂଘ ସମ୍ପାଦକ ଡାକ୍ତର ହରିହର ବଳଦେବ ଟୁଡୁଙ୍କ କହିବା ଅନୁଯାୟୀ, ଗତ ୨୦୨୫, ନଭେମ୍ବର ୨୦ରୁ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ, ଡିସେମ୍ବର ୨୬ରୁ ଜାତୀୟ କାର୍ଯ୍ୟକ୍ରମ ବର୍ଜନ ଏବଂ ଜାନୁଆରୀ ୨ରୁ ୯ ପର୍ଯ୍ୟନ୍ତ ପ୍ରତିଦିନ ଦୁଇ ଘଣ୍ଟା ବହିର୍ବିଭାଗ ବନ୍ଦ ରଖିବା ସତ୍ତ୍ୱେ ସରକାର ସେମାନଙ୍କ ଦାବି ପ୍ରତି ଠୋସ୍ ପଦକ୍ଷେପ ନେଇନାହାନ୍ତି। ଗତ ଜାନୁଆରୀରେ ସରକାରଙ୍କ ଆଶ୍ୱାସନକୁ ସମ୍ମାନ ଜଣାଇ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲେ ମଧ୍ୟ ଗତ ଛଅ ମାସ ମଧ୍ୟରେ କୌଣସି ଲିଖିତ ପ୍ରତିଶ୍ରୁତି କିମ୍ବା ଦୃଶ୍ୟମାନ ଅଗ୍ରଗତି ନ ହେବାରୁ ଏପ୍ରିଲ ୨୬ର ସାଧାରଣ ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ଆଜି ଜୁଲାଇ ୧ରୁ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆରମ୍ଭ କରାଯାଇଛି। ଡାକ୍ତରମାନଙ୍କ ପ୍ରମୁଖ ଦାବି ମଧ୍ୟରେ ଯୋଗ୍ୟତା ତାରିଖରୁ କେନ୍ଦ୍ରୀୟ ଦରମା ଗଠନ ଅନୁଯାୟୀ ଡିଏସିପି ଲାଗୁ କରିବା, ଓଏମଏଚଏସ କ୍ୟାଡରର ଦରମା ସଂଶୋଧନ, ସମସ୍ତ କ୍ୟାଡରର ପୁନର୍ଗଠନ, ଡେଣ୍ଟାଲ୍ କ୍ୟାଡର ପାଇଁ ସମାନ ସୁବିଧା, ସୁପର ସ୍ପେସାଲିଷ୍ଟ ଓ ବିଶେଷଜ୍ଞଙ୍କ ପାଇଁ ପ୍ରୋତ୍ସାହନ ଭତ୍ତା, କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ନୀତି, ନିୟମିତ ଓପିଏସସି ନିଯୁକ୍ତି, ଆଡହକ୍ ଓ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନିୟମିତ କରିବା, ହସ୍ପିଟାଲରେ ଡାକ୍ତରଙ୍କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରିବା ରହିଛି। ଆନ୍ଦୋଳନ ସମୟରେ ଓପିଡି, ଆଇପିଡି, ଅସ୍ତ୍ରୋପଚାର ଓ ଅଣ-ଜରୁରୀ ସେବା ପ୍ରଭାବିତ ହେବ। ତେବେ ଆପାତକାଳୀନ ସେବା, ପ୍ରସୂତି ସେବା ଓ ଗୁରୁତର ରୋଗୀଙ୍କ ଚିକିତ୍ସା ପୂର୍ବଭଳି ଜାରି ରହିବ ବୋଲି ସଂଘ ସମ୍ପାଦକ ଡାକ୍ତର ଶ୍ରୀ ଟୁଡୁ କହିଛନ୍ତି। ସେହିପରି ରୋଗୀଙ୍କ ଅସୁବିଧା ପାଇଁ ସେମାନେ ଦୁଃଖିତ। ଏହି ଆନ୍ଦୋଳନ କେବଳ ଡାକ୍ତରଙ୍କ ସ୍ୱାର୍ଥ ପାଇଁ ନୁହେଁ, ବରଂ ଉନ୍ନତ ସ୍ୱାସ୍ଥ୍ୟସେବା, ସୁରକ୍ଷିତ କାର୍ଯ୍ୟ ପରିବେଶ ଓ ସରକାରଙ୍କ ନିକଟରେ ଦୀର୍ଘଦିନର ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ବୋଲି କହିଛନ୍ତି। ସରକାରଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ରାଜ୍ୟ ସଂଘ ଓମସା ପକ୍ଷରୁ ସ୍ପଷ୍ଟ କରାଯାଇଛି ବୋଲି ଶ୍ରୀ ଟୁଡୁ କହିଛନ୍ତି। ଅନ୍ୟପକ୍ଷରେ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ପିଏଚସି ଓ ସିଏଚସିରେ ଜରୁରିକାଳୀନ ସେବା ଯୋଗାଇବାରେ ବ୍ୟାହତ ହୋଇ ନ ଥିବା ଜଣାପଡିଛି।

## ବାଇକ୍ ଦୁର୍ଘଟଣାରେ ବାପା-ଝିଅ ଗୁରୁତର





ବୈପାରିଗୁଡ଼ା, ୧।୭ (ସମିସ): ବୈପାରିଗୁଡା ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ବାପା ଓ ଝିଅ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଦଶମନ୍ତପୁର ଗ୍ରାମର ପଞ୍ଚାନନ ଦାସ ଏବଂ ତାଙ୍କ ଝିଅ ଉଭୟେ ବାଇକ୍ ଯୋଗେ ବୈପାରିଗୁଡାରୁ ମୁଣ୍ଡିଗୁଡା ଅଭିମୁଖେ ଯାଉଥିବା ବେଳେ ମୁଣ୍ଡିଗୁଡା ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ବୈପାରିଗୁଡା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତରମାନେ ପ୍ରାଥମିକ ଚିକିତ୍ସା କରିବା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଜୟପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରିଥିଲେ। ରାସ୍ତା କାମ ଚାଲିଥିବାରୁ ରାସ୍ତା ଉପରେ ମେଟାଲ ଗଦା କରି ରଖାଯାଇଛି। ବିପରୀତ ଦିଗରୁ ଆସୁଥିବା ଗାଡ଼ିକୁ ସାଇଡ୍ ଦେବା ସମୟରେ ଦୁର୍ଘଟଣା ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ସଂଗ୍ରହ କରାଯାଉଥିବା ବେଳେ ରାସ୍ତା ଉପରେ ମେଟାଲ ଗଦା କରି ରଖାଯାଇଥିବା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଛି।

## ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଇଁ ପ୍ରତିଯୋଗିତା



ମାଲକାନଗିରି, ୧।୭ (ସମିସ): ମାଲକାନଗିରି ମହାବିଦ୍ୟାଳୟର ସଭାଗୃହରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୬ ଅବସରରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଅମ୍ରିତ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ସହକାରୀ ବିଦ୍ୟୁତ ନିରୀକ୍ଷକ, କୋରାପୁଟ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ମୃତି ରଞ୍ଜନ ସାମନ୍ତ, ଇଲେକଟ୍ରିସିଆନ ଗ୍ରେଡ଼-୨ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବକ୍ତୃତା ପ୍ରତିଯୋଗିତାର ବିଷୟ ଥିଲା "ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା'। ଏହି ପ୍ରତିଯୋଗିତାରେ ମିନି ସାରଙ୍ଗିଆ, ଚନ୍ଦ୍ରମା ଖରା ଓ ମନୋରମା ପଡାଲ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ସେଣ୍ଟର ଫର ଏନଭର୍ଣ୍ଣମେଣ୍ଟାଲ ଷ୍ଟଡିଜ (ସିଇଏସ) ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ସବୁଜ ବାହିନୀ ପକ୍ଷରୁ ଏକ ରାଲି କରାଯିବା ସହ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହିଥିବା ବେଳେ ଅଧ୍ୟାପକ ସୁଶାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ ମହୋତ୍ସବ ଆରମ୍ଭ; ଜଙ୍ଗଲରେ ବୃକ୍ଷରୋପଣ






ପଟ୍ଟାଙ୍ଗି, ୧।୭ (ସମିସ): କୋରାପୁଟ ଜିଲ୍ଲା ଓଡ଼ିଶା ସୀମାନ୍ତ ପଟ୍ଟାଙ୍ଗି ବ୍ଲକର ସୁଙ୍କି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଓଲାଗାଁ ଗୋଷ୍ଠୀ ଜଙ୍ଗଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସୁଙ୍କି ଜଙ୍ଗଲ ବିଭାଗର ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ହେକ୍ଟର ଜମିରେ ବୃକ୍ଷ ରୋପଣ କରାଯିବାର ଯୋଜନା ରହିଥିବା ନେଇ ଜଣାପଡିଛି। ଅତିଥି ଭାବେ ମଣ୍ଡଳ ବିଜେପି ସଂଯୋଜକ ନାଗେଶ ତାମାଲ, ସୁଙ୍କି ମଣ୍ଡଳ ସହପ୍ରଭାରୀ ତ୍ରିନାଥ ବେହେରା, ନନ୍ଦପୁର ପ୍ରଭାରୀ ବଳରାମ ବାରିକ ଏବଂ ପାନ୍ଧୀ ପକୀର, ଗେମେଲ ମାଲାନା ଯୋଗଦେଇଥିଲେ। ଏହି ଅବସରରେ ଓଲାଗାଁ ରକ୍ଷଣାବେକ୍ଷଣ କରିବାକୁ ଗୋଷ୍ଠୀ ଜଙ୍ଗଲ କମିଟିର ସଦସ୍ୟଙ୍କୁ ନିବେଦନ କରାଯାଇଛି। ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

**ବୈପାରୀଗୁଡା:** ବୈପାରୀଗୁଡା ବ୍ଲକ ଚିପାକୁର ପଞ୍ଚାୟତର ହଳଦୀକୁଣ୍ଡ ଗାଁରେ ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଚିପାକୁର ସରପଞ୍ଚ ରାଜୁ ଖିଲ ଯୋଗ ଦେଇଥିଲେ। ୧୫ ହେକ୍ଟର ପରିମିତ ସ୍ଥାନରେ ବିଭିନ୍ନ ପ୍ରକାର ଔଷଧୀୟ ଓ ବୃକ୍ଷ ସମେତ ଫଳ ଗଛ ରୋପଣ କରାଯାଇଥିଲା। ପାଞ୍ଚ ଶହଟି ଚାରା ରୋପଣ କରାଯାଇଥିଲା ବେଳେ ୨୪ ହଜାର ବୃକ୍ଷ ରୋପଣ ହେବ ବୋଲି ସୂଚନା ରହିଛି। ୱାର୍ଡମେମ୍ବର ଧନୁର୍ଜ୍ୟୟ ଖରା, ବନପାଳ ମଧ୍ୟରୁ ଲଳିତା ବିଡ଼ିକା, ଜିତେନ୍ଦ୍ର ପ୍ରଧାନ, ପିୟୁଷ ପଟ୍ଟନାୟକ, ଅଜୟ କୁମାର ସାହୁ, ବନରକ୍ଷୀ ମଧ୍ୟରୁ ପ୍ରିୟଙ୍କା କର, ମନରମା ଦେବି, କୁରୁଣା ଦିଶାରୀ, ସତ୍ୟବ୍ରତ ପ୍ରଧାନ, ସ୍ୱାଗତ କୁମାର ବେହେରା, ରତନ ଅମାନ୍ତ୍ୟ, ସୌମ୍ୟରଞ୍ଜନ ବେହେରା, ସମସ୍ତ ପାରା ଷ୍ଟାଫ୍ ଓ ସ୍ଥାନୀୟ ବନ ସୁରକ୍ଷା ସମିତି ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସ ପକ୍ଷରୁ ଥାନାୱାରୀ ନିଶାମୁକ୍ତି ଅଭିଯାନ

ତେନ୍ତୁଳିଖୁଣ୍ଟି, ୧।୭ (ସମିସ): ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନାରେ ପ୍ରି ଟ୍ରାଏଲ ଡ୍ରଗ ଡିସପୋଜାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖାତିଗୁଡା ଥାନାଧିକାରୀ ବୀରେନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାନାଧିକାରୀଙ୍କ ସମେତ ଏସଆଇ ମହେଶ୍ୱର ବୁଡୁବାଡେ, ଏଏସଆଇ ବିଜୟ କୁମାର ସାହୁ, ଅନ୍ୟ ଥାନା କର୍ମଚାରୀ, ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକ ନିଶା ମୁକ୍ତ କରିବା ପାଇଁ ସାମର୍ଥ୍ୟ ଏବଂ କ୍ଷମତା ଅନୁଯାୟୀ ସମସ୍ତ ପ୍ରୟାସ କରିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ। **ନନ୍ଦପୁର:** ନନ୍ଦପୁର ଥାନା ପକ୍ଷରୁ ଏକ ନିଶାମୁକ୍ତ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନାଧିକାରୀ ତ୍ରିନାଥ ତୋଟା ପାଡିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସଆଇ ଜ୍ୟୋତିର୍ମୟୀ ଶବର, ଏଏସଆଇ ଗୁପ୍ତେଶ୍ୱର ଗୌଡ, ସଂଯୁକ୍ତା ମାଛ, ନମିତା ଟିଘା ସମେତ ଅନ୍ୟାନ୍ୟ ପୁଲିସ୍ କର୍ମଚାରୀ ଯୋଗ ଦେଇଥିଲେ।

## ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅବସର ଦିନ ଚୂଡ଼ାନ୍ତ ପେନସନ ପ୍ରଦାନ



ମାଲକାନଗିରି, ୧।୬ (ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଦ୍ୱାରା ଅବସର ନେଉଥିବା ଶିକ୍ଷକବୃନ୍ଦଙ୍କୁ ଚୂଡ଼ାନ୍ତ ପେନସନ ପେପର୍ ପ୍ରଦାନ କରାଯାଇଛି। ସୁଜିତ୍ କୁମାର ଗିରି, ସହକାରୀ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ କାଲିମେଳା ଓ ଶଙ୍କର୍ଷଣ ଜେନା କନିଷ୍ଠ ସହାୟକ, ସାବେରୀ ବିଦ୍ୟାପୀଠ କିୟାଙ୍ଗ ମାଲକାନଗିରିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ପ୍ରସାଦ ବେହେରା, ଜିଲ୍ଲା ଶାରୀରିକ ନିରୀକ୍ଷକ କାର୍ତ୍ତିକଚନ୍ଦ୍ର ବେହେରା ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାର ୬ଟି ବ୍ଲକରେ ୧୧ଜଣ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସହ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଫାଇନାଲ ପେନସନ ପେପର୍ ପ୍ରଦାନ କରାଯାଇ ବିଭାଗର ଆଭିମୁଖ୍ୟ ପ୍ରତି ସମ୍ମାନ ଜଣାଯାଇଛି। କୋରକୁଣ୍ଡା ୩ଟି, କାଲିମେଳା, ମାଥିଲି, ମାଲକାନଗିରିରୁ ୨ଟି ଜଣ ଏବଂ ପୋଡିଆ ସହ ଖଇରପୁଟ ବ୍ଲକର ଜଣେ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।

## ସେରୁବନ୍ଧ ଖଣି ଖନନ ବନ୍ଦ ପାଇଁ ବାଇକ୍ ଶୋଭାଯାତ୍ରା



ପଟ୍ଟାଙ୍ଗି, ୧।୭ (ସମିସ): କୋରାପୁଟ୍ ଜିଲ୍ଲା ପଟ୍ଟାଙ୍ଗି ଏବଂ ସେମିଳିଗୁଡା ବ୍ଲକରେ ରହିଥିବା ସେରୁବନ୍ଧ ବକସାଇଟ ଖଣିଖନନ ପ୍ରୟାସକୁ ଭଣ୍ଡୁର କରିବା ପାଇଁ ବାଇକ ଶୋଭାଯାତ୍ରା କରାଯାଇଛି। ସେରୁବନ୍ଧ ଖଣିକୁ ହାତେଇବା ନିମନ୍ତେ ସମ୍ପୃକ୍ତ ଠିକାସଂସ୍ଥା ପ୍ରାଣ ପଣେ ଚେଷ୍ଟା ଜାରି ରଖିଥିବା ନେଇ ଜଣାପଡିଛି। ସମ୍ପୃକ୍ତ ଠିକ ସଂସ୍ଥା ଲୋକଙ୍କ ମଧ୍ୟରେ ବିବାଦ ସୃଷ୍ଟି କରି ଖଣିକୁ ହାତିବା ନିମନ୍ତେ ପ୍ରୟାସ କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ସେରୁବନ୍ଧ ସୁରକ୍ଷା ସମିତିର ସଦସ୍ୟବୃନ୍ଦ। ଆଜି କୁନ୍ଦୁଲି ହାଟପଦାଠାରୁ ଏକ ବିରାଟ ବାଇକ ଶୋଭାଯାତ୍ରା ଆରମ୍ଭ କରାଯାଇଛି। ଦିନତମାମ ସେରୁବନ୍ଧ ଖନନ ହେବାକୁ ଥିବା ପ୍ରତ୍ୟେକ ଗ୍ରାମକୁ ଗସ୍ତ କରି ସଚେତନ କରିଥିବା ନେଇ ଜଣାପଡିଛି। ଗ୍ରାମ ଗ୍ରାମକୁ ଗସ୍ତ କରି ଲୋକଙ୍କ ସହ ଆଲୋଚନା କରିବା ସହ ଏକତା ବଜାୟ ରଖିବା ଉଦ୍ଦେଶ୍ୟରେ ଉକ୍ତ ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ନେଇ ଜଣାପଡିଛି। ଏହି ସମୟରେ ସେରୁବନ୍ଧ ସୁରକ୍ଷା ସମିତିର ସଭାପତି ରବି ଖରା, ପଟ୍ଟାଙ୍ଗି ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ନୂଆଗାଁ ସରପଞ୍ଚ ସୁବାସ ଖରା, ମାଳିପର୍ବତ ସୁରକ୍ଷା ସମିତିର ସଭାପତି ବିଜୟ ଖିଲ, କୋରାପୁଟିଆ ଜନସୁରକ୍ଷା ସଂଘ ସଭାପତି ଦାସୀ ନନ୍ଦିବାଲି ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସୁରକ୍ଷା ସମିତିର ସଦସ୍ୟ ଯୋଗଦାନ ଦେଇଥିବା ନେଇ ଜଣାପଡିଛି।

- ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ ପରିବହନ ମନ୍ତ୍ରୀ ଅନୁପସ୍ଥିତ

## ବୁଦ୍ଧିଜୀବୀ ଓ ବୃତ୍ତିଧାରୀ ସମ୍ବର୍ଦ୍ଧିତ



ଗୁଣୁପୁର, ୧।୭ (ସମିସ): କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ "ଓଡ଼ିଶା ସାରା ବିକାଶର ଧାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଗୁଣପୁର ଟାଉନ ହଲଠାରେ ବୁଦ୍ଧିଜୀବୀ ଓ ବିଭିନ୍ନ ବୃତ୍ତିଧାରୀଙ୍କୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେଗୁଣପୁରନିର୍ବାଚନମଣ୍ଡଳୀର୨୦୦ରୁଅଧିକବୁଦ୍ଧିଜୀବୀ, ବିଭିନ୍ନକ୍ଷେତ୍ରରବୃତ୍ତିଧାରୀ, ଅବସରପ୍ରାପ୍ତ ସେନା କର୍ମଚାରୀ, କିନ୍ନର ସମାଜର ପ୍ରତିନିଧି ଓ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରୀୟ ଓ ସମ୍ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ରାୟଗଡା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଦ୍ୟାଧର ଶବର, ଜିଲ୍ଲା ସଭାପତି ଗୋପୀଆନନ୍ଦ, ପୂର୍ବତନ ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ପୂର୍ବତନ ବିଧାୟକ ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ, ଶିବଶଙ୍କର ଉଲ୍କା, ଶିବ ପଟ୍ଟନାୟକ ଓ ଅଶ୍ୱିନୀ କଞ୍ଚଡ଼ା ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ଯୋଗଦେବେ ବୋଲି ପୂର୍ବରୁ ପ୍ରଚାର ହୋଇଥିଲା। ଏହାକୁ ନେଇ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଓ ଉତ୍କଣ୍ଠା ଦେଖାଯାଇଥିଲା। ତେବେ କୌଣସି କାରଣବଶତଃ ମନ୍ତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇପାରି ନଥିଲେ। ଫଳରେ ତାଙ୍କୁ ଅପେକ୍ଷା କରିଥିବା ଅନେକ କର୍ମୀ ନିରାଶ ହୋଇଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁଁ କାର୍ଯ୍ୟକ୍ରମ ସ୍ଥଳରେ ଆଶା କରାଯାଇଥିବା ଭଳି ଭିଡ଼ ମଧ୍ୟ ପରିଲକ୍ଷିତ ହୋଇ ନଥିଲା।

### ପଢ଼ାବହିରେ ଅସଂଖ୍ୟ ତ୍ରୁଟିର ପ୍ରତିବାଦ

# କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ଡକରା ଶାନ୍ତିପୂର୍ଣ୍ଣ





କୋଷାଗୁମୁଡା, ୧।୭ (ସମିସ): ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଭାବେ ମୁଦ୍ରିତ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ରହିଥିବା ଏବଂ ଅଧିକାଂଶ ବହିରେ ନିମୁଡା ନିମୁଡା ଭଳି ହିନ୍ଦୀ ଚଳଚ୍ଚିତ୍ରର ଗୀତ, ରଜ ଦୋଳି ଗୀତ, ଝାଳମୁଡ଼ି ପ୍ରସ୍ତୁତି ପ୍ରଣାଳୀ ଓ ଅପେରା କାହାଣୀ ଭଳି ଅନାବଶ୍ୟକ ପାଠ ସବୁକୁ ସ୍ଥାନ ଦିଆଯାଇଥିବା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିବା ସହିତ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି। ପାଠ୍ୟ ପୁସ୍ତକ ତ୍ରୁଟିକୁ କେନ୍ଦ୍ରକରି ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଲିପିକା ମାଝୀଙ୍କ ନେତୃତ୍ୱରେ ଆଜି ୧୨ ଘଣ୍ଟିଆ ବନ୍ଦ ପାଳନ ହୋଇଛି। ଜିଲ୍ଲାରେ ଯାନବାହନ ଚଳାଚଳ ଠପ ରହିଥିବା ବେଳେ ଦୋକାନ ବଜାର ମଧ୍ୟ ବନ୍ଦ ରହିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ନଖେଳି ଛାତ୍ରଛାତ୍ରୀଙ୍କୁ ତ୍ରୁଟି ଶୂନ୍ୟ ବହି ପ୍ରଦାନ କରିବାକୁ କଂଗ୍ରେସ ପକ୍ଷରୁ ଦାବି ହେଉଛି। ତତସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ମଧ୍ୟ ଜୋର ଧରିଛି। କୋଷାଗୁମୁଡା ବ୍ଲକ ସଦର ମହକୁମାରେ କୋଷାଗୁମୁଡା ବ୍ଲକର ବ୍ଲକ ସଭାପତି ପଦମସାଏ ମାଳିଙ୍କ ନେତୃତ୍ୱରେ କୋଷାଗୁମୁଡା ବ୍ଲକ ସଦର ମହକୁମାଠାରେ ମଧ୍ୟ ବନ୍ଦର ବେଶ ପ୍ରଭାବ ଦେଖିବାକୁ ମିଳିଛି। ବ୍ଲକ କଂଗ୍ରେସ କର୍ମକର୍ତ୍ତା ଯଥା ମାଝୀଧନୁଆ ସମିତି ସଭ୍ୟ ଯୁଗଧର ହରିଜନ, ରଘୁ ମାଝୀ, କେ ଏନ ରାଜୁ, ନେତୁ ପୂଜାରୀ, ଜିଲ୍ଲା କଂଗ୍ରେସ ଉପସଭାପତି ପଦ୍ମନ ବିଶୋଇ, ସଞ୍ଜୟ କୁମାର ଗଣ୍ଡା, ସମାରୁ ପୂଜାରୀ, ଈଶ୍ୱର ପୂଜାରୀ, ଈଶ୍ୱର ମାଝୀ, ବାବୁଲା ଭତ୍ରା, ଶତପଥୀ ଭତ୍ରା, ଯୁଗଳ ମାଝୀ, ଯୋଗେଶ୍ୱର ରନ୍ଧାରୀ, ରଘୁ ମାଝୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା କୋଷାଗୁମୁଡା ସଦର ମୁଖ୍ୟ ଛକରେ ଦକାନ ବଜାର ବନ୍ଦ କରାଇବା ସହ ସମସ୍ତ ଗାଡି ମଟର ବନ୍ଦ କରିଥିଲେ। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବ୍ଲକ ଶତାଧିକ କଂଗ୍ରେସ କର୍ମୀ ବନ୍ଦ ପାଳନରେ ସାମିଲ ହୋଇଥିଲେ।

**ତେନ୍ତୁଳିଖୁଣ୍ଟି:** ତେନ୍ତୁଳିଖୁଣ୍ଟି ବ୍ଲକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ତେନ୍ତୁଳିଖୁଣ୍ଟି ବ୍ଲକ୍ ସଭାପତି ପ୍ରହ୍ଲାଦ ହିଆଲ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ପୂର୍ବତନ ଅଧ୍ୟକ୍ଷା ପିନାଗାରତ୍ନମଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବ୍ଲକ ସଦର ମହକୁମା ବନ୍ଦକୁ ସଫଳ କରିଥିଲେ। ଇନ୍ଦ୍ରାବତୀରେ ବନ୍ଦ ପ୍ରଭାବ ସ୍ୱତପ୍ରବୃତ୍ତ ରହିଥିଲା। କଂଗ୍ରେସ କର୍ମୀମାନେ ବାଇକ ରାଲି କରି ବନ୍ଦକୁ ସଫଳ କରିଥିଲେ। ପୂର୍ବତନ ଉପାଧ୍ୟକ୍ଷ ତଥା କଂଗ୍ରେସ ଜୋନ ସଭାପତି ଦୁଲଭ ଗୌଡ଼ଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂ, ବୁଡି ଅଞ୍ଚଳ ଗଣ ପରିଷଦ ସମ୍ପାଦକ ସୁଧୀର ସୁନା, ଚୈତନ ବାଗ, ପ୍ରେମ ଶିଳ ଡଙ୍ଗରି, ସୁଧୀର ନାୟକ, ଡ଼ଙ୍ଗରି ସୁନା, ଗୋପନ ନାୟକ, କୁନୁ ସୁନା, ତ୍ରିନାଥ ଟାକ୍ରୀ, ରମେଶ ବିଶୋଇ, ସମର୍ଥ ପାଇକ, ପିତାମ୍ବର ସୁନା, ପୂର୍ଣ୍ଣ ନାୟକ, କୁଶ ହରିଜନଙ୍କ ସମେତ ଅନ୍ୟ କଂଗ୍ରସ କର୍ମୀ ସାମିଲ ଥିଲେ।

## ଓମ୍‌ସାର କାର୍ଯ୍ୟବନ୍ଦ ଆନ୍ଦୋଳନ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ମାଲକାନଗିରି, ୧୭ (ସମିସ):

୧୦ ଦଫା ଦାବି ପୂରଣ ଦାବିରେ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓମସା) ପକ୍ଷରୁ ଆରମ୍ଭ ହୋଇଥିବା ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଜୁଲାଇ ୧ ତାରିଖରୁ ଓମସା ଆକ୍ସନ କମିଟିର ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟର ଡାକ୍ତରମାନେ ଆନ୍‌ଦୋଳନରେ ସାମିଲ ହୋଇଛନ୍ତି। ଏହି ଆନ୍ଦୋଳନର ସବୁଠାରୁ ଗୁରୁତର ପ୍ରଭାବ ହେଉଛି ଜରୁରିକାଳୀନ ସେବା



ସମେତ ସମସ୍ତ ପ୍ରକାର ଚିକିତ୍ସା ସେବା ବନ୍ଦ ରହିବା ଫଳରେ ରୋଗୀ ଓ ସେମାନଙ୍କ ପରିବାରବର୍ଗ ମଧ୍ୟରେ ଉଦ୍‌ବେଗ ଓ ଅନିଶ୍ଚିତତା ସୃଷ୍ଟି ହୋଇଛି। ଜିଲ୍ଲାର ବିଭିନ୍ନ ଦୁର୍ଗମ ଓ ଗ୍ରାମାଞ୍ଚଳରୁ ଚିକିତ୍ସା ପାଇଁ ଆସୁଥିବା ଅନେକ ରୋଗୀ ସେବା ନପାଇ ନିରାଶ ହୋଇ ଫେରୁଥିବା ଦେଖାଯାଇଛି। ଓମସା ପକ୍ଷରୁ କୁହାଯାଇଛି ଯେ ଡାକ୍ତରମାନଙ୍କର ଦୀର୍ଘଦିନର ନ୍ୟାୟସଙ୍ଗତ ଦାବି ପ୍ରତି ସରକାର ଓ ପ୍ରଶାସନ ଅବହେଳା ପ୍ରଦର୍ଶନ କରୁଛନ୍ତି। ବାରମ୍ବାର ଦାବି ଉପସ୍ଥାପନ କରାଯାଇଥିଲେ ମଧ୍ୟ କୌଣସି ଠୋସ ପଦକ୍ଷେପ ନିଆଯାଇନଥିବାରୁ ବାଧ୍ୟ ହୋଇ ସଂଘ ଏହି ଆନ୍ଦୋଳନର ପଥ ବାଛିଛି। ଏପରିସ୍ଥିତିରେ ମାଲକାନଗିରି ଜିଲ୍ଲାର ଶହ ଶହ ରୋଗୀ ଓ ସେମାନଙ୍କ ପରିବାର ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜରୁରିକାଳୀନ ସେବା ବନ୍ଦ ରହିବା ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଛି। ସରକାର ଓ ଓମସା ମଧ୍ୟରେ ଆଲୋଚନା ମାଧ୍ୟମରେ କେବେ ଏହି ସମସ୍ୟାର ସମାଧାନ ହେବ, ସେଥିପ୍ରତି ସାଧାରଣ ଲୋକଙ୍କ ନଜର ରହିଛି।

# ରାସ୍ତା ପ୍ରଶସ୍ତୀକରଣ ନେଇ ମାପଚୁପ

ଉମରକୋଟ, ୧୭ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଯାଏ ସହର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଶୂନ ମାଇଲଖୁଣ୍ଟରୁ କଲ୍ୟାଣ ମଣ୍ଡପ ପୌର ପ୍ରଶାସନ ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ମାପଚୁପ ଆରମ୍ଭ କରାଯାଇଛି। ପୁରୁଣା ବସଷ୍ଟାଣ୍ଡ ଶୂନ ମାଇଲ ଖୁଣ୍ଟସ୍ଥିତ ଏକ କପଡା ଦୋକାନ ନିକଟରୁ ରାସ୍ତାର ମାପ ଆରମ୍ଭ ହୋଇଥିଲା। ସେଠାରୁ କୋଣ୍ଡାଗାଁ ରାସ୍ତା ନିକଟ କଲ୍ୟାଣ ମଣ୍ଡପ ଯାଏ ରାସ୍ତାକୁ ଚାରି ଲେନ ବିଶିଷ୍ଟ କରାଯାଇ ଭାରତ ମାଳା ରାସ୍ତାକୁ ଛୁଇଁବ। ସେଥିପାଇଁ ଉମରକୋଟ ପୌର କର୍ମଚାରୀ ରାସ୍ତା ମଝିରୁ ଉଭୟ ପାର୍ଶ୍ୱ ୩୩ ଫୁଟ ଲେଖାଏ ମାପି ଥିବାବେଳେ ବ୍ୟବସାୟୀଙ୍କ ମନରେ ଛାନିଆ ପଶିଛି। ବସଷ୍ଟାଣ୍ଡ ନିକଟରେ ବହୁ ଦୋକାନୀ ବ୍ୟବସାୟ କରୁଥିବା ବେଳେ ପୌର ନିୟମ ଅନୁଯାୟୀ ଉପଯୁକ୍ତ ପାର୍କିଂ ପାଇଁ ରାସ୍ତା ଛାଡି ନାହାନ୍ତି। ନାଳ ଉପରେ ଅବରୋଧ କରାଯାଇଛି। ଦୋକାନ ଆଗରେ ଟିଣ ଛାଉଣି କରାଯାଇଛି। ଯେଉଁଥିପାଇଁ ବହୁ



ସମୟରେ ରାସ୍ତା ଉପରେ ଗାଡ଼ି ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ଉମରକୋଟ ପୌର ପରିଷଦ ପକ୍ଷରୁ ମାପ ଚୁପ ଆରମ୍ଭ ହୋଇ ଦୋକାନୀମାନଙ୍କୁ ଅବରୋଧ ଜାଗା ନିଜେ ନିଜେ ଭାଙ୍ଗିବାକୁ କୁହାଯାଇଛି। ସେମାନେ ଏପରି ନ କଲେ ନୋଟିସ ଦିଆଯିବ ଏବଂ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ କହିଛନ୍ତି। ଆଗାମୀ ଦିନରେ ନିୟମ ଅନୁଯାୟୀ ପୌର ଓ ପୂର୍ତ୍ତ ବିଭାଗ ମିଳିତ ଭାବେ ପ୍ରଶସ୍ତୀକରଣ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କ ସହ ଉମରକୋଟ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱରଞ୍ଜନ ଦେହୁରୀ, ଉମରକୋଟ ଟାଉନ ରାଜସ୍ୱ ନିରୀକ୍ଷକ, ଅମିନ ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ■ ନାଗେଶ୍ୱରୀ ପାହାଡ଼ ଉପରେ ଡକାୟତି ଘଟଣା

# ବାଇକ୍ ଉଦ୍ଧାର କଲେ ହୋମ୍‌ଗାର୍ଡଙ୍କ ପୁଅ

ନନ୍ଦପୁର, ୧୭ (ସମିସ): ଗତ ସୋମବାର ସନ୍ଧ୍ୟାରେ କୁଳାବିର ଗ୍ରାମପଞ୍ଚାୟତ ଅଧୀନସ୍ଥ ଡାବାସ୍‌ପୁଟ ଗ୍ରାମର କୁନାଲ ଖରାଙ୍କ ଦାମୀ ବାଇକ୍‌କୁ ନାଗେଶ୍ୱରୀ ପାହାଡ଼ ଉପରକୁ ଦୁର୍ବୃତ୍ତମାନେ ନେଇ ଯାଇଥିବା ବେଳେ ବାଇକ୍ ଉଦ୍ଧାର ହୋଇଛି। ଏହି ବାଇକ୍ ପୁଲିସ୍ ନୁହେଁ; ହୋମ୍ ଗାର୍ଡ ପୁଅ କୁନାଲ ନିଜସ୍ୱ ଉଦ୍ୟମରୁ ଉଦ୍ଧାର କରିଛନ୍ତି। ଖବର ପାଇବା ପରେ ପାଡୁଆ ପୁଲିସ ତତ୍ପର ହୋଇଛି। ତଦନ୍ତ କରିବା ସହ କିଛି ଘରେ ଲାଗିଥିବା ସିସିଟିଭି ଯାଞ୍ଚ ଆରମ୍ଭ କରିଛି। ପାଡୁଆ ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ରଘୁନାଥ ଖରାଙ୍କ ପୁଅ କୁନାଲ ଖରା ବାଲଡ଼ା ନାଗେଶ୍ୱରୀ ପାହାଡ଼ ଉପରେ ବାଇକ୍ ରଖି ସନ୍ଧ୍ୟା ସମୟରେ ମନଲୋଭା ଦୃଶ୍ୟକୁ ନିଜ ମୋବାଇଲରେ ଫଟୋ ଉଠାଉଥିବା ସମୟରେ ଚାରି ଜଣ ପାଖକୁ ଆସି ପ୍ରଥମେ କୁନାଲର ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ଆକ୍ରମଣ କରିବା ସହ ପାଟି କଲେ ଜୀବନରେ ମାରି ଦେବୁ କହି ଧମକ ଦେଇ ବାଇକ ନେଇ ଚମ୍ପଟ ମାରିଥିଲେ। ସକାଳୁ ପାଡୁଆ ଥାନାରେ ଏତଲା ଦେବା ପରେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇ ନଥିବା ଜଣାପଡିଥିବା ବେଳେ କୁନାଲ ତାଙ୍କ



ସାଙ୍ଗମାନଙ୍କ ସହଯୋଗରେ ବାଇକ୍‌କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ରାତ୍ରତମାମ କୁନାଲ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ସହ କଥା ହୋଇ ବାଇକ୍ ଫଟୋକୁ ବିଭିନ୍ନ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଜଣେ ସାହାସୀ ଝିଅ ଉକ୍ତ ବାଇକ୍‌କୁ ସିମିଲିଗୁଡ଼ା ଥାନା ଅଧୀନସ୍ଥ ଜାନିଗୁଡ଼ା ରାସ୍ତା ଉପରେ ଏକ ବର ଗଛ ମୂଳେ କିଛି ପିଲାଙ୍କ ସହିତ ଗାଡିଟିକୁ ଦେଖି ସନ୍ତୋଷ ଗୁଣ୍ଟା ନାମକ ଯୁବକକୁ ଫୋନ୍ କରିଥିଲେ। ପରେ ସନ୍ତୋଷ କିଛି ସାଙ୍ଗକୁ ନେଇ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ବାଇକ୍‌ଟିକୁ ରାସ୍ତାକଡ ବର ଗଛ ମୂଳେ ଦେଖି ତୁରନ୍ତ କୁନାଲକୁ ଫୋନ୍ କରିଥିଲେ ସନ୍ତୋଷ। କୁନାଲ ପହଞ୍ଚି ବାଇକ୍ ଆଣି ପାଡୁଆ ଥାନା ପହଞ୍ଚାଇଥିଲେ। ବାଇକ୍ ଉଦ୍ଧାର ଦେଖି ପାଡୁଆ ପୁଲିସ ଏକ ଟିମ୍ ଜା ନି ଗୁଡ଼ା ଓ ସୀମିଳି ଗୁଡ଼ା ଅଞ୍ଚଳ ରେ ତଦନ୍ତ କରୁଥିବା ଜଣାପଡିଛି।

# ୪୦ କଇଁଛ ସହ ଜଣେ ଗିରଫ




ମାଥିଲି, ୧୭ (ସମିସ): ମାଲକାନଗିରି ବନ ବିଭାଗ ୪୦ଟି କଇଁଛ ଜବତ କରିଛି। ଗୋଟିଏ ବନ୍ୟଜନ୍ତୁ ଚାଲାଣ କରୁଥିବା ଅଭିଯୁକ୍ତକୁ ଗିରଫ କରିଛି ବନ ବିଭାଗ। ବେଆଇନ ବନ୍ୟଜନ୍ତୁ ପରିବହନ ସମ୍ବନ୍ଧୀୟ ବିଶେଷ ସୂଚନା ଉପରେ କାର୍ଯ୍ୟ କରି ମାଥଲି ବନାଞ୍ଚଳର ଅଧିକାରୀମାନେ ଆଜି ବାଲିଗୁଡା ନିକଟରେ ଯାଞ୍ଚ ସମୟରେ ଖଇରପୁଟ ଆଡକୁ ଏକ ଗାଡି ଖୋଜାଖୋଜି କରିଥିଲେ।

ଏହି ଅପରେସନ୍ ସମୟରେ ରେଜିଷ୍ଟ୍ରେସନ୍ ନମ୍ବର ଓଡି-୨୪ଏ-୫୭୯୪ ଏକ ମୋଟର ସାଇକଲ ଗାଡିକୁ ଅଟକାଇ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯାଇଥିଲା। ଯାଞ୍ଚ ପରେ ମୋଟ ୪୦ଟି କଇଁଛଙ୍କୁ ଗାଡିରେ ବେଆଇନ ଭାବେ ପରିବହନ କରାଯାଉଥିବା ଦେଖିବାକୁ ମିଳିଥିଲା। ସମସ୍ତ କଇଁଛଙ୍କ ସହ ଗାଡି ଉକ୍ତ ସ୍ଥାନରୁ ଜବତ କରାଯାଇଛି। ଏହି ଅପରାଧ ସଂପର୍କରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉଦ୍ଧାର ହୋଇଥିବା କଇଁଛଙ୍କ ଆବଶ୍ୟକ ଯତ୍ନ ନିଆଯାଉଛି ଏବଂ ଅଧିକ ତଦନ୍ତ ପ୍ରକ୍ରିୟା ଚାଲିଛି ବୋଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ସୂଚନା ଦେଇଛନ୍ତି।

# ଲୋକାର୍ପଣକୁ ୫ ବର୍ଷ; ଖୋଲିଲାନି ଛାତ୍ରୀନିବାସ

## ଆନୁଷଙ୍ଗିକ ସୁବିଧା ନାହିଁ; ମରାମତିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ

ବିଷମକଟକ, ୧୭ (ସମିସ): ଦୁର୍ଗମ ଆଦିବାସୀ ଅଞ୍ଚଳର ଛାତ୍ରୀମାନଙ୍କ ଶିକ୍ଷାର ବିକାଶ ଏବଂ ଆବାସିକ ସୁବିଧା ପାଇଁ ସରକାର ବହୁ କୋଟି ଟଙ୍କା ବ୍ୟୟରେ ଛାତ୍ରୀନିବାସ ନିର୍ମାଣ କରୁଥିବା ବେଳେ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକରେ ସରକାରୀ ଅବହେଳାର ଏକ ନଗ୍ନ ଚିତ୍ର ସାମ୍ନାକୁ ଆସିଛି। ୨୦୨୧ ମସିହାରେ ଲୋକାର୍ପିତ ହୋଇଥିବା ଏକ ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଦୁର୍ଗମ ଅଞ୍ଚଳର ଶହ ଶହ ଛାତ୍ରୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିଷମକଟକ ବ୍ଲକର ରାସିକୋଲା ପଞ୍ଚାୟତ ଅଧୀନ ଯୁଡୋ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ପାଇଁ ଏହି ଛାତ୍ରୀନିବାସ ନିର୍ମାଣ କରାଯାଇଥିଲା। ତେବେ ବିଦ୍ୟାଳୟ ପରିସରରେ ନିର୍ମାଣ ନକରି ପ୍ରାୟ ଦୁଇ କିଲୋମିଟର ଦୂର ରାସିକୋଲାଠାରେ ଏହାକୁ ନିର୍ମାଣ କରାଯାଇଛି। ୨୦୨୧ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। କିନ୍ତୁ ଲୋକାର୍ପଣ ପରେ ପାଞ୍ଚ ବର୍ଷ ବିତିଥିଲେ ମଧ୍ୟ ଛାତ୍ରୀନିବାସରେ ଜଣେ ହେଲେ ବି ଛାତ୍ରୀ ରହିପାରିନାହାନ୍ତି। ମଙ୍ଗଳ ବିଭାଗ ଅଧୀନରେ ଥିବା ଏହି ଛାତ୍ରୀନିବାସ ପରିଚାଳନାରେ ଅବହେଳା ଯୋଗୁଁ ଦିନକୁ ଦିନ ଭୂତକୋଠିର ରୂପ ନେଉଛି। ଅନେକ ସ୍ଥାନରେ କାନ୍ଥ ଓ ଛାତ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲୁହା ରଡ଼ ବାହାରକୁ ଦେଖାଯାଉଛି। ଝରକା ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ନଷ୍ଟ ହେବାରେ ଲାଗିଛି। ଛାତ୍ରୀନିବାସଟି ବ୍ୟବହାର ନହେଉଥିଲେ ମଧ୍ୟ ଏହାର ମରାମତି ନାମରେ ଆଇଟିଡିଏ ପକ୍ଷରୁ ନିୟମିତ ଭାବେ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ତଥାପି ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସ୍ଥାନୀୟ ଅଭିଭାବକମାନଙ୍କ ଅଭିଯୋଗ ହେଉଛି, ବିଭାଗୀୟ ସମନ୍ୱୟର ଅଭାବ ଏବଂ ପରିଚାଳନାଗତ ତ୍ରୁଟି



ଯୋଗୁଁ ଛାତ୍ରୀନିବାସ ଖୋଲିବା ପ୍ରତି ଆଗ୍ରହ ପ୍ରକାଶ କରାଯାଉନାହିଁ। ଏହାର ସିଧାସଳଖ ପ୍ରଭାବ ଦୁର୍ଗମ ଅଞ୍ଚଳର ଗରିବ ଓ ଆଦିବାସୀ ଛାତ୍ରୀଙ୍କ ଉପରେ ପଡୁଛି। ସୁରକ୍ଷିତ ଆବାସିକ ସୁବିଧା ନମିଳିବାରୁ ଅନେକ ଛାତ୍ରୀ ପାଠପଢ଼ାରେ ମଧ୍ୟ ବାଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଷମକଟକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ଶାସମଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଛାତ୍ରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇନଥିବାରୁ ଛାତ୍ରୀନିବାସକୁ କାର୍ଯ୍ୟକ୍ଷମ କରାଯାଇପାରୁନାହିଁ। ପ୍ରଶ୍ନ ଉଠୁଛି, ୨୦୨୧ରେ ଲୋକାର୍ପିତ ହୋଇଥିବା ଏହି ଛାତ୍ରୀନିବାସ ପାଞ୍ଚ ବର୍ଷ ପରେ ମଧ୍ୟ କିପରି ବ୍ୟବହାର ଉପଯୋଗୀ ହୋଇପାରିଲା ନାହିଁ? ଯଦି ସୁରକ୍ଷା ଓ ମୌଳିକ ସୁବିଧା ହିଁ ନଥିଲା, ତେବେ ଏହାର ଲୋକାର୍ପଣ କେଉଁ ଆଧାରରେ କରାଯାଇଥିଲା? ଦୁର୍ଗମ ଅଞ୍ଚଳର ଛାତ୍ରୀମାନେ କେବେ ଏହି ସରକାରୀ ସୁବିଧାର ଲାଭ ପାଇବେ, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ହୋଇ ରହିଛି।

# ଦୁଇଟି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

## ଆଦିବାସୀ ପଡ଼ିଆରେ ନିର୍ମାଣ ହେବ ଜନଜାତି ସଂଗ୍ରହାଳୟ

ମାଲକାନଗିରି, ୧୭ (ସମିସ): ମାଲକାନଗିରି ଜିଲ୍ଲାର ସାଂସ୍କୃତିକ ଓ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆଜି ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଜିଲ୍ଲାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପସ୍ଥଳ ପରିଦର୍ଶନ କରିବା ସହ ଚାଲୁ ରହିଥିବା ଏବଂ ପ୍ରସ୍ତାବିତ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହଳଧର ଶବର ମଧ୍ୟ ଜିଲ୍ଲାପାଳଙ୍କ ସହ ଉପସ୍ଥିତ ରହି ପ୍ରକଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଓ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସର୍ବପ୍ରଥମେ ସ୍ଥାନୀୟ ଆଦିବାସୀ ପଡ଼ିଆ ପରିଦର୍ଶନ କରିଥିଲେ। ସେଠାରେ ଖୁବଶୀଘ୍ର ଆରମ୍ଭ ହେବାକୁ ଥିବା ଜନଜାତି ସଂଗ୍ରହାଳୟ କାର୍ଯ୍ୟର ଅଗ୍ରଗତି ନେଇ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ସଂଗ୍ରହାଳୟ



ଅଞ୍ଚଳର ପାରମ୍ପରିକ ଆଦିବାସୀ କଳା, ପୋଷାକ, ଅସ୍ତ୍ରଶସ୍ତ୍ର ଏବଂ ଜୀବନଶୈଳୀକୁ ପ୍ରଦର୍ଶିତ କରିବ। ଆଗାମୀ ପିଢ଼ି ପାଇଁ ମାଲକାନଗିରିର ସମୃଦ୍ଧ ଜନଜାତି ସଂସ୍କୃତିକୁ ସୁରକ୍ଷିତ ରଖିବାରେ ଏହା ଏକ ପ୍ରମୁଖ ସ୍ତମ୍ଭ ସାଜିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହାପରେ ଜିଲ୍ଲାପାଳ ଓ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ମାଲକାନଗିରିସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିସର ଗସ୍ତ କରିଥିଲେ। ସେଠାରେ ନିର୍ମାଣାଧୀନ ଅତ୍ୟାଧୁନିକ ସ୍ପୋର୍ଟସ୍ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟର ସେ ପ୍ରତ୍ୟକ୍ଷ ତଦାରଖ କରିଛନ୍ତି। ଏହି କମ୍ପ୍ଲେକ୍ସ ଦ୍ୱାରା ଜନଜାତି ଛାତ୍ରଛାତ୍ରୀ

### ■ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଅତ୍ୟାଧୁନିକ ସ୍ପୋର୍ଟସ୍ କମ୍ପ୍ଲେକ୍ସ

ଉନ୍ନତମାନର କ୍ରୀଡ଼ା ପ୍ରଶିକ୍ଷଣ ପାଇପାରିବେ। କ୍ରୀଡ଼ା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ, ସେନେଇ ଜିଲ୍ଲାପାଳ କାର୍ଯ୍ୟକାରୀ ସଂସ୍ଥାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## • ପୃଥକ ଦୁର୍ଘଟଣା


# ଜଣେ ବୃଦ୍ଧ ସହ ମାମୁ-ଭଣଜା ଗୁରୁତର

ନନ୍ଦପୁର, ୧୭ (ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ପଡ଼ିଆ ଥାନା ଅଧୀନ ବଳଦ ଗ୍ରାମ ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଅସହାୟ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। କୁଳାବୀର ପଞ୍ଚାୟତର ମାଳି ସୁବଲାର ଗ୍ରାମର ଘାସି ଖେମୁଣ୍ଡୁ କୌଣସି କାମ ସାରି ବାଲଡା ଗ୍ରାମରୁ ନିଜ ଗ୍ରାମକୁ ଚାଲି ଚାଲି ଫେରୁଥିବା ବେଳେ ଏକ ତିନିଚକିଆ ଅଟୋ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ତାଙ୍କ ବାମ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ



ଅଟୋ ଚାଳକ ନିଜେ ଆହତ ବୃଦ୍ଧଙ୍କୁ ତୁରନ୍ତ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଡାକ୍ତରମାନେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟକୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ସେହିପରି ଅନ୍ୟ ଏକ ଘଟଣାରେ ବାଇଲିଗୁଡା ଗ୍ରାମର ଗୁରୁ ଖରା (୪୫) ଓ ଧନର୍ଜୟ ଖିଲ (୩୦) କୌଣସି କାମରେ ସେମିଲିଗୁଡା ଯାଇ ଫେରୁଥିବା ସମୟରେ ଦଳେଇଗୁଡ଼ା ବୁଲାଣି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ସମ୍ପର୍କରେ ଦୁହେଁ ମାମୁ ଭଣଜା ବୋଲି ଜଣାପଡିଛି।

# ଆସିଲା ମୌସୁମୀ ବର୍ଷା; ଚାଷୀଙ୍କ ମୁହଁରେ ଫୁଟିଲା ହସ




ମାଥିଲି, ୧୭ (ସମିସ): ଚାଷ ଅଛି ଯାହାର କି ଆନନ୍ଦ ତାହାର ସେଥିପାଇଁ ଚାଷୀମାନେ ମୌସମି ଅଗମାନକୁ ଅପେକ୍ଷା କରି ଜଗି ରହିଥାନ୍ତି। ଚଳିତ ବର୍ଷ ଜୁନ ଶେଷଠାରୁ ମୌସମି ବର୍ଷା ଆସିଥିବାରୁ ଚାଷୀ ମାନଙ୍କ ମୁହଁରେ ଫୁଟିଛି ହସ। ଏପରି ଚିତ୍ର ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେଫ ମୌସମି ବର୍ଷା ଆସି ଥିବାରୁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଆନନ୍ଦର ଖୁସି ଦେଖିବାକୁ ମିଳିଛି। ଗତବର୍ଷ ଖରିପ ସମୟରେ ମାଥିଲି ଅଞ୍ଚଳରେ ଭଲ ଧାନ ଫସଲ ଅମଳ ହୋଇଥିବାରୁ ପ୍ରାୟ ସମସ୍ତ ଚାଷୀମାନେ ମଣ୍ଡିରେ ବେସ ସୁରୁଖୁରୁରେ ବିକ୍ରୟ କରି ଭଲ ଦୁଇ ପଇସା ପାଇଥିଲେ। ସେଥିପାଇଁ ଚଳିତ ବର୍ଷ ଚାଷୀ ମାନେ ମନ ଖୁସିରେ ଚାଷ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ଦେଖିବାକୁ ମିଳିଛି। ତାହା ସହିତ ଚଳିତ ବର୍ଷ ସମବାୟ ବିଭାଗ ତରଫରୁ ସାର କ୍ରୟ କରିବା ପାଇଁ ବିଭାଗ ପକ୍ଷରୁ ଚାଷୀ ମାନଙ୍କ ସ୍ୱତନ୍ତ୍ର କାର୍ଡ ବ୍ୟବସ୍ଥା କରାଯାଇଛି। ଚାଷୀମାନେ ମଧ୍ୟ ଲ୍ୟାମ୍ପସ କୁ ଯାଇ ନିଜ ନିଜର କାର୍ଡ କରିବା ସହିତ ସୁରୁଖୁରୁରେ ସାର କ୍ରୟ କରୁଛନ୍ତି। କିନ୍ତୁ ବିଭାଗ ପକ୍ଷରୁ କାର୍ଡ ଧାରୀ ମାନଙ୍କୁ ଗୁରୁବାର ଓ ଶନିବାର ଦିନ ବିକ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଚାଷୀମାନେ ମଧ୍ୟ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ସହିତ ବିଭାଗ ନିକଟରୁ କ୍ରୟ କରୁଛନ୍ତି। ତଥାପି ଗତବର୍ଷ ଯେପରି ସାର କ୍ରୟ କରିବା ପାଇଁ ଚାଷୀମାନେ ନାହିଁ ନଥିବା ହୋଇଥିଲେ ତାହା ସମସ୍ତ ଗଣମାଧ୍ୟମ ରେ ପ୍ରକାଶିତ ହୋଇଥିଲା। ଚଳିତ ବର୍ଷ ଚାଷୀମାନେ ବିଭାଗୀୟ ସାର ବିକ୍ରୟ ହେବା ପୂର୍ବରୁ ଚଢା ଦରରେ ବାହାର ବ୍ୟବସାୟୀ ନିକଟରୁ କ୍ରୟ କରୁ ପୂର୍ବରୁ ଗଛିତ ରଖିଛନ୍ତି। କିନ୍ତୁ ସରକାରୀ ବ୍ୟବସ୍ଥା ପ୍ରଭାବିତ ହୋଇଛି ଚାଷୀମାନେ ମତ ପ୍ରକାଶ କରିଛନ୍ତି।

## • କୋରାପୁଟ–ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥ

# ପୋଡ଼ାଗଡ଼ ହାଟପଦାରେ କେବେ ଦୂର ହେବ ଟ୍ରାଫିକ୍ ସମସ୍ୟା ?

ପୋଡ଼ାଗଡ଼, ୧୭ (ସମିସ): କୋରାପୁଟ–ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ପୋଡ଼ାଗଡ଼ ହାଟପଦା ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ବିଶେଷ କରି ହାଟ ଦିନରେ ରାସ୍ତାର



ଉଭୟ ପାର୍ଶ୍ୱରେ ଦୋକାନ ବସିବା, ଅବ୍ୟବସ୍ଥା ପାର୍କିଂ, ଭାରୀ ଯାନବାହନ ଚଳାଚଳ ଯୋଗୁଁ ଦୀର୍ଘ ସମୟ ଧରି ଯାନବାହନ ଅଟକି ରହିଥିବା ହେତୁ ଟ୍ରଫିକ ସମସ୍ୟା ସୃଷ୍ଟି ହେଉଛି। ଏହାଫଳରେ ସାଧାରଣ ଲୋକ, ଯାତ୍ରୀ, ଛାତ୍ରଛାତ୍ରୀ ଓ ରୋଗୀବାହୀ ଆମ୍ବୁଲାନ୍ସ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛି। ସ୍ଥାନୀୟ ଲୋକମାନେ ବାରମ୍ବାର ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରିନାହିଁ ବୋଲି ଅଭିଯୋଗ କରୁଛନ୍ତି। ସ୍ଥାନୀୟଙ୍କ ଦାବି ହେଉଛି, ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା, ବେଆଇନ ପାର୍କିଂ ଉପରେ କଡ଼ା ପଦକ୍ଷେପ ନେବା ଏବଂ ହାଟ ଅଞ୍ଚଳରେ ବିକଳ୍ପ ବ୍ୟବସ୍ଥା କରାଗଲେ ଏହି ସମସ୍ୟାର ସମାଧାନ ସମ୍ଭବ। ଏବେ ପ୍ରଶ୍ନ ଉଠୁଛି, କୋରାପୁଟ–ରାୟଗଡ଼ାର ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥର ପୋଡ଼ାଗଡ଼ ହାଟପଦାରେ କେବେ ଦୂର ହେବ ଟ୍ରାଫିକ ସମସ୍ୟା? ସ୍ଥାନୀୟ ଲୋକେ ଏବେ ପ୍ରଶାସନର ତୁରନ୍ତ ହସ୍ତକ୍ଷେପକୁ ଅପେକ୍ଷା କରିଛନ୍ତି।

# ନିଶା ବିରୋଧରେ ସାମୂହିକ ଶପଥ, ସୁସ୍ଥ ସମାଜ ପାଇଁ ସଚେତନତା

ରାୟଗଡ, ୧୭ (ସମିସ): ରାଜ୍ୟବ୍ୟାପୀ ଚାଲିଥିବା ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନ୍ତର୍ଗତ ରାୟଗଡ ରେଳ ଷ୍ଟେସନ ପରିସରରେ ରାୟଗଡ ଜିଆରପି ପୁଲିସ ପକ୍ଷରୁ ବୁଧବାର ନିଶାଦ୍ରବ୍ୟ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଏବଂ ସାମୂହିକ ଶପଥ ଗ୍ରହଣ ଅନୁଷ୍ଠିତ ହୋଇଯାଇଛି। ଜନଗହଳିପୂର୍ଣ୍ଣ ରେଳ ଷ୍ଟେସନ ପରିସରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେବା ଫଳରେ ବହୁ ସଂଖ୍ୟକ ଯାତ୍ରୀ ଓ ସାଧାରଣ ଲୋକ ଏହି ସଚେତନତା ଅଭିଯାନରେ ସାମିଲ ହୋଇଥିଲେ। ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ସଚେତନତା ହିଁ ନିଶାଦ୍ରବ୍ୟ ବିରୋଧରେ ସବୁଠାରୁ ବଡ଼ ଅସ୍ତ୍ର ହୋଇପାରିବ ବୋଲି ରାୟଗଡ ଜିଆରପି ପୁଲିସ ପକ୍ଷରୁ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ ଷ୍ଟେସନ ମାଷ୍ଟର ପରମାନନ୍ଦ ପୀଡିକାକା, ଆରପିଏଫ ଏସଆଇ ଜଗା ରାଓ, ଜିଆରପି ଏଏସଆଇ ସନ୍ତୋଷ ପରିଡା, ମାଣିକଚନ୍ଦ୍ର ଗୌଡ଼, ସୀତାଂଶୁ ପଟ୍ଟନାୟକ, ରମାକାନ୍ତ ଦାସ, ବେଲାଲ ହାଲଓ୍ୱା ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

**କୋଷାଗୁମୁଡା:** କୋଷାଗୁମୁଡା ଥାନା ପରିସରରେ ନିଶାମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବଇନସପେକ୍ଟର ପର୍ଶୁରାମ ଛାତ୍ରିଆଙ୍କ ଅଧୀନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ନିଶା ଦ୍ୱାରା ଆଜିର ଯୁବପିଢ଼ି ବିପଥଗାମୀ ହେଉଛନ୍ତି ଏବଂ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଛି। ଏହି କାର୍ଯ୍ୟକ୍ରମରେ ବିଜେପି କାର୍ଯ୍ୟକର୍ତ୍ତା ଯୁବ ମୋର୍ଚ୍ଚା ସଭାପତି ସୁଧାଂଶୁ ପ୍ରଧାନ ଓରଫ ପପି ପ୍ରଧାନ ଧନୁର୍ଜୟ



ବେହେରା, ପ୍ରସନ୍ନ ପଟ୍ଟନାୟକ, ଦେବାନନ୍ଦ ପଟ୍ଟନାୟକ, ଇଶ୍ୱର ମାଝୀ ଓ ଲକ୍ଷ୍ମୀଧର ନାୟକ ସହ ଗ୍ରାମର ଭଦ୍ରବ୍ୟକ୍ତି ଯୁବ ବର୍ଗ ଉପସ୍ଥିତ ରହିଥିଲେ। ଥାନାଧିକାରୀଙ୍କ ସମେତ ଉପସ୍ଥିତ ସମସ୍ତ ବ୍ୟକ୍ତି ନିଶା ମୁକ୍ତ କରିବା ସହ ଏକ ସୁସ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ।

**କାଶୀପୁର:** ରାୟଗଡା ଜିଲ୍ଲା କାଶୀପୁର ଥାନା ପରିସରରେ ନିଶା ମୁକ୍ତ ଓଡିଶା ଅଭିଯାନ ପାଇଁ ଶପଥପାଠ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ କାଶୀପୁର ଥାନାରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଏବଂ ଉପସ୍ଥିତ ଲୋକଙ୍କୁ କାଶୀପୁର ଥାନା ଅଧିକାରି ମଦ୍ୟପାନ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟଠାରୁ ନିଜକୁ ଏବଂ ନିଜ ପରିବାରକୁ ଦୂରେଇ ରଖିବା। ଗ୍ରାମାଞ୍ଚଳରେ ନିଶାର କୁପରିଣାମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା। ଅଞ୍ଚଳବାସୀଙ୍କୁ ନିଶାଠାରୁ ଦୂରେଇ ରଖିବାକୁ ଶପଥ ପାଠ କରାଯାଇଥିଲା।

**ଗୁଡାରୀ:** ଗୁଡ଼ାରୀ ପୁଲିସ ଥାନାଧିକାରୀ ବିଶ୍ୱବନ୍ଦିନ ବାଗଙ୍କ ତତ୍ତ୍ୱାବଧାନରେ ବୁଧବାର ଏହି କାର୍ଯ୍ୟକ୍ରମ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ଏବଂ ପଞ୍ଚାୟତର ବିଭିନ୍ନ ବର୍ଗର ଲୋକମାନେ ଯୋଗ ଦେଇଥିଲେ। ସମସ୍ତ ଉପସ୍ଥିତ ଲୋକ ଏବଂ ପୁଲିସ କର୍ମଚାରୀ ନିଶା ମୁକ୍ତ ରାଜ୍ୟ ଗଠନ କରିବା ପାଇଁ ଶପଥ ନେଇଥିଲେ। ଏସଆଇ ଶ୍ୟାମସୁନ୍ଦର ଏସଆଇ ସଞ୍ଜୀବ ଛତ୍ର, ଏସଆଇ ରୁଦ୍ରମାଧବ ମୁଗୁଲି ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ପ୍ରସ୍ତାବକୁ...

ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବାକୁ ବ୍ୟବସ୍ଥା କରାଯାଇଛି। କ୍ୟାବିନେଟ୍ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ। ସେଲ୍ଫ-ଫାଇନାନ୍ସିଂ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍‌ର ଅନୁଷ୍ଠାନ ଓ ପାଠ୍ୟକ୍ରମ, ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇ ନାହିଁ। ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ଆମର ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ଦିଗରେ ଏହି ଯୋଜନା ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ଶିକ୍ଷାକୁ ସାମଗ୍ରିକ ଏବଂ ସ୍ଥାୟୀ ବିକାଶର ଭିତ୍ତି ଭାବେ ଗ୍ରହଣ କରି, ଓଡ଼ିଶା କ୍ୟାବିନେଟ୍ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ପାଞ୍ଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଞ୍ଜୁରୀ ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ ଏବଂ ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ। 'ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି' କେବଳ ଏକ ଫି' ଛାଡ଼ କାର୍ଯ୍ୟକ୍ରମ ନୁହେଁ। ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଯୁବକଯୁବତୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବା ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ ଏବଂ ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ "ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୮ ଲେନ ହେବ...

ପଦକ୍ଷେପ ଭାବେ ସୁନ୍ଦରଗଡ଼ ଜିଲ୍ଲାର ଡୁଡୁକା-ଗୋପାଳପୁର-ଟପରିଆ ଏମଡିଆର ରାସ୍ତା ସିଆରମାଲ ଓପନ୍ କାଷ୍ଟ ପ୍ରୋଜେକ୍ଟର ଖଣି ଅଞ୍ଚଳ ଦେଇ ଯାଉଥିବାରୁ ଏହି ରାସ୍ତାରେ ଯାତାୟାତକୁ ସ୍ୱାଭାବିକ ରଖିବା ନିମନ୍ତେ ଏହାର ୬.୮ କିମି ଅଂଶକୁ ଡାଇଭର୍ଟ କରାଯିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହି ୬.୮ କିମି ରାସ୍ତାକୁ ୬ ଲେନ୍ ବିଶିଷ୍ଟ ସିମେଣ୍ଟ କଂକ୍ରିଟ ସର୍ଭିସ ରୋଡ୍ ଭାବେ ପରିଣତ କରାଯିବ। ଏଥିପାଇଁ ଦିଲ୍ଲୀପ ବିଲଡକନ୍ ଲିମିଟେଡ ଦେଇଥିବା ୧୬୦.୨୦କୋଟି ଟଙ୍କାର ବିଡକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଓଡ଼ିଶା ଡିପ୍ ସି ଫିସିଂ ମିଶନ୍ (୨୦୨୬-୨୦୩୬)କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ଫ୍ଲାଗସିପ୍ ପ୍ରକଳ୍ପ ପାଇଁ ୨,୨୯୫.୪୫ କୋଟି ଟଙ୍କା ବ୍ୟୟ ହେବ। ଏହା ଦ୍ୱାରା ପ୍ରତି ବର୍ଷ ଅତିରିକ୍ତ ୨ ଲକ୍ଷ ମେଟ୍ରିକ୍ ଟନ୍ ସାମୁଦ୍ରିକ ମାଛ ଉତ୍ପାଦନ ଲକ୍ଷ୍ୟ ରହିଥିବା ବେଳେ ଏହାଦ୍ୱାରା ୫୦ ହଜାରରୁ ଅଧିକ ରୋଜଗାର ସୃଷ୍ଟି ଏବଂ ସାମୁଦ୍ରିକ ରପ୍ତାନୀ ପ୍ରାୟ ୫,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ିବ ବୋଲି ଆଶା କରାଯାଉଛି। ଏହା ବ୍ଲୁ ଇକନୋମୀକୁ ପ୍ରୋତ୍ସାହିତ କରିବ ଏବଂ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀଙ୍କ ଜୀବିକା ଉନ୍ନତ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଅନ୍ୟ ଏକ ନିଷ୍ପତ୍ତି ଭାବେ ଓଡିଶା ରାଜ୍ୟ ଡାଟା ସେଣ୍ଟର ୨.୦କୁ ଅନୁମୋଦନ ମିଳିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରସ୍ତାବ ଅନୁସାରେ ଟିୟର-୩ କମ୍ପ୍ଲାଏଣ୍ଟ ଡାଟା ସେଣ୍ଟର ସ୍ଥାପନ ପାଇଁ ୨୬୮.୪୪ କୋଟି ଟଙ୍କା ଅନୁମୋଦିତ ହୋଇଛି। ରାଜ୍ୟର ବଢୁଥିବା ଡିଜିଟାଲ୍ ଭିତ୍ତିଭୂମିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ପଦକ୍ଷେପଗୁଡ଼ିକୁ ମିଶାଇ ଉଚ୍ଚଶିକ୍ଷା ବିଭାଗର ଗୋଟିଏ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨ ଟି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଗୋଟିଏ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଗୋଟିଏ, ନିର୍ମାଣ ବିଭାଗର ଦୁଇଟି, ଜଳସମ୍ପଦ ବିଭାଗର ତିନିଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୋଟିଏ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଭାଗରଗୋଟିଏ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି।

### ପଶିବ ଇଡି...

ମନ୍ଦିରରୁ ସବୁଠାରୁ ଅଧିକ ପରିମାଣର ଦାନ ଅର୍ଥ ଚୋରି ହୋଇଥିଲା। ଏହି ସମଗ୍ର ଘଟଣାର ମୁଖ୍ୟ ସୂତ୍ରଧର ସାଜିଥିବା ଦୁଇ ସମ୍ପର୍କୀୟ ଭାଇ (ଶଳା-ଭିଣୋଇ) ଲବକୁଶ ମିଶ୍ର ଓ ଅନୁକଳ୍ପ ମିଶ୍ରଙ୍କ ଉପରେ ଏବେ ପୋଲିସର ତୀକ୍ଷ୍ଣ ନଜର ରହିଛି।

ପୋଲିସର ସୂଚନା ଅନୁଯାୟୀ, ଏହି ଚୋରି ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଲବକୁଶ ଏବଂ ଅନୁକଳ୍ପ ନାମକ ଦୁଇ ଅଭିଯୁକ୍ତ ସବୁଠାରୁ ଅଧିକ ଅର୍ଥ ଆତ୍ମସାତ କରିଛନ୍ତି। କେବଳ ସେତିକି ନୁହେଁ, ସେମାନେ ଏହି ଚୋରି ଟଙ୍କାରେ ଅଧା ଡଜନରୁ ଅଧିକ ସମ୍ପତ୍ତି ମଧ୍ୟ କିଣିଥିବା ଜଣାପଡ଼ିଛି। ବର୍ତ୍ତମାନ ଆୟକର ବିଭାଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ସହାୟତାରେ ଏହି ଆର୍ଥିକ କାରବାରର ଗଭୀର ତଦନ୍ତ କରାଯାଉଛି। ଅଭିଯୁକ୍ତ ଅବିନାଶ ଶୁକ୍ଲାଙ୍କ କୌଶଲପୁରୀସ୍ଥିତ ଏକ ଯୋଗ କେନ୍ଦ୍ରରେ ଥିବା ଆସ୍ଥାନରୁ ପୋଲିସ ବିପୁଳ ପରିମାଣର ନଗଦ ଟଙ୍କା ଜବତ କରିଛି। ସେଠାରେ ୪ଟି ବାକ୍ସ ଭିତରେ କମ୍ବଳରେ ଗୁଡ଼ାଯାଇ ଏହି ଟଙ୍କା ଲୁଚାଯାଇଥିଲା। ଗୋଟିଏ ବାକ୍ସ ଉପରେ 'ରାମ ରାଜ୍ୟ କୋଷ' ବୋଲି ମଧ୍ୟ ଲେଖାଯାଇଥିଲା। ଅଭିଯୁକ୍ତ ଅବିନାଶଙ୍କ ସୂଚନା ଆଧାରରେ ପ୍ରାୟ ୮୯ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। ମନ୍ଦିରର ଦାନ ବାକ୍ସ ଗଣତି ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ର କିଛି କର୍ମଚାରୀ ନିୟୋଜିତ ଥିଲେ। ମନ୍ଦିର ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କ ଗାଡ଼ି ଚାଳକ ଟିଣ୍ଟୁ ଯାଦବଙ୍କ ଘରୁ ମଧ୍ୟ ନଗଦ ଟଙ୍କା ଉଦ୍ଧାର ହୋଇଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଟଙ୍କା ଗଣତି ଗୃହର ଗୋଟିଏ ଚାବି ଟିଣ୍ଟୁ ଯାଦବଙ୍କ ପାଖରେ ଏବଂ ଅନ୍ୟ ଚାବିଟି ବ୍ୟାଙ୍କ କର୍ମଚାରୀଙ୍କ ପାଖରେ ରହୁଥିଲା। ବ୍ୟାଙ୍କ କର୍ମଚାରୀ ଓ ଗାଡ଼ି ଚାଳକ ପରସ୍ପର ମଧ୍ୟରେ ବୁଝାମଣା କରି ପ୍ରତିଦିନ ମୋଟା ଅଙ୍କର ଟଙ୍କା ଗାଏବ କରୁଥିଲେ। କୁମ୍ଭମେଳା ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ର ସୁଯୋଗ ନେଇ ଏହି ବଡ଼ ଧରଣର ଚୋରି କରାଯାଇଥିଲା।

ଅଭିଯୁକ୍ତ ଅବିନାଶ ଶୁକ୍ଲା ପୁଲିସ ଜେରା ବେଳେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛି। ସେ କୋଟି କୋଟି ଟଙ୍କା ଚୋରି କରିଥିବା ସ୍ୱୀକାର କରିବା ସହ ଚୋରିର ସମ୍ପୂର୍ଣ୍ଣ ତରିକା ବିଷୟରେ ପୁଲିସକୁ ଜଣାଇଛି। ଅବିନାଶର ବୟାନ ଅନୁଯାୟୀ, ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକର ଅବସ୍ଥିତି ବିଷୟରେ ସମସ୍ତ ଅଭିଯୁକ୍ତଙ୍କୁ ବେଶ୍ ଭଲଭାବେ ଜଣାଥିଲା। ସେମାନେ କ୍ୟାମେରା ନଜରରୁ ବଞ୍ଚିବା ପାଇଁ ଏକ ଦଳଗତ ଯୋଜନା କରିଥିଲେ, ଯେଉଁଥିରେ ଜଣେ ଟଙ୍କା ଚୋରି କରୁଥିବା ବେଳେ ଅନ୍ୟମାନେ ତାଙ୍କୁ ଚାରିପଟୁ ଘୋଡ଼ାଇ ରଖୁଥିଲେ। ଏହି ଚୋରି ଟଙ୍କାକୁ ପ୍ରଥମେ ମନ୍ଦିରର ବାଥ୍‌ରୁମ୍ (ଶୌଚାଳୟ) ଭିତରେ ଲୁଚାଇ ରଖାଯାଉଥିଲା ଏବଂ ପରେ ସୁଯୋଗ ଦେଖି ସେଠାରୁ ବାହାରକୁ ଚାଲାଣ କରାଯାଉଥିଲା। ଟ୍ରଷ୍ଟର ବଡ଼ ଅଧିକାରୀମାନଙ୍କ ସହ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କରୁନଥିଲେ।

### ପିଲାଙ୍କୁ ମିଳିବ...

ନୂଆ ବହି ଯୋଗାଇ ଦିଆଯିବ। ନୂଆ ବହି ଆସିବା ପର୍ଯ୍ୟନ୍ତ ଏସ୍‌ସିଇଆର୍‌ଟି ପକ୍ଷରୁ ଓସେପା ଜରିଆରେ ଜାରି କରାଯାଇଥିବା ସଂଶୋଧିତ ତଥ୍ୟକୁ ନେଇ ପାଠପଢ଼ା ହେବ। ସଂଶୋଧିତ ପୁସ୍ତକର ସଫ୍ଟ କପିକୁ ଓସେପା ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ସମ୍ପୂର୍ଣ୍ଣ ତ୍ରୁଟି ସଂଶୋଧନ ପରେ ସମସ୍ତଙ୍କ ଅବଗତି ପାଇଁ ବହି ଉପଲବ୍ଧ ହେବ। ମାତ୍ର କେବେ ସୁଦ୍ଧା ପିଲାଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯିବ, ସେ ସମ୍ପର୍କରେ ସଚିବ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ଖୁବଶୀଘ୍ର ପିଲାଙ୍କୁ ବହି ଯୋଗାଇ ଦିଆଯିବ ବୋଲି କହିଥିବାବେଳେ ସେହି ସମୟ କେବେ ଆସିବ ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତବର୍ଷ ଅଗଷ୍ଟ ମାସରୁ ନୂତନ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ଶତପ୍ରତିଶତ ବହି ଯୋଗାଇ ପାରି ନାହାନ୍ତି। ଏପରିସ୍ଥଳେ ଚଳିତବର୍ଷ ପିଲାମାନଙ୍କୁ କିପରି ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଯେତିକି କୁହାଯାଉଛି...

ସହ ସେସବୁର ସଂଶୋଧିତ ତାଲିକା ଜାରି କରାଯାଇଛି। ଏହାସତ୍ତ୍ୱେ ସଚିବ କାହିଁକି ଭୁଲ୍ ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସାମ୍ବାଦିକ ସମ୍ମିଳନୀ ଡାକି ପୁସ୍ତକକୁ ନେଇ ଦ୍ୱନ୍ଦ୍ୱ ଦୂର କରିବା ପରିବର୍ତ୍ତେ ବିଭାଗୀୟ ସଚିବ ଘଟଣାକୁ ବେଶୀ ଗୋଳମାଳିଆ କରିଛନ୍ତି। ଯଦି ସମସ୍ତ ପିଲାଙ୍କୁ ନୂତନ ସଂଶୋଧିତ ପୁସ୍ତକ ଦିଆଯିବ, ତାହାଲେ କେବେ ସୁଦ୍ଧା ମିଳିବ? କିପରି ଭାବେ ସ୍ୱଳ୍ପ ସମୟରେ ପ୍ରାୟ ୩କୋଟି ବହି ଛପା ହେବ? ମନ୍ତ୍ରୀ ଓ ସଚିବଙ୍କ ସମେତ ଗଣଶିକ୍ଷା ବିଭାଗର ଅଧିକାରୀମାନେ ବହି ପ୍ରସଙ୍ଗରୁ ମୁକୁଳିବା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ ହେଁ ବିବାଦ ତାଙ୍କ ପଛରେ ଛାଇ ଭଳି ଲାଗି ରହିଥିବା ଚର୍ଚ୍ଚା ଜୋର ଧରିଛି।

### ବିଜୟ ସରକାର...

ଏକାଠି ହୋଇ ସରକାର ବିରୋଧରେ ଭୋଟ୍ ଦେଇ ଏହାର ପତନ କରାଇଥାଆନ୍ତେ। ତେବେ ଗୋଇନ୍ଦା ବିଭାଗ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଥିଲା। ଟିଭିକେ ବିଧାୟକ ଏନ୍. ଏଲାଇୟାରାଜା ଚେନ୍ନାଇ ପୋଲିସ ନିକଟରେ ଅଭିଯୋଗ କରିବା ପରେ ସମଗ୍ର ଘଟଣା ଲୋକଲୋଚନକୁ ଆସିଥିଲା। ସେ କହିଛନ୍ତି ।।ଯେ ଏକ କନସଲଟାନ୍ସି ସଂସ୍ଥାର ଜଣେ କର୍ମଚାରୀ ବିଧାନସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ତାଙ୍କୁ ୩୫ କୋଟି ଟଙ୍କାର ପ୍ରଲୋଭନ ଦେଇଥିଲେ ଏବଂ ପରେ ଏ ବିଷୟରେ କାହାରିକୁ ନ କହିବା ପାଇଁ ଧମକ ମଧ୍ୟ ଦେଇଥିଲେ। ଏହି ମାମଲାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଗିରଫ କରିଛି, ଯାହାଙ୍କର ସମ୍ପୃକ୍ତି ବିରୋଧୀ 'ଡିଏମକେ' ବିଧାୟକ ସେନ୍‌ଥିଲ ବାଲାଜୀଙ୍କ ସହ ଥିବା କୁହାଯାଉଛି।

ଏହି ଘଟଣାକୁ ନେଇ ଟିଭିକେର ଜଣେ ମନ୍ତ୍ରୀ ଡିଏମକେ ଏବଂ ଏଆଇଏଡିଏମକେ ଉପରେ କଡ଼ା ପ୍ରହାର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏମକେ ଷ୍ଟାଲିନ ଏବଂ ଉଦୟନିଧିଙ୍କ ନିର୍ଦ୍ଦେଶରେ ସେନ୍‌ଥିଲ ବାଲାଜୀ ଏବଂ ତାଙ୍କ ସହଯୋଗୀମାନେ ଟିଭିକେ ବିଧାୟକମାନଙ୍କୁ ୧୦ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଯାଚି ଦଳ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ଡିଏମକେ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ଦଳର ମୁଖପାତ୍ର କହିଛନ୍ତି ଯେ, ସରକାରୀ ଦଳ କେବଳ ମିଛ କାହାଣୀ ପ୍ରସ୍ତୁତ କରି ଜନସାଧାରଣଙ୍କ ମନରେ ଭ୍ରମ ସୃଷ୍ଟି କରୁଛି ଏବଂ ଯଦି ସରକାରଙ୍କ ପାଖରେ ପ୍ରକୃତ ପ୍ରମାଣ ଅଛି, ତେବେ ସେମାନେ ସେନ୍‌ଥିଲ ବାଲାଜୀଙ୍କୁ ଗିରଫ କରି ଦେଖାନ୍ତୁ।

### ଅକ୍ଟୋବରରେ ଶିମିଳିପାଳକୁ...

ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କତା ଅବଲମ୍ବନ କରାଯାଇଛି। କ୍ଷେତ୍ରୀୟ ଅଧିକାରୀଙ୍କ ସହ ମଧ୍ୟ ଏନେଇ ବାରମ୍ବାର ଆଲୋଚନା ଚାଲିଛି। ପର୍ଯ୍ୟାୟକ୍ରମେ ମହାବଳ ଆସିବା ପରେ ଏନ୍‌କ୍ଲୋଜରରେ ୩ ମାସ ରଖାଯାଇ ଗତିବିଧି ଉପରେ ନଜର ରଖାଯିବ। ଶିମିଳିପାଳ ଅଭୟାରଣ୍ୟରେ ଖାପଖୁଆଇବା ପରେ ଯାଇ ବାହାରକୁ ଛଡ଼ାଯିବ। କେବଳ ଶିମିଳିପାଳ ନୁହେଁ, ଡେବ୍ରିଗଡ଼ ଅଭୟାରଣ୍ୟକୁ ମଧ୍ୟ ମହାବଳ ସ୍ଥାନାନ୍ତର କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ତେବେ ବର୍ଷା ସରିବା ପରେ ପ୍ରକ୍ରିୟା ଆଗେଇବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

### ଅଭିଯୁକ୍ତ ଏଚ୍‌ଆଇଭି...

ଅତ୍ୟାଚାର ଅସହ୍ୟ ହେବାରୁ ନାବାଳିକା ଜଣକ ମହିଳା ଥାନାରେ ଲିଖିତ ଏତଲା ଦେଇଥିଲେ। କିଛିଦିନ ପୂର୍ବେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା ଓ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆଯାଇଥିଲା। ତେବେ ପୋକ୍ସୋ ମାମଲାର ଅଭିଯୁକ୍ତ ହୋଇଥିବାରୁ ଜେଲ୍ ପକ୍ଷରୁ ଅଭିଯୁକ୍ତର ଏଚ୍‌ଆଇଭି ପରୀକ୍ଷା କରାଯାଇଥିଲା। ରିପୋର୍ଟ ଆସିବା ପରେ ଅଭିଯୁକ୍ତ ଜଣକ ଏଚ୍‌ଆଇଭି ପଜିଟିଭ୍ ସଂକ୍ରମିତ ବୋଲି ଜଣା ପଡ଼ି ଥିଲା। ଏଚ୍‌ଆଇଭି ପଜିଟିଭ୍ ଅଭିଯୁକ୍ତ ଜଣଙ୍କ କୋଚିଂ ସେଣ୍ଟରରେ ଚାକିରି କରୁଥିବାରୁ ଅନେକ କଥା ଆଶଙ୍କା କରାଯାଉଛି।

## ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ' ଲୋକାର୍ପିତ

# ଆତ୍ମଜୀବନୀରୁ ଜଣେ ବି ଯୁବକ ପ୍ରେରଣା ପାଇଲେ ରଚନା ସାର୍ଥକ ହେବ: ନିରଞ୍ଜନ




ଭୁବନେଶ୍ୱର,୧।୭(ସମିସ): ବରିଷ୍ଠ ରାଜନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ "ସମୟ ସାକ୍ଷୀ' ବୁଧବାର ସନ୍ଧ୍ୟାରେ ୟୁଏଟିର କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଛି। ଏହି ପୁସ୍ତକଟି ଲୋକଲୋଚନକୁ ଆସିବା ପରେ ଏହାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଅନେକ ପୁରୁଣା କଥା ମଧ୍ୟ ସାମନାକୁ ଆସିଛି। ଜଣେ ଶିଳ୍ପପତି ତଥା ରାଜନେତା ଭାବରେ ପରିଚିତ ନିରଞ୍ଜନଙ୍କ ଏହି ଆତ୍ମଜୀବନୀରେ ବିଗତ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ଅନେକ କାହାଣୀ ଉଲ୍ଲେଖ ରହିଛି।

ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ଦୈତାରୀ ନାୟକ, ନିଜ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହିଥିବା କଳାହାଣ୍ଡିର ଦାନ ମାଝୀ, ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇ ମଧ୍ୟ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡିବନ୍ଧର ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଦୃଷ୍ଟିଶକ୍ତି ନ ଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନରେ ଶିକ୍ଷାଦାନ କରୁଥିବା ଘସିପୁରାର ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ନିଜର ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନ ଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କେଶ ପ୍ରତିରୋପଣକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡର ତରୁଣ ଅଫତାବ୍ ହୋସେନ୍, ନିଜର ସ୍ୱଳ୍ପ ଆୟରୁ ସଞ୍ଚୟ କରି ଗ୍ରାମବାସୀଙ୍କ ପାଇଁ ସାତଟି ପାଣି ଟାଙ୍କି ବସାଇଥିବା ମନ୍ମଥ ମହାରଣା ପ୍ରମୁଖ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଓ ଦାଶ ବେନହୁର ପୁସ୍ତକର ସମୀକ୍ଷା କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜେଶ ମହାପାତ୍ର ପୁସ୍ତକର ଏକ ମାର୍ମିକ ଆଲୋଚନା କରିଥିଲେ।

ଏହି ପୁସ୍ତକ ଲୋକାର୍ପଣ ସଭାରେ ସଭାପତିତ୍ୱ କରିଥିଲେ ଆମ ଓଡିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ। ତାଙ୍କର ଏହି ସାଧାରଣ ଜୀବନ କଥାରୁ ଯଦି ଜଣେ ବି ଯୁବକ ପ୍ରେରଣା ପାଇବ ତାଙ୍କ ରଚନା ସାର୍ଥକ ହେବ ବୋଲି ସଭାରେ ନିରଞ୍ଜନ ପଟ୍ଟନାୟକ ନିଜର ଲେଖନୀୟ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଓଡିଶାର ପରିବର୍ତ୍ତନ ପାଇଁ ତାଙ୍କ ମନରେ ରହିଥିବା ଅସୁମାରୀ ଆଶାକୁ ଯୁବପିଢି ସାକାର କରିବେ ବୋଲି ତାଙ୍କର ଭରସା ରହିଛି। ଜୀବନର କିଛି ଅନୁଭୂତି ଓ ଘଟଣା ଚରିତ୍ରକୁ ନେଇ ସେ ଏହି ଆତ୍ମଜୀବନୀ ରଚନା କରିଛନ୍ତି। ଆତ୍ମଜୀବନଟି ଓଡିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଗୁମର କଥାକୁ ଉନ୍ମୋଚିତ କରିଛି। ଏହି ପୁସ୍ତକକୁ ଜଣେ ସାଧାରଣ ଓଡିଆର କଥା ଭାବେ ଶ୍ରୀ ପଟ୍ଟନାୟକ କହିଥିଲେ। ଲୋକାର୍ପଣ ଉତ୍ସବରେ ରାଜ୍ୟର ବହୁ ଲେଖକ, କଳାକାର, ବୁଦ୍ଧିଜୀବୀ, ରାଜନେତା ଉପସ୍ଥିତ ଥିଲେ।

# ପ୍ରକାଶ ପାଇଲା +୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଆଡମିଟ୍ କାର୍ଡ

ଭୁବନେଶ୍ୱର, ୧।୭(ସମିସ): ଆସନ୍ତା ୩ ଓ ୪ ତାରିଖରେ ହେବାକୁ ଥିବା ଯୁକ୍ତ ୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସମସ୍ତ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। ସେହିପରି ଇନଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ସିଏନ୍‌ଆର୍ ମଧ୍ୟ ସାମସ୍ ଇ-ସ୍ପେସ୍‌ରେ ଉପଲବ୍ଧ ହୋଇଛି। ଇ-ସ୍ପେସ୍‌ରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ଯାଞ୍ଚ ଓ ସ୍ୱାକ୍ଷର ପରେ ପରୀକ୍ଷାର୍ଥୀଙ୍କୁ ବଣ୍ଟନ କରିବାକୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମଥର ପାଇଁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେଉଛି। ଯେଉଁ ଛାତ୍ରଛାତ୍ରୀମାନେ ସମସ୍ତ ପରୀକ୍ଷାରେ ପାସ୍ କରିଥିବେ, ସେମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଅନୁମତି ମିଳିବ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇ ଅତି କମ୍‌ରେ ୨୧୦ ମାର୍କ ରଖିଥିବା ପିଲାମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।

# ଦାନବାକ୍ସ, ୭୭ ଲକ୍ଷ ଟଙ୍କା, ସୁନା, ରୁପା, ଡଲାର ଜବତ




ଅଯୋଧ୍ୟା, ୧।୭: ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଅଯୋଧ୍ୟା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମନ୍ଦିର ଦାନ ବାକ୍ସ ସମେତ ଟଙ୍କା ଓ ସୁନା ଜବତ କରିଛି। ପୁଲିସ ପକ୍ଷରୁ ଆଜି ଏଡି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଗିରଫ ହୋଇଥିବା ୮ ଅଭିଯୁକ୍ତଙ୍କ ଘରେ ଚଢ଼ଉ ବେଳେ ରାମ ମନ୍ଦିର ଦାନବାକ୍ସ, ନଗଦ ୭୭ ଲକ୍ଷ ଟଙ୍କା, ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧୧୨୧ ଡଲାର ଜବତ କରାଯାଇଛି। ପ୍ରମୁଖ ଅଭିଯୁକ୍ତ କୁହାଯାଉଥିବା ଅଭିନାଶ ଘରୁ ୨୦.୩୯ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ କାରୁନେଶ ଘରୁ ୧୮ ଲକ୍ଷ, ଅନୁକଳ୍ପ ଘରୁ ୧୭ ଲକ୍ଷ, ଲବକୁଶ ଘରୁ ୧୪.୨୫ ଲକ୍ଷ, ରମାଶଙ୍କର ଠାରୁ ୭.୩ ଲକ୍ଷ ଏବଂ ଯାଦବ ଠାରୁ ଏକ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଏହାଛଡ଼ା ଅଭିନାଶ ଶୁକ୍ଲାର ଯୋଗା କେନ୍ଦ୍ରରୁ ଏକ ମନ୍ଦିରର ଏକ ଦାନ ବାକ୍ସ ଜବତ କରାଯାଇଛି। ଏଥିରେ ରାମରାଜ୍ୟ କୋଷ ଲେବଲ ଲାଗିବା ସହିତ ପେଟିଏମ୍‌ର କ୍ୟୁଆର୍ କୋଡ୍ ରହିଛି। ଏହାପୂର୍ବରୁ ଅଭିନାଶ ଘରୁ ୮୯ ଲକ୍ଷ ଟଙ୍କା ଜବତ ହୋଇଥିଲା।

## ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ବେଳେ ୨.୪୧ କୋଟି ଖର୍ଚ୍ଚ

# ସ୍ୱତନ୍ତ୍ର ଅଡିଟ୍ ଦାବି କଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର,୧।୭(ସମିସ): ଗତ ୨୬ ଫେବୃଆରୀରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟ ସରକାର କରିଥିବା ୨,୪୧,୧୩,୯୫୦ ଟଙ୍କା ବ୍ୟୟର ସ୍ୱତନ୍ତ୍ର ବା ସ୍ପେଶାଲ ଅଡିଟ୍ ଓ କମ୍ପ୍ଲାଏନ୍ସ ଅଡିଟ୍ କରିବାକୁ ଦାବି କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଏହି ପ୍ରସଙ୍ଗରେ ସଂଗଠନ ପକ୍ଷରୁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ନିକଟରେ ଏକ ବିସ୍ତୃତ ଜନସ୍ୱାର୍ଥ ସମ୍ବଳିତ ଦାବିପତ୍ର ଦାଖଲ କରାଯାଇଛି। ଏହି ଦାବିପତ୍ର ସମ୍ପୂର୍ଣ୍ଣ ଭାବରେ ସୂଚନା ଅଧିକାର ଆଇନ ଅନୁଯାୟୀ ଜଳ ସମ୍ପଦ ବିଭାଗରୁ ପ୍ରାପ୍ତ ସରକାରୀ ଦସ୍ତାବିଜ ଉପରେ ଆଧାରିତ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ଆରଟିଆଇ ଦସ୍ତାବିଜ ଅନୁସାରେ ଟ୍ରିବ୍ୟୁନାଲଙ୍କ ଗସ୍ତ ପାଇଁ ରାଜ୍ୟ ସରକାର ମୋଟ ୨,୪୧,୧୩,୯୫୦ ଟଙ୍କା ମଞ୍ଜୁର କରିଥିଲେ। ସେଥିରୁ ୧,୪୫,୫୫,୪୮୦ ଉପର ମହାନଦୀ ଅଞ୍ଚଳ ଗସ୍ତ ପାଇଁ ଏବଂ ୯୫,୫୮,୪୭୦ ତଳ ମହାନଦୀ ଅଞ୍ଚଳ ଗସ୍ତ ପାଇଁ ବ୍ୟୟ କରାଯାଇଥିବା ଉଲ୍ଲେଖ ରହିଛି। ଆରଟିଆଇ ମାଧ୍ୟମରେ ଉପର ମହାନଦୀ ଗସ୍ତର ବ୍ୟୟ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ମିଳିଥିବା ବେଳେ, ସେଥିରେ ଏମ.ଏମ. ଇଭେଣ୍ଟ ମ୍ୟାନେଜମେଣ୍ଟକୁ ପ୍ରାୟ ୮୪.୧୧ ଲକ୍ଷ, ମେ ଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟସ୍‌କୁ ୫୩.୯୫ ଲକ୍ଷ ସମେତ ଅନ୍ୟାନ୍ୟ ବ୍ୟୟର ବିବରଣୀ ରହିଛି। କିନ୍ତୁ ତଳ ମହାନଦୀ ଅଞ୍ଚଳ ପାଇଁ ଦର୍ଶାଯାଇଥିବା ୯୫.୫୮ ଲକ୍ଷ ବ୍ୟୟର ସବିଶେଷ ହିସାବ ଆରଟିଆଇରେ ପ୍ରଦାନ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସିଏଜିଙ୍କୁ ଅନୁରୋଧ କରିଛି ଯେ ସମଗ୍ର ବ୍ୟୟ ସାଧାରଣ ଆର୍ଥିକ ନିୟମ, ଓଡ଼ିଶା ଆର୍ଥିକ ନିୟମ ଏବଂ ପ୍ରଚଳିତ କ୍ରୟ ପ୍ରକ୍ରିୟା ଅନୁଯାୟୀ ହୋଇଛି କି ନାହିଁ, ସରକାରୀ ଅର୍ଥ ବ୍ୟବହାରରେ ସଞ୍ଚୟ, ସ୍ୱଚ୍ଛତା ଓ ଆର୍ଥିକ ଶୃଙ୍ଖଳାର ନୀତି ପାଳନ କରାଯାଇଛି କି ନାହିଁ, ବେସରକାରୀ ସଂସ୍ଥାମାନଙ୍କୁ ନିୟୋଜନରେ ନିୟମାନୁସାରେ ପ୍ରକ୍ରିୟା ଅନୁସରଣ କରାଯାଇଛି କି ନାହିଁ ସେ ସମ୍ବନ୍ଧରେ ଯାଞ୍ଚ କରାଯାଉ ଏବଂ ତଳ ମହାନଦୀ ଗସ୍ତର ବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଉ। ଏହି ଅବସରରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଏହି ଦାବିପତ୍ର କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିରୋଧରେ ଅଭିଯୋଗ ନୁହେଁ। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ଅର୍ଥର ସ୍ୱଚ୍ଛ ଓ ଜବାବଦେହିତାପୂର୍ଣ୍ଣ ଉପଯୋଗକୁ ସୁନିଶ୍ଚିତ କରିବା। ସେ କହିଛନ୍ତି ଯେ ମହାନଦୀ ବିବାଦ କୋଟି କୋଟି ଲୋକଙ୍କ ଜଳ ନିରାପତ୍ତା, କୃଷି, ଜୀବିକା ଓ ପରିବେଶ ସହ ଜଡ଼ିତ ଥିବାରୁ ଏହି ସମ୍ବନ୍ଧୀୟ ପ୍ରତ୍ୟେକ ସରକାରୀ ବ୍ୟୟ ସମ୍ବିଧାନିକ ଅଡିଟ୍ ବ୍ୟବସ୍ଥାର ନିରୀକ୍ଷଣ ଅଧୀନକୁ ଆସିବା ଉଚିତ। ଏହି ଦାବିପତ୍ରର ନକଲ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ (ଅଡିଟ୍-୧), ଓଡ଼ିଶା, ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦ ବିଭାଗର ପ୍ରଧାନ ସଚିବ, ଇଞ୍ଜିନିୟର-ଇନ୍-ଚିଫ୍, ଆକାଉଣ୍ଟାଣ୍ଟ ଜେନେରାଲ ଓ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

# ବହୁ ପ୍ରତୀକ୍ଷିତ ସାନ୍ତାଳୀ ୱେବ୍‌ସାଇଟ୍ 'ସାନ୍ତାଲ୍ ଭଏସେସ୍'ର ଶୁଭାରମ୍ଭ

ବାରିପଦା,୧।୭(ସମିସ): ବହୁ ପ୍ରତୀକ୍ଷିତ ସାନ୍ତାଳୀ ଡିଜିଟାଲ ପୋର୍ଟାଲ "ସାନ୍ତାଲ୍ ଭଏସେସ୍' ହୁଲ୍ ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନ୍‌ଲାଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ସାନ୍ତାଳୀ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ଡିଜିଟାଲ ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାରପ୍ରସାର ଦିଗରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ, ନେପାଳ ଓ ବାଂଲାଦେଶର ବିଭିନ୍ନ ସମ୍ପାଦକ, ଅବଦାନକାରୀ ଏବଂ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀମାନେ ଯୋଗଦେଇଥିଲେ। ଏହି ତିନୋଟି ଦେଶର ସାନ୍ତାଳୀ ସମ୍ପ୍ରଦାୟର ସମ୍ମିଳିତ ପ୍ରୟାସରେ ଏହି ପୋର୍ଟାଲ କାର୍ଯ୍ୟକ୍ଷମ କରାଯାଇଛି।

"ସାନ୍ତାଲ୍ ଭଏସେସ୍' ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପରିଚାଳିତ ଏକ ୱେବ୍‌ସାଇଟ୍, ଯାହାର ମୁଖ୍ୟ ଉଦ୍ଦେଶ୍ୟ ସାନ୍ତାଳୀ ଭାଷା, ସଂସ୍କୃତି, ଇତିହାସ, ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ସମକାଳୀନ ଘଟଣାବଳୀ ସମ୍ବନ୍ଧୀୟ ପ୍ରାମାଣିକ ତଥ୍ୟକୁ ବିଶ୍ୱ ସମୁଦାୟଙ୍କ ସମ୍ମୁଖରେ ପହଞ୍ଚାଇବା। ଏହି ଅବସରରେ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀ ରାମଜିତ ଟୁଡୁ କହିଥିଲେ ଯେ, ସମ୍ପ୍ରତି ଡିଜିଟାଲ ଯୁଗରେ ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଣ୍ଟରନେଟ୍‌ରେ ଅନୁପସ୍ଥିତ ଥିବାରୁ, ସେହି ଅଭାବକୁ ପୂରଣ କରିବା ଏହି ପୋର୍ଟାଲର ମୂଳ ଲକ୍ଷ୍ୟ। ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ମୂଲ୍ୟବାନ ତଥ୍ୟ ଏପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ନାହିଁ। ଏହି ତଥ୍ୟଗୁଡ଼ିକୁ ସଂଗ୍ରହ, ସଂରକ୍ଷଣ ଓ ବିଶ୍ୱସମ୍ମୁଖରେ ଉପସ୍ଥାପନ କରିବା ସାନ୍ତାଲ୍ ଭଏସେସ୍‌ର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ପୋର୍ଟାଲର ପରାମର୍ଶଦାତା ମଣ୍ଡଳୀରେ ଭାରତର ଆର୍. ଅଶ୍ୱିନୀ ବନ ମୁର୍ମୁ, ରାମଜିତ ଟୁଡୁ ଓ ଫାଗୁ ବାସ୍କେ ଥିବାବେଳେ, ବାଂଲାଦେଶରୁ ମାନିକ ସୋରେନ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।




ଏହାସହ ନେପାଳର ଶିବୁ ମୁର୍ମୁ ଏବଂ ବାଂଲାଦେଶର ଆଲ୍‌ବର୍ଟସ ଟୁଡୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଆଞ୍ଚଳିକ ସମନ୍ୱୟ ଓ ବିଷୟବସ୍ତୁ ବିକାଶରେ ସହଯୋଗ କରିବେ। ୱେବ୍‌ସାଇଟ୍‌ର ମୁଖ୍ୟ ସମ୍ପାଦକ କାରିଆ ବାସ୍କେ ଥିବାବେଳେ, ବୋଦି ବାସ୍କି, ପ୍ରଶାନ୍ତ ହେମ୍ବ୍ରମ, ସୁଭାଷ କିସ୍କୁ, ବିଜେନ୍ଦ୍ର ହାଁସଦା ଏବଂ ଶେଖର ମୁର୍ମୁ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡରୁ ସହଯୋଗୀ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷିଣ ଏସିଆର ବିଭିନ୍ନ ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ "ସାନ୍ତାଲ୍ ଭଏସେସ୍' ସାନ୍ତାଳ ସମାଜର ଇତିହାସ, ଐତିହ୍ୟ, ସଫଳତା ଓ ସମକାଳୀନ ଘଟଣାବଳୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସର୍ବାଧିକ ବିଶ୍ୱସନୀୟ ଇଂରାଜୀ ଡିଜିଟାଲ ପୋର୍ଟାଲ ହେବାର ଲକ୍ଷ୍ୟ ରଖିଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି।

**କର୍କଟ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିପାରେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଆଶା ପୂରଣ ହେବ। କଳାକାରଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୩୦୬-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ।।
- ୧୮୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

## ଆଜି ଆସିଥିଲେ: ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ



କାଳିନ୍ଦୀ ଚରଣ ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏବଂ ନାଟ୍ୟକାର ଥିଲେ। ସେ ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ଅନ୍ୟତମ ପ୍ରବର୍ତ୍ତକ ଭାବେ ମଧ୍ୟ ବେଶ୍ ଜଣାଶୁଣା। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ରଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ 'ସବୁଜ ସାହିତ୍ୟ ସମିତି' ଗଠନ କରିଥିଲେ। ଏହି ସମୟର କବିତାଗୁଡ଼ିକରେ ରୋମାଣ୍ଟିକ୍ ଭାବଧାରା ଏବଂ ପ୍ରକୃତି ପ୍ରୀତି ଦେଖିବାକୁ ମିଳୁଥିଲା। କାଳିନ୍ଦୀ ଚରଣଙ୍କର କାଳଜୟୀ ସୃଷ୍ଟି ହେଉଛି 'ମାଟିର ମଣିଷ'। ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ପରେ 'ମାଟିର ମଣିଷ' ଦ୍ୱିତୀୟ ଶ୍ରେଷ୍ଠ ଉପନ୍ୟାସର ମାନ୍ୟତା ପାଇଛି। ଏହା ଓଡ଼ିଶାର ଗ୍ରାମୀଣ ସମାଜ, ପାରିବାରିକ ସଂହତି ଏବଂ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ଥିଲା। ଏହା ଉପରେ ପରବର୍ତ୍ତୀ ସମୟରେ ଏକ ସଫଳ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇଥିଲା। ତାଙ୍କର ଅନ୍ୟାନ୍ୟ ଉପନ୍ୟାସଗୁଡ଼ିକ ହେଲା 'ଲୁହାର ମଣିଷ', 'ଆଜିର ମଣିଷ' ଏବଂ 'ମୁକ୍ତାଗଡ଼ର କ୍ଷୁଧା'। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜରେ ପଢ଼ିବା ସମୟରେ, ସେ 'ନନସେନ୍ସ କ୍ଲବ୍' ଗଠନ କରିଥିଲେ। ଏହି ସମୟରେ 'ସବୁଜ ଗୋଷ୍ଠୀ'ର ମୁଖପତ୍ର 'ଯୁଗବୀଣା'ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା। ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା। ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ। ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ପାଇଁ ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।

## ମହିଳା ନୁହେଁ; ପୁରୁଷ ଢାଙ୍କନ୍ତି ମୁହଁ

ଏମିତି ଅନେକ ପରମ୍ପରା ରହିଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏଭଳି ଏକ ଅନନ୍ୟ ଏବଂ ରହସ୍ୟମୟ ସଂସ୍କୃତି ହେଉଛି ସାହାରା ମରୁଭୂମିରେ ବାସ କରୁଥିବା 'ତୁଆରେଗ' ଜନଜାତିର। ଏହି ଜନଜାତିରେ ମହିଳାମାନଙ୍କ ବଦଳରେ ପୁରୁଷମାନେ ମୁହଁ ଘୋଡ଼ାଇ ରଖନ୍ତି ଏବଂ ବିବାହ ପରେ ସ୍ୱାମୀ ଯାଇ ସ୍ତ୍ରୀର ଘରେ ରହିଥାଏ। ଏହି ଜନଜାତି ନିଜର ଅନନ୍ୟ ପରମ୍ପରା ଏବଂ ମାତୃକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ପାଇଁ ସାରା ବିଶ୍ୱରେ ଜଣାଶୁଣା। ଭାରତ ଏବଂ ଅନ୍ୟ କେତେକ ଦେଶରେ ସାଧାରଣତଃ ମହିଳାମାନେ ଓଢ଼ଣାରେ ମୁହଁ ଢାଙ୍କିଥାନ୍ତି। ହେଲେ ତୁଆରେଗ ସମାଜରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ଏହି ସମାଜରେ ପୁରୁଷମାନେ ନିଜ ମୁହଁକୁ କପଡ଼ାରେ ଘୋଡ଼ାଇ ରଖିଥାଆନ୍ତି ଏବଂ ମହିଳାମାନେ ଖୋଲା ମୁହଁରେ ରୁହନ୍ତି। ଏଠାରେ ପୁରୁଷମାନେ ନିଜ ମୁହଁ ଏବଂ ମୁଣ୍ଡକୁ ଏକ ସ୍ୱତନ୍ତ୍ର ନୀଳ ରଙ୍ଗର କପଡ଼ାରେ ଘୋଡ଼ାଇ ରଖନ୍ତି, ଯାହାକୁ ସେମାନଙ୍କ ଭାଷାରେ 'ଟାଗେଲମଷ୍ଟ' କୁହାଯାଏ। ଏହି କପଡ଼ା କେବଳ ସେମାନଙ୍କର ସାଂସ୍କୃତିକ ପରିଚୟ ନୁହେଁ, ବରଂ ମରୁଭୂମିର ପ୍ରଖର ସୂର୍ଯ୍ୟକିରଣ, ଧୂଳି ଏବଂ ବାଲିରୁ ମଧ୍ୟ ସେମାନଙ୍କୁ ସୁରକ୍ଷା ଦେଇଥାଏ। ଏଠାରେ ଯୁବକଙ୍କୁ ୨୫ ବର୍ଷ ବୟସ ହୋଇଯିବା ପରେ ହିଁ ମୁହଁ ଢାଙ୍କିବାକୁ ପଡ଼ିଥାଏ। ଏହାପରେ ହିଁ ସେମାନେ ଯେକୌଣସି ସର୍ବସାଧାରଣ ସ୍ଥାନରେ ନିଜ ମୁହଁ ଲୁଚାଇ ରଖିପାରନ୍ତି। ଏହି କାରଣ ଯୋଗୁଁ ସେମାନଙ୍କୁ ସାହାରାର ନୀଳ ପୁରୁଷ ବୋଲି କୁହାଯାଏ। କାରଣ ସମୟ ସହିତ ଏହି ପୋଷାକର ନୀଳ ରଙ୍ଗ ସେମାନଙ୍କ ମୁହଁରେ ଲାଗିଯାଏ। ଏହିପରି ଭାବେ ସେମାନଙ୍କ ପରିଚୟ ଆହୁରି ସ୍ୱତନ୍ତ୍ର ହୋଇଯାଏ। ଏହାବାଦ୍ ଏଠାରେ ପୁରୁଷ ବାହାଘର ପରେ ନିଜ ଘରେ ନୁହେଁ, ବରଂ ପତ୍ନୀଙ୍କ ଘରେ ରହନ୍ତି। ଏହି ସମାଜ ପୂରା ମାତୃକୈନ୍ଦ୍ରିକ ବ୍ୟବସ୍ଥା ଉପରେ ଆଧାରିତ। ପଶୁ ସମ୍ପଦ ଏବଂ ଘରୋଇ ଜିନିଷ ବି ମହିଳାଙ୍କ ପାଖରେ ରହେ। ଯଦି କୌଣସି କାରଣବଶତଃ ଛାଡ଼ପତ୍ର ହୋଇଯାଏ, ତେବେ ପୁରୁଷଙ୍କୁ ଘର ଛାଡ଼ି ଯିବାକୁ ପଡ଼ିଥାଏ। ହେଲେ ପିଲା ନିଜ ମା'ଙ୍କ ପାଖରେ ରହନ୍ତି। ଏହି ସମାଜରେ ନିଜ ଇଚ୍ଛାରେ ବିବାହ କରିବାର ଅଧିକାର ମହିଳାଙ୍କର ଅଛି ଏବଂ ଦରକାର ପଡ଼ିଲେ ଛାଡ଼ପତ୍ର ନେଇପାରିବେ। ଏଠାରେ ମହିଳାମାନେ କେବଳ ପରିବାର ସମ୍ଭାଳି ନ ଥାନ୍ତି, ସାମାଜିକ ଏବଂ ଆର୍ଥିକ କାମରେ ବି ବେଶ୍ ସକ୍ରିୟ ରୁହନ୍ତି। ମହିଳାମାନେ ପାରମ୍ପରିକ ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ ଖୋଲି ସାମିଲ ହୁଅନ୍ତି। ଏହି ଜନଜାତି ମୁଖ୍ୟତଃ ମାଲି, ନାଇଜର, ଆଲଜେରିଆ, ଲିବିଆ ଏବଂ ବୁର୍କିନାଫାସୋ ଭଳି ଦେଶର ମରୁଭୂମି ଅଞ୍ଚଳରେ ବାସ କରନ୍ତି। ଆଜିର ସମୟରେ ଶିକ୍ଷା ଏବଂ ସହରୀ ଜୀବନର ପ୍ରଭାବ ଯୋଗୁଁ କିଛି ଯୁବକ ଏହି ପରମ୍ପରାଠାରୁ ଦୂରେଇ ଯାଉଛନ୍ତି, କିନ୍ତୁ ଗାଁଗୁଡ଼ିକରେ ଏହି ସଂସ୍କୃତି ଆଜି ବି ସେମିତି ରହିଛି।

## ଅଗଷ୍ଟ ୧୫ରେ ମହାଲଢ଼େଇ

## 'ଆୱାରାପନ୍ ୨' ବନାମ 'ବଟୱାରା ୧୯୪୭'





ବକ୍ସ ଅଫିସ୍‌ରେ ଫିଲ୍ମଗୁଡ଼ିକ ମଧ୍ୟରେ ଟକ୍କର ହେବା ଏକ ସାଧାରଣ କଥା ହୋଇଗଲାଣି। ଏବେ ଏକାସାଙ୍ଗେ ତିନି ଚାରୋଟି ଫିଲ୍ମ ରିଲିଜ୍ ହେଉଛି। ଅନେକ ସମୟରେ ଏଥିପାଇଁ ପ୍ରଯୋଜକମାନଙ୍କୁ ବଡ଼ ଧରଣର କ୍ଷତି ସହିବାକୁ ପଡୁଥିବା ବେଳେ କେତେକ ସମୟରେ ଲାଭ ମଧ୍ୟ ହୋଇଥାଏ। ଏଭଳି ପରିସ୍ଥିତିରେ, ସ୍ୱାଧୀନତା ଦିବସ ଅବସରରେ ବକ୍ସ ଅଫିସ୍‌ରେ ଏକ ବଡ଼ ଧମାକା ହେବାକୁ ଯାଉଛି, ଯେଉଁଥିରେ ଦୁଇଟି ବଡ଼ ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ଦେଖିବାକୁ ମିଳିବ। ଏଥିରେ ସନ୍ନି ଦେଓଲ ଏବଂ ଇମ୍ରାନ୍ ହାସମୀଙ୍କ ମଧ୍ୟରେ ଏକ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଇମ୍ରାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ୍ ୨' ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମଟି ୨୦୦୭ରେ ରିଲିଜ୍ ହୋଇଥିବା 'ଆୱାରାପନ୍' ଫିଲ୍ମର ସିକ୍ୱେଲ୍। ନିକଟରେ ଏହାର ଦମଦାର୍ ଟିଜର୍ ରିଲିଜ୍ ହେବା ପରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ୧୪ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ନଜର ଆସିବେ। ଏହା ସହିତ ଜେନେଲିଆ ଦେଶମୁଖ ଏବଂ ଶବାନା ଆଜମୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଅପରପକ୍ଷରେ 'ଗଦର ୨', 'ବର୍ଡର ୨' ଏବଂ 'ଜାଟ୍' ପରେ ଏବେ ସନ୍ନି 'ବଟୱାରା ୧୯୪୭'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ୧୩ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଆସନ୍ତା ୧୫ ଅଗଷ୍ଟ ସପ୍ତାହନ୍ତରେ 'ବଟୱାରା ୧୯୪୭' ଏବଂ 'ଆୱାରାପନ୍ ୨' ବକ୍ସ ଅଫିସ୍‌ରେ ସାମ୍ନାସାମ୍ନି ହେବେ। ଇମ୍ରାନ୍‌ଙ୍କ ଫିଲ୍ମ ପାଇଁ ଏକ ପ୍ଲସ୍ ପଏଣ୍ଟ ହେଲା, ଏହାର ମୂଳ ଫିଲ୍ମ ବେଶ୍ ଲୋକପ୍ରିୟ ଥିଲା। ସବୁଠୁ ବଡ଼ କଥା ହେଉଛି ଏହା ଏକ ମ୍ୟୁଜିକାଲ୍ ରୋମାଣ୍ଟିକ ଡ୍ରାମା ଫିଲ୍ମ। ଏଭଳି ଫିଲ୍ମକୁ ସାଧାରଣତଃ ଦର୍ଶକେ ଅଧିକ ପସନ୍ଦ କରନ୍ତି। 'ଆୱାରାପନ୍ ୨'କୁ ନେଇ ଅନୁମାନ କରାଯାଉଛି ଯେ ଏହା 'ସୈୟାରା'ର (୨୨ କୋଟି ପ୍ରଥମ ଦିନର ଆୟ) ରେକର୍ଡକୁ ମଧ୍ୟ ପଛରେ ପକାଇ ଦେଇପାରେ। ଅନ୍ୟପଟେ, ସନ୍ନିଙ୍କ ଫିଲ୍ମ 'ବଟୱାରା ୧୯୪୭' ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମରେ ଦେଶ ବିଭାଜନ ସମୟର କାହାଣୀ ଦେଖିବାକୁ ମିଳିବ। ଅନ୍ୟପଟେ ଲଗାତାର ସନ୍ନିଙ୍କର ଫିଲ୍ମଗୁଡ଼ିକ ହିଟ୍ ହୋଇଥିବାରୁ ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିବ ବୋଲି ଆଶା କରାଯାଉଛି। ତେବେ ଇମ୍ରାନ୍ କି ସନ୍ନି କିଏ ଦର୍ଶକଙ୍କ ହୃଦୟ ଜିଣି ପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ପ୍ରଥମ ମହିଳା ବାଉନ୍ସର



ବାଉନ୍ସର କହିଲେ, ଲମ୍ବା, ଚଉଡ଼ା ଏବଂ କଳାପୋଷାକ ପିନ୍ଧା ପୁରୁଷଙ୍କ ଦୃଶ୍ୟ ସାମ୍ନାକୁ ଆସିଥାଏ। ଯେଉଁମାନେ ସିନେ ତାରକା, ରାଜନେତା ସମେତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସୁରକ୍ଷାରେ ମୁତୟନ ହୋଇଥାନ୍ତି। ଏହାକୁ ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। ହେଲେ ଏବେ ଏ ଦିଗରେ ମହିଳାଙ୍କ ପ୍ରବେଶ ହୋଇଛି। ଭାରତର ପ୍ରଥମ ମହିଳା ବାଉନ୍ସର ଭାବେ ମେହେରୁନ୍ନିସା ଶୌକତ୍ ଅଲ୍ଲୀ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ସମାଜର ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ମର୍ଦ୍ଦାନୀ ବାଉନ୍ସର ଭାବେ ସେ ଦୁଇଦଶନ୍ଧି ଧରି ପୁରୁଷ ପ୍ରାଧାନ୍ୟ ସମାଜରେ ସୁରକ୍ଷା କାର୍ଯ୍ୟ କରିଆସୁଛନ୍ତି।

ଉତ୍ତରପ୍ରଦେଶ ସହାରନପୁରର ଏକ ଛୋଟ ସହରରେ ମେହେରୁନ୍ନିସା ଜନ୍ମ ହୋଇଥିଲେ। ପିଲାବେଳୁ ପୁଲିସ ଏବଂ ସେନାରେ କାର୍ଯ୍ୟ କରିବା ପାଇଁ ତାଙ୍କର ଖୁବ୍ ଆଗ୍ରହ ଥିଲା। ହେଲେ ପରିବାର ବିରୋଧ ଯୋଗୁ ସେ ଏହା କରିପାରି ନଥିଲେ। ତାଙ୍କ ପରିବାରରେ ଝିଅ ବାହାରକୁ ଯିବା, ପାଠପଢ଼ିବାକୁ ଅପରାଧ ମନାଯାଏ। ଏହା ସତ୍ତ୍ୱେ ସେ ଘରେ ଲୁଚିଛପି, ପାଠପଢ଼ିଲେ। ଏହା ତାଙ୍କ ପିତା ଜାଣିବା ପରେ ବହି ଜାଳି ଦେଇଥିଲେ। ଫଳରେ ସେ ଭାଙ୍ଗି ପଡ଼ିଥିଲେ। ପରେ ମାଆଙ୍କ ସମର୍ଥନ କ୍ରମେ ମେହେରୁନ୍ନିସା ପାଠପଢ଼ା ଜାରି ରଖିଥିଲେ। ସେୟାର ମାର୍କେଟରେ କ୍ଷତି ହେବା ପରେ ତାଙ୍କ ପିତାଙ୍କର ହୃଦଘାତ ହୋଇଥିଲା। ପିତାଙ୍କୁ ଦେଖିବା ପାଇଁ ହସ୍‌ପିଟାଲ୍ ଯିବାବେଳେ ସେଠାରେ ସେ ଛିଡ଼ା ହୋଇଥିବା ହଟାକଟା ବାଉନ୍ସରଙ୍କୁ ଦେଖିଥିଲେ। ଏହା ଦେଖି ମହିଳାମାନେ ମଧ୍ୟ ବାଉନ୍ସର ହୋଇପାରିବେ ବୋଲି ସେ ଅନୁଭବ କରିଥିଲେ। ଏହାପରେ ସେ ୨୦୦୩ ମସିହାରେ ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ।

ପାଞ୍ଚ ଫୁଟ୍ ପାଞ୍ଚ ଇଞ୍ଚ, ଉଚ୍ଚତା ଦେଖି ଲୋକେ ତାଙ୍କୁ ପ୍ରଥମେ ସିକ୍ୟୁରିଟି ଗାର୍ଡ ଭାବୁଥିଲେ। ଏଥିପାଇଁ ସେ କଠିନ ପରିଶ୍ରମ ଏବଂ ତାଲିମ୍ ନେଇ ନିଜକୁ ଦକ୍ଷ କରିଥିଲେ। ପରବର୍ତ୍ତୀ ସମୟରେ ବାଉନ୍ସର ଭାବେ ପରିଚିତ ହେଲେ। ପ୍ରିୟଙ୍କା ଚୋପ୍ରା, ସୋନୁ ନିଗମ୍, ଶାହରୁଖ ଏବଂ ସଲ୍‌ମାନ୍ ଖାନଙ୍କ ସମେତ ଅନେକ ବଲିଉଡ୍ ତାରକାଙ୍କ ବାଉନ୍ସର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ପରିଶ୍ରମ ଅନ୍ୟ ମହିଳାଙ୍କୁ ଏ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛି। ଲୋକେ ତାଙ୍କୁ ଦେଖିଲେ ଆଗ୍ରହର ସହ ସେଲ୍‌ଫି ନେବା ପାଇଁ ଆଗେଇ ଆସନ୍ତି ବୋଲି ସେ କୁହନ୍ତି। ଦିଲ୍ଲୀରେ ସେ ନିଜର ଏକ ସୁରକ୍ଷା ସଂସ୍ଥା ପ୍ରତିଷ୍ଠା କରିଛନ୍ତି। ଏଥିରେ ସେ ଅନ୍ୟ ମହିଳାଙ୍କୁ ତାଲିମ୍ ଦେଇ ରୋଜଗାରକ୍ଷମ କରିଛନ୍ତି। ସେହିପରି ସେ ଦିଲ୍ଲୀର ପ୍ରତିଷ୍ଠିତ ନାଇଟ୍ କ୍ଲବ୍, ପବ୍ ଆଦିରେ ଲୋକଙ୍କୁ ସୁରକ୍ଷା ଦେବାରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ: ତାୱା ସିଙ୍ଗଡ଼ା



**ଆବଶ୍ୟକ ସାମଗ୍ରୀ**

ମଇଦା – ୨୦୦ ଗ୍ରାମ୍, ଦହି – ଅଧା କପ୍, ବେକିଙ୍ଗ୍ ସୋଡ଼ା – ଏକ ଚାମଚ, ଘିଅ – ଏକ ଚାମଚ, ସିଝା ଆଳୁ – ଦୁଇଟି, ଗ୍ରୀନ୍‌ମଟର – ଏକ କପ୍, ଜୀରା – ଏକଚାମଚ, ଧନିଆ – ଏକ ଚାମଚ, ପାନମହୁରୀ – ଅଧା ଚାମଚ, ସୋରିଷ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, କସୁରୀ ମେଥି – ଅଧା ଚାମଚ, ଧନିଆ ପାଉଡର୍ – ଅଧା ଚାମଚ, ଲୁଣ ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ଅଧା କପ୍ ଦହି, ଅଧା ଚାମଚ ଚିନି, ଲୁଣ, ବେକିଂସୋଡ଼ା, ମଇଦା ସହ ଅଳ୍ପ ପାଣି ଦେଇ ଅଟା ଭଳି ଚକଟି ଘୋଡ଼ାଇ ରଖନ୍ତୁ। ଏହାପରେ ଏକ ପାତ୍ରରେ ସିଝାଆଳୁ ଛଡ଼ାଇ ଚକଟନ୍ତୁ। ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ। ସେଥିରେ ଅଳ୍ପ ତେଲ ଜିରା, ପାନମହୁରୀ, ଗୋଟାଧନିଆ, ସୋରିଷ, କଟାଅଦା, ଗ୍ରୀନ୍‌ମଟର ଦେଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ଆମଚୁର ପାଉଡର୍ ଦେଇ ଭାଜନ୍ତୁ। ପରେ ଏହାକୁ କାଢ଼ି ଚକଟି ରଖିଥିବା ଆଳୁରେ ପକାଇ ଗୋଳାନ୍ତୁ। ଏହାପରେ ଚକଟି ରଖିଥିବା ମଇଦାକୁ ଛୋଟ ଗୁଳା କରି ବେଲନ୍ତୁ। ସେଥିରେ ଆଳୁ ଷ୍ଟଫି ଦେଇ ମଇଦାକୁ ତ୍ରିଭୂଜାକାର ଦିଅନ୍ତୁ। କଡ଼େଇରେ ତାୱା ବସାଇ ଅଳ୍ପ ତେଲ ଦେଇ ସିଙ୍ଗଡ଼ାକୁ ସେକନ୍ତୁ। ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ତାୱା ସିଙ୍ଗଡ଼ା'।

### ଡେଲିଭରି ପରେ ପିନ୍ଧନ୍ତୁ ଏପରି ପୋଷାକ



**ସାଧାରଣତଃ ମାଆ ହେବା ପରେ ଜୀବନଶୈଳୀରେ ନାନା ପରିବର୍ତ୍ତନ ହୋଇଥାଏ। ମହିଳାମାନେ ସୁନ୍ଦରଠୁ ଅଧିକ ସୁବିଧାଜନକ ଏବଂ ଆରାମଦାୟକ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ନୂଆ କରି ମାଆ ହୋଇଥିଲେ କିପରି ପୋଷାକ ପିନ୍ଧିବେ ଜାଣି ରଖନ୍ତୁ।**

**କୋ–ଅର୍ଡ ସେଟ୍**

କୋ-ଅର୍ଡ ସେଟ୍‌କୁ ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି। ଏହା ପିନ୍ଧିବାକୁ ଆରାମଦାୟକ ହୋଇଥିବାବେଳେ, ଏଥିରୁ ଏକ କ୍ଲାସି ଲୁକ୍ ମିଳିଥାଏ। ଏହାକୁ ଉଭୟ ଘର ଏବଂ ବାହାର ପିନ୍ଧା କରିପାରିବେ।

**ମ୍ୟାକ୍ସି ଏବଂ ରାପ୍ ଡ୍ରେସ୍**

ସିମ୍ପଲ ଲୁକ୍ ଚାହୁଁଥିଲେ, ମ୍ୟାକ୍ସି ଏବଂ ରାପ୍ ଡ୍ରେସ ପିନ୍ଧିପାରିବେ। ଏହା ପୋଷ୍ଟ ପ୍ରେଗ୍‌ନେସି ମହିଳାଙ୍କୁ ଭଲ ମାନିଥାଏ। ଫ୍ଲୋରାଲ୍ ପ୍ରିଣ୍ଟ ଏବଂ ପେଷ୍ଟାଲ୍ ରଙ୍ଗ ପୋଷାକରୁ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ନରମ ଫାବ୍ରିକ୍ ଚୟନ କରନ୍ତୁ**

ସର୍ବଦା ସାଧା, ସିଧା ଏବଂ ଆରାମଦାୟକ କପଡ଼ା ଚୟନ କରନ୍ତୁ। କଟନ ଲେଲିନ୍ ଏବଂ ଷ୍ଟ୍ରେଚ୍‌ବୁଲ୍ କପଡ଼ା ନୂଆ ମାଆଙ୍କ ପାଇଁ ଭଲ ହୋଇଥାଏ। ତେଣୁ ଚାହିଁଲେ ଫ୍ଲୋରାଲ କଟନ ଫ୍ରକ୍ ମଧ୍ୟ ପିନ୍ଧିପାରିବେ।

### ଆଖି ଅନୁଯାୟୀ କଜଳ ଲଗାନ୍ତୁ

କଜଳ ଆଖିକୁ ଆକର୍ଷଣୀୟ କରିଥାଏ। ଏଥିପାଇଁ ଅଧିକାଂଶ ମହିଳା କଜଳ ଲଗାଇବାକୁ ପସନ୍ଦ କରନ୍ତି। ହେଲେ ଅନେକେ ମହିଳା କଜଳକୁ ମୋଟା, ପତଳା କିଭଳି ଲଗାଇବେ ତାକୁ ନେଇ ଦ୍ୱନ୍ଦରେ ଥାଆନ୍ତି। ତେବେ ଆଖି ଆକାର ଅନୁଯାୟୀ ଲଗାନ୍ତୁ କଜଳ।

**ଆଖି ଛୋଟ ଥିଲେ**

ଛୋଟ ଆଖିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଆଖିର ତଳ ପାଖରେ ମୋଟା ପରିବର୍ତ୍ତେ ପତଳା ଆକାରରେ କଳା ଲଗାନ୍ତୁ। ଛୋଟ ଆଖି ପାଇଁ ଏହା ଖୁବ୍ ଭଲ ହୋଇଥାଏ। ସେହିପରି ଆଖି କୋଣରେ ମଧ୍ୟ ପତଳା କଳା ଲଗାଇବା ଆବଶ୍ୟକ।

**ଆଖିର ଆକାର ବଡ଼ ଥିଲେ**

ସାଧାରଣତଃ ଆଖି ଆକାର ବଡ଼ ଥିଲେ, ଆଖିରେ ବୋଲ୍ଡ ଏବଂ ଗାଢ଼ରଙ୍ଗର କଳା ଲଗେଇ ଆଖିକୁ ସୁନ୍ଦର କରିପାରିବେ। କାରଣ ବଡ଼ ଆଖିରେ ପତଳା କଳା ଲଗାଇଲେ ଏହା ସେତେ ସୁନ୍ଦର ଦେଖାଯାଏନି। ତେଣୁ ବଡ଼ ଆଖି ଥିବା ମହିଳାମାନେ ମୋଟା କଳା ଲଗାଇଲେ ଏହା ଆଖି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ।

### ମୋତି ନିର୍ମିତ ହୁପ୍ ଇୟରିଂ

**ମୁଖମଣ୍ଡଳର ସୌନ୍ଦର୍ଯ୍ୟକୁ ବଢ଼ାଇବାରେ କାନଫୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ବଜାରରେ ଭଳିକିଭଳି ଇମିଟେସନ୍‌ର କାନଫୁଲ ମିଳୁଛି। ହେଲେ ହାତ ତିଆରି କାନଫୁଲ ପିନ୍ଧିବାକୁ ପସନ୍ଦ କରୁଥିଲେ ମୋତି ବ୍ୟବହାର କରି ଘରେ ଆକର୍ଷଣୀୟ କାନଫୁଲ ତିଆରି ପାରିବେ।**



**ଗୋଲାକାର ପର୍ଲ ଇୟରିଙ୍ଗ୍**

ଗୋଲାକାର ରିଙ୍ଗ୍ କାନଫୁଲ ପିନ୍ଧିବାକୁ ଚାହୁଁଥିଲେ ସୁନେଲି ତାରରେ ମୋତିମାଳି ଗୁନ୍ଥି ଏହି କାନଫୁଲ ତିଆରି ପାରିବେ। ଏହା ବିଶେଷ କରି ଧଳା ରଙ୍ଗର ପୋଷାକରେ ଭଲ ମାନିଥାଏ।

**ସିଙ୍ଗଲ୍ ପର୍ଲ**

ଲୁକ୍‌କୁ ପରଫେକ୍ଟ ଏବଂ ଷ୍ଟାଇଲିସ୍ କରିବାକୁ ଚାହୁଁଥିଲେ, ସିଙ୍ଗଲ୍ ପର୍ଲ ଡିଜାଇନ୍ କାନଫୁଲ ପିନ୍ଧିପାରିବେ। ଏ ପ୍ରକାର ଇୟରିଙ୍ଗ୍ ଟ୍ରେଣ୍ଡରେ ରହିଛି। ଅଧିକାଂଶ ମହିଳାଙ୍କର ଏହା ପ୍ରିୟ ହୋଇଥାଏ।

**ହୁପ୍ ଇୟରିଙ୍ଗ୍**

ପାର୍ଟି, ଫଙ୍କସନ୍‌ରେ ନିଜକୁ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଘରେ ଗୋଲଡେନ୍ ୱେୟାର୍ ପର୍ଲ ହୁପ୍ ଡିଜାଇନ କାନଫୁଲ ତିଆରିପାରିବେ। ଏହା ସୁନ୍ଦର ଦିଶିଥାଏ। ମହିଳାଙ୍କ ମଧ୍ୟରେ ଏହି କାନଫୁଲ ଟ୍ରେଣ୍ଡରେ ରହିଛି।




## ନରୱେକୁ ଜିତାଇଲେ ହାଲାଣ୍ଡ

ଡଲାସ, ୧।୭ (ଏଜେନ୍ସି): ଷ୍ଟ୍ରାଇକର ଖେଳାଳି ଏର୍ଲିଙ୍ଗ ହାଲାଣ୍ଡଙ୍କ ଗୋଲ୍ ବଳରେ ଏଠାରେ ମଙ୍ଗଳବାର ରାତିରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ରାଉଣ୍ଡ-୩୨ ମୁକାବିଲାରେ ନରୱେ ୨-୧ ଗୋଲରେ ଆଇଭରୀ କୋଷ୍ଟକୁ ପରାସ୍ତ କରିଛି। ମ୍ୟାଚର ୩୯ତମ ମିନିଟରେ ଆଣ୍ଟୋନିଓ ନୁସାଙ୍କ ଗୋଲ୍ ବଳରେ ନରୱେ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଖେଳର ଦ୍ୱିତୀୟାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ୭୪ତମ ମିନିଟରେ ଆମାଦ ଡିଆଲୋଙ୍କ ଗୋଲ୍ ସହାୟତାରେ ଆଇଭରୀ କୋଷ୍ଟ ମ୍ୟାଚକୁ ୧-୧'ର ବରାବରସ୍ତରକୁ ଆଣିଥିଲା। ତେବେ ଆଇଭରୀ କୋଷ୍ଟର ଏହି ଖୁସି ବେଶୀ ସମୟ ରହି ନ ଥିଲା। ୮୬ତମ ମିନିଟରେ ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ନରୱେ ପାଇଁ ଦ୍ୱିତୀୟ ତଥା ବିଜୟସୂଚକ ଗୋଲଟି ଦେଇଥିଲେ। ଫଳରେ ଫିଫା ବିଶ୍ୱକପ ଇତିହାସରେ ପ୍ରଥମଥର ନକ୍‌ଆଉଟ୍ ଖେଳିଥିବା ଆଇଭରୀ କୋଷ୍ଟ ରାଉଣ୍ଡ-୩୨ରେ ଅଭିଯାନ ଶେଷ କରିଛି। ନରୱେ ପ୍ରି-କ୍ୱାର୍ଟରେ ବ୍ରାଜିଲକୁ ରବିବାର ରାତିରେ ଭେଟିବ।

## ବିଜୟ ଉତ୍ସବ ପାଳନବେଳେ ମେକ୍ସିକୋ ସିଟିରେ ୩ଜଣଙ୍କ ମୃତ୍ୟୁ

ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଇକ୍ୱେଡରକୁ ୨-୦ ଗୋଲରେ ହରାଇ ମେକ୍ସିକୋ ଏହି ସଫଳତା ପାଇଛି। ସେହିଭଳି ଦୀର୍ଘ ୪୦ ବର୍ଷ ପରେ ମେକ୍ସିକୋ ଫିଫା ବିଶ୍ୱକପର ନକଆଉଟରେ ବିଜୟ ସ୍ୱାଦ ଚାଖିଛି। ଏହି ପ୍ରତୀକ୍ଷିତ ବିଜୟ ପରେ ମେକ୍ସିକୋ ସିଟିରେ ଲକ୍ଷ ଲକ୍ଷ ଘରୋଇ ପ୍ରଶଂସକ ଏକାଠି ହୋଇ ବିଶାଳ ଉତ୍ସବ ପାଳନ କରିଥିଲେ। ମୁଖ୍ୟତଃ ଏଞ୍ଜେଲ ଅଫ୍ ଇଣ୍ଡିପେଣ୍ଡେନ୍ସ ସ୍ମାରକୀ ଚାରିପାଖରେ ୧୦ ଲକ୍ଷରୁ ଅଧିକ ଲୋକ ରାସ୍ତାକୁ ଓହ୍ଲାଇ ଉତ୍ସବ ମନାଇଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ୩ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରାଣ ହରାଇଥିବା ପ୍ରଶଂସକଙ୍କ ମଧ୍ୟରେ ଜଣେ ୧୯ ବର୍ଷୀୟା ଓ ୪୮ ବର୍ଷୀୟା ମହିଳା ରହିଛନ୍ତି। ସେହିଭଳି ଜଣେ ୪୪ ବର୍ଷୀୟ ପୁରୁଷ ପ୍ରଶଂସକ ମଧ୍ୟ ପ୍ରାଣ ହରାଇଛନ୍ତି।

## ଶ୍ରୀସନ୍ଥଙ୍କ ଉପରୁ ବାସନ୍ଦ ଉଠାଇଲା କେରଳ ସଂଘ

ତିରୁଅନନ୍ତପୁରମ, ୧।୭ (ଏଜେନ୍ସି): କେରଳ କ୍ରିକେଟ ଆସୋସିଏସନ (କେସିଏ) ବୁଧବାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଏସ. ଶ୍ରୀସନ୍ଥଙ୍କ



ଉପରେ ଲଗାଇଥିବା ୩ ବର୍ଷର ବାସନ୍ଦ ଦଣ୍ଡାଦେଶକୁ ହଟାଇ ଦେଇଛି। କେସିଏ ବିରୁଦ୍ଧରେ ମାନହାନିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ସଂଘ ଗତବର୍ଷ ୪୩ ବର୍ଷୀୟ ଶ୍ରୀସନ୍ଥଙ୍କ ଉପରେ ତିନି ବର୍ଷର ବାସନ୍ଦ ଲଗାଇଥିଲା। ସଂଘ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ କେସିଏ ଏହି ବାସନ୍ଦ ହଟାଇବା ପାଇଁ ନିଷ୍ପତ୍ତି ନେଇଛି। ଶ୍ରୀସନ୍ଥ କେସିଏ ବିରୁଦ୍ଧରେ ତାଙ୍କ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ। ଏହି ଆଧାରରେ କେସିଏ ତାଙ୍କ ଉପରୁ ବାସନ୍ଦ ଉଠାଇ ଦେଇଛି। ଉଲ୍ଲେଖଯୋଗ୍ୟ, ଗତ କେରଳ କ୍ରିକେଟ ଲିଗ୍ (କେସିଏଲ) ମ୍ୟାଚ୍ ପୂର୍ବରୁ ଶ୍ରୀସନ୍ଥଙ୍କ ଉପରେ ଏହି ବାସନ୍ଦ ଲାଗୁ କରାଯାଇଥିଲା।

# ଏମ୍‌ବାପ୍ପେ ମ୍ୟାଜିକ୍; ପ୍ରି-କ୍ୱାର୍ଟରରେ ଫ୍ରାନ୍ସ

ନ୍ୟୁୟର୍କ, ୧।୭ (ଏଜେନ୍ସି):

ଷ୍ଟାର୍ ଷ୍ଟ୍ରାଇକର କିଲିଆନ ଏମ୍‌ବାପ୍ପେଙ୍କ ଡବଲ୍ ଗୋଲ୍ ବଳରେ ଏଠାରେ ବୁଧବାର ସକାଳେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଏକ ମ୍ୟାଚରେ ଶକ୍ତିଶାଳୀ ଫ୍ରାନ୍ସ ୩-୦ ଗୋଲ୍‌ରେ ସ୍ୱିଡେନକୁ ପରାସ୍ତ କରିଛି। ଦୁଇଥରର ବିଶ୍ୱବିଜେତା ଫ୍ରାନ୍ସ ଏହି ବିଜୟ ସହ ବିଶ୍ୱକପ୍‌ର ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରି-କ୍ୱାର୍ଟରରେ ଫ୍ରାନ୍ସର ମୁକାବିଲା ଶନିବାର ରାତିରେ ପାରାଗୁଏ ସହ ହେବ। ଅପରପକ୍ଷରେ ପରାଜୟ ସହ ସ୍ୱିଡେନର ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି।

ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ବିଶ୍ୱର ଏକ ନମ୍ବର ଦଳ ଫ୍ରାନ୍ସକୁ ଆରମ୍ଭରୁ ସ୍ୱିଡେନ କଡ଼ା ଟକ୍କର ଦେଇଥିଲା। ବିଶ୍ୱ ମାନ୍ୟତାର ୩୬ତମ ସ୍ଥାନରେ ରହିଥିବା ସ୍ୱିଡେନର ଶକ୍ତିଶାଳୀ ରକ୍ଷଣାଭାଗକୁ ଫ୍ରାନ୍ସ ଷ୍ଟ୍ରାଇକରମାନେ ଭେଦ କରିବାରେ ବିଫଳ ହୋଇଥିଲେ। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍ (୪୫ତମ)ରେ ଫ୍ରାନ୍ସ ଖାତା ଖୋଲିବାରେ ସଫଳ ହୋଇଥିଲେ। ଓଉସମାନ ଡେମ୍ବେଲଙ୍କ ପାସକୁ ଉଦୀୟମାନ ଷ୍ଟ୍ରାଇକର ଏମ୍‌ବାପ୍ପେ




କୌଣସି ତ୍ରୁଟି ନ କରି ବଲ୍‌କୁ ସ୍ୱିଡେନ ଗୋଲ୍ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଫ୍ରାନ୍ସ ୧-୦ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଫ୍ରାନ୍ସ ଖେଳାଳି ଅଧିକ ଆକ୍ରମଣାତ୍ମକ ମନୋଭାବ ନେଇ ପଡ଼ିଆକୁ ଆସିଥିଲେ। ୫୩ତମ ମିନିଟ୍‌ରେ ବ୍ରାଡଲୀ ବାର୍କୋଲାଙ୍କ ଗୋଲ୍ ଫ୍ରାନ୍ସର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରିଥିଲା।

### କ୍ଲୋଜଙ୍କୁ ଟପିଲେ ଏମ୍‌ବାପ୍ପେ



ଫ୍ରାନ୍ସର ଷ୍ଟାର ଖେଳାଳି କିଲିଆନ ଏମ୍‌ବାପ୍ପେ ସ୍ୱିଡେନ ବିପକ୍ଷରେ ଡବଲ୍ ଗୋଲ୍ ଦେଇ ଦଳକୁ ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରରେ ପହଞ୍ଚାଇଛନ୍ତି। ଏଥିସହ ଫିଫା ବିଶ୍ୱକପ୍ ଇତିହାସରେ ଏମ୍‌ବାପ୍ପେ ଦ୍ୱିତୀୟ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି। ୨୭ ବର୍ଷୀୟ ଏମ୍‌ବାପ୍ପେ ବର୍ତ୍ତମାନ ବିଶ୍ୱକପରେ ମୋଟ୍ ୧୮ ମ୍ୟାଚ୍ ଖେଳି ୧୮ଟି ଗୋଲ୍ ଦେଇଛନ୍ତି। ଆର୍ଜେଣ୍ଟିନା ଅଧିନାୟକ ତଥା ମହାନ ଖେଳାଳି ଲିଓନେଲ ମେସି ୧୯ ଗୋଲ୍ ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତୃତୀୟ ସ୍ଥାନରେ ରହିଥିବା ଜର୍ମାନୀର ପୂର୍ବତନ ଖେଳାଳି ମିରୋସ୍ଲାଭ କ୍ଲୋଜ ୧୬ଟି ଗୋଲ୍ ଦେଇଛନ୍ତି। ଫଳରେ ବିଶ୍ୱକପ୍‌ର ଟପ୍ ସ୍କୋରର ହେବା ଲାଗି ଚଳିତ ଟୁର୍ଣ୍ଣାମେଣ୍ଟରେ ମେସି ଓ ଏମ୍‌ବାପ୍ପେଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ସେହିଭଳି ଚଳିତ ବିଶ୍ୱକପ୍‌ରେ ମେସି ଓ ଏମ୍‌ବାପ୍ପେ ଉଭୟ ୬ଟି ଲେଖାଏ ଗୋଲ୍ ଦେଇ ଗୋଲ୍ଡେନ ବୁଟ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି।

ଏହାପରେ ଦ୍ୱିତୀୟାର୍ଦ୍ଧର ଟାଇମ ଆଉଟ୍ ପରେ ଏମ୍‌ବାପ୍ପେଙ୍କ କମାଲ ପୁଣିଥରେ ଦେଖିବାକୁ ମିଳିଥିଲା। ୭୪ତମ ମିନିଟରେ ଏମ୍‌ବାପ୍ପେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳପାଇଁ ତୃତୀୟ ଗୋଲ୍ ଦେଇଥିଲେ। ୩-୦ ଗୋଲ୍‌ରେ ପଛୁଆ ରହିବା ପରେ ସ୍ୱିଡେନ ଖେଳାଳିମାନେ ମ୍ୟାଚକୁ ଫେରିବା ଲାଗି ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ବିଜୟ ସହ ଫ୍ରାନ୍ସ ଏକାଧିକ ରେକର୍ଡ କରିଛି। ବିଶ୍ୱକପ୍ ଇତିହାସର ପ୍ରଥମ ଦଳ ଭାବେ ଫ୍ରାନ୍ସ କ୍ରମାଗତ ୫ଟି ମ୍ୟାଚରେ ୩ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଗୋଲ ଦେବାରେ ସମର୍ଥ ହୋଇଛି। ସେହିଭଳି ଫ୍ରାନ୍ସ କୋଚ୍ ଡିଡିଅର ଡେଶ୍ଚାମ୍ପ ଫିଫା ବିଶ୍ୱକପ୍ ନକ୍‌ଆଉଟ୍‌ରେ ତାଙ୍କର ୯ମ ବିଜୟ ହାସଲ କରିଛନ୍ତି। ଯାହାକି ଫିଫା ବିଶ୍ୱକପ୍ ଇତିହାସରେ କୌଣସି କୋଚ୍ ପାଇଁ ସର୍ବାଧିକ ନକ୍‌ଆଉଟ୍ ବିଜୟର ରେକର୍ଡ ହୋଇଛି।


ଇକ୍ୱେଡର ବିଦା; ରାଉଣ୍ଡ-୧୬ରେ ମେକ୍ସିକୋ

## ୪୦ ବର୍ଷ ପରେ ମେକ୍ସିକୋର ପ୍ରତୀକ୍ଷିତ ବିଜୟ




ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ୭ମ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ସକାଳେ ମେକ୍ସିକୋ ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଏକପାଖିଆ ମ୍ୟାଚରେ ଘରୋଇ ମେକ୍ସିକୋ ୨-୦ ଗୋଲ୍‌ରେ ଇକ୍ୱେଡରକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ମେକ୍ସିକୋ ଦୁଇଟିଯାକ ଗୋଲ୍ ଦେଇଥିଲା। ୨୨ତମ ମିନିଟରେ ଜୁଲିଆନ କ୍ୱିନୋନ୍ସଙ୍କ ଗୋଲ୍ ସହାୟତାରେ ମେକ୍ସିକୋ ଖାତା ଖୋଲିଥିଲା। ଏହାର ୯ ମିନିଟ ପରେ ମେକ୍ସିକୋ ଏହି ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ୩୧ତମ ମିନିଟରେ ରାଉଲ ଜିମେଞ୍ଜ ମେକ୍ସିକୋ ପାଇଁ ଏହି ଦ୍ୱିତୀୟ ଗୋଲଟି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷବେଳକୁ ମେକ୍ସିକୋ ୨-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ମ୍ୟାଚକୁ ଫେରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲା। କିନ୍ତୁ ମେକ୍ସିକୋ ଡିଫେନ୍ସ କୌଣସି ସୁଯୋଗ ଦେଇ ନ ଥିଲେ। ଶେଷରେ ମେକ୍ସିକୋ ବିଜୟ ଲାଭ କରି ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲା। ସମ୍ପୂର୍ଣ୍ଣ ମ୍ୟାଚରେ ପାସ୍, ପାସ୍ ଆକ୍ୟୁରେସି, ପୋଜେସନ ଆଦିରେ ମେକ୍ସିକୋଠାରୁ ଇକ୍ୱେଡର ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟ ସାଥ୍ ଦେଇ ନ ଥିଲା।

ଅପରପକ୍ଷରେ ଘରୋଇ ମେକ୍ସିକୋ ଦୀର୍ଘ ୪୦ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ବିଶ୍ୱକପ୍‌ରେ ନକ୍‌ଆଉଟ୍ ବିଜୟ ସ୍ୱାଦ ଚାଖିଛି। ଶେଷଥର ଲାଗି ମେକ୍ସିକୋ ୧୯୮୬ ସଂସ୍କରଣରେ ଏକ ନକ୍‌ଆଉଟ୍ ମ୍ୟାଚ୍ ଜିତିଥିଲା। ଏହାପରେ ୧୯୯୪ରୁ ୨୦୧୮ ପର୍ଯ୍ୟନ୍ତ ମେକ୍ସିକୋ ରାଉଣ୍ଡ-୧୬ରେ ହିଁ ଅଟକିଯାଉଥିଲା। ସେହିଭଳି ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏଥର ଘରୋଇ ପରିବେଶରେ ଖେଳୁଥିବାରୁ ମେକ୍ସିକୋ ଆଗକୁ ଆହୁରି ବିପର୍ଯ୍ୟୟ ଘଟାଇବାକୁ ଲକ୍ଷ୍ୟ ରଖିଛି।




ଫିଫା ବିଶ୍ୱକପ୍
ରାଉଣ୍ଡ ଅଫ୍ ୩୨ ମୁକାବିଲା
ଗୁରୁବାର ରାତି
ସ୍ପେନ-ଅଷ୍ଟ୍ରିଆ
ଲସ୍ ଆଞ୍ଜେଲ୍ସ, ରାତି ୧୨ଟା ୩୦
ଶୁକ୍ରବାର ସକାଳ
ପର୍ତ୍ତୁଗାଲ-କ୍ରୋଏସିଆ
ଟରୋଣ୍ଟୋ, ଭୋର ୪ଟା ୩୦
ସୁଇଜରଲାଣ୍ଡ-ଆଲଜେରିଆ
ଭାଙ୍କୋଭର, ସକାଳ ୮ଟା ୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

# ଟି-୨୦ରେ ଅଭିଷେକଙ୍କ ୧୦୦ ଛକା



ଚେଷ୍ଟର-ଲି-ଷ୍ଟ୍ରିଟ, ୩୦।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ପ୍ରଥମ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତୀୟ ଦଳ ଶେଷ ଖବର ସୁଦ୍ଧା ୧୫ ଓଭରରେ ୪ ୱିକେଟ୍ ହରାଇ ୧୩୫ ରନ ସଂଗ୍ରହ କରିଛି। ଓପନର୍ ଅଭିଷେକ ଶର୍ମା ୫୯ ରନ କରି ଆଉଟ୍ ହୋଇଛନ୍ତି। ସେହିଭଳି ଅଧିନାୟକ ଶ୍ରେୟସ ଆୟର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ସାମସନ ୧, ଇଶାନ କିଶାନ ୦ ଓ ତିଲକ ବର୍ମା ୧୩ ରନ କରି ଆଉଟ୍ ହେବା ଦଳ ପାଇଁ ମହଙ୍ଗା ପଡ଼ିଛି। ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ସାକିବ ମହମ୍ମଦ ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି।

ଅଭିଷେକ ଶର୍ମା ୨୪ ବଲରେ ଏହି ଅର୍ଦ୍ଧଶତକୀୟ ପାଳିରେ ୬ଟି ଚୌକା ଓ ୪ଟି ଛକା ମାରିଥିଲେ। ଏଥିସହ ଟି-୨୦ ଫର୍ମାଟରେ ତାଙ୍କ ଛକା ସଂଖ୍ୟା ୧୦୨ରେ ପହଞ୍ଚିଛି। ଫଳରେ ୫ମ ଭାରତୀୟ ବ୍ୟାଟର ଭାବେ ତିଲକ ଅନ୍ତର୍ଜାତୀୟ ଟି-୨୦ରେ ୧୦୦ ଛକା ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ରୋହିତ ଶର୍ମା (୨୦୫ଟି), ସୂର୍ଯ୍ୟକୁମାର ଯାଦବ (୧୭୯), ହାର୍ଦ୍ଦିକ ପାଣ୍ଡ୍ୟା (୧୨୬) ଓ ବିରାଟ କୋହଲି (୧୨୪) ଏହି କ୍ଲବରେ ସାମିଲ ହୋଇଥିଲେ। ଅପରପକ୍ଷରେ ଯୁବ ଭାରତୀୟ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ପ୍ରଥମ ଟି-୨୦ରେ ସୁଯୋଗ ମିଳିନି। ଫଳରେ ସୂର୍ଯ୍ୟବଂଶୀଙ୍କ ଅନ୍ତର୍ଜାତୀୟ ପଦାର୍ପଣ ବିଳମ୍ବ ହୋଇଛି।


ଆଇସିସି ଟି-୨୦ ର୍‌ୟାଙ୍କିଙ୍ଗ୍

## ଅଭିଷେକଙ୍କୁ ହଟାଇ ପ୍ରଥମଥର ଶୀର୍ଷରେ ଇଶାନ

ଦୁବାଇ, ୧।୭ (ଏଜେନ୍ସି): ୱିକେଟ୍‌କିପର ଇଶାନ କିଶାନ ବିଶ୍ୱର ଏକ ନମ୍ବର ଟି-୨୦ ବ୍ୟାଟର ହୋଇଛନ୍ତି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ସଦ୍ୟ ପ୍ରକାଶିତ ଟି-୨୦ ବ୍ୟାଟିଂ ର୍‌ୟାଙ୍କିଙ୍ଗ୍‌ରେ ଇଶାନ ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ସେ ସାଥୀ ଭାରତୀୟ ଖେଳାଳି ଅଭିଷେକ ଶର୍ମାଙ୍କୁ ହଟାଇ କ୍ୟାରିୟରରେ ପ୍ରଥମଥର ଲାଗି ବ୍ୟାଟିଂ ତାଲିକାର ଶୀର୍ଷ ମାନ୍ୟତା ଲାଭ କରିଛନ୍ତି। ଇଶାନଙ୍କ ରେଟିଂ ପଏଣ୍ଟ ୮୭୬ ରହିଛି। ଦୀର୍ଘ ୧୧ ମାସ ଧରି ଏକ ନମ୍ବର ସ୍ଥାନରେ ରହିଥିବା ଅଭିଷେକ ୮୬୯ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଯାଇଛନ୍ତି। ସଦ୍ୟ ସମାପ୍ତ ଆୟର୍ଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜର ପ୍ରଦର୍ଶନକୁ ଆଧାରିତ କରି ଏହି ର୍‌ୟାଙ୍କିଙ୍ଗ ଅପଡେଟ୍ ହୋଇଛି। ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଥିବା ଅନ୍ୟ ଦୁଇ ଭାରତୀୟ ବ୍ୟାଟର ହେଲେ ତିଲକ ବର୍ମା ଓ ସୂର୍ଯ୍ୟକୁମାର ଯାଦବ। ତିଲକ ପୂର୍ବଭଳି ଷଷ୍ଠ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ସୂର୍ଯ୍ୟକୁମାର ଗୋଟିଏ ପାହାଚ ତଳକୁ ଖସି ୮ମ ସ୍ଥାନ ଲାଭ କରିଛନ୍ତି। ପାକିସ୍ତାନର ଶାହିବଜାଦ ଫରହାନ, ଇଂଲଣ୍ଡର ଫିଲ୍ ସଲ୍ଟ ଓ ଶ୍ରୀଲଙ୍କାର ପାଥୁମ ନିଶାଙ୍କ ଯଥାକ୍ରମେ ୩ୟରୁ ପଞ୍ଚମ ସ୍ଥାନ ମଧ୍ୟରେ ରହିଛନ୍ତି।

ଅପରପକ୍ଷରେ ବୋଲିଂ ତାଲିକାରେ ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ ବୁମରା ଗୋଟିଏ ଲେଖାଏ ସ୍ଥାନ ହରାଇଛନ୍ତି। ବରୁଣ ଓ ବୁମରା ଯଥାକ୍ରମେ ୩ୟ ଓ ଷଷ୍ଠ ସ୍ଥାନ ହାସଲ କରିଛନ୍ତି। ଆଫଗାନିସ୍ତାନର ରଶିଦ ଖାନ ଓ ପାକିସ୍ତାନର ଆବରାର ଅହମ୍ମଦ ଯଥାକ୍ରମେ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

## ୱିମ୍ବଲଡନ: ପ୍ରତ୍ୟାବର୍ତ୍ତନର ୪ ବର୍ଷ ପରେ ହାରିଲେ ସେରେନା



ଲଣ୍ଡନ, ୧।୭ (ଏଜେନ୍ସି): ଅବସରର ଦୀର୍ଘ ୪ ବର୍ଷ ପରେ ପୁଣିଥରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ଟେନିସ ଖେଳାଳି ସେରେନା ୱିଲିୟମ୍ସଙ୍କୁ ୱିମ୍ବଲଡନର ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରତ୍ୟାବର୍ତ୍ତନ ପରେ ନିଜର ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍ ଏଠାରେ ଖେଳିଥିବା ୪୪ ବର୍ଷୀୟା ସେରେନା ୩-୬, ୭-୬, ୩-୬ ସେଟରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କ ନିକଟରୁ ହାରିଯାଇଛନ୍ତି। ୱିମ୍ବଲଡନରେ ସିଙ୍ଗଲ୍ସ ଓ ଡବଲ୍ସରେ ମୋଟ ୧୩ଟି ଟାଇଟଲ ଜିତିଥିବା ସେରେନା ଏବେ ମହିଳା ଡବଲ୍ସରେ ଭଉଣୀ ଭେନସଙ୍କ ସହ ମିଶି ଖେଳିବେ। ଉଲ୍ଲେଖଯୋଗ୍ୟ ୨୩ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୨୦୨୨ରେ ପ୍ରଫେସନାଲ ଟେନିସରୁ ଅବସର ନେଇଥିଲେ। ତେବେ ୪ ବର୍ଷ ପରେ ଗତ ମାସରେ ସେ ପୁଣିଥରେ କୋର୍ଟକୁ ଫେରି କେବଳ ମହିଳା ଡବଲ୍ସ ଖେଳିଥିଲେ। ଏବେ ସେ ୱିମ୍ବଲଡନରେ ପ୍ରଥମ ସିଙ୍ଗଲ୍ସ ଖେଳିଛନ୍ତି। ସେରେନାଙ୍କର 'ଅଲିମ୍ପିଆ' ଓ 'ଆଦ୍ରିରା' ନାମକ ଦୁଇଟି କନ୍ୟା ରହିଛନ୍ତି।

## ଜେଏମ୍ ଏକାଡେମୀରେ କ୍ରୀଡ଼ା ସାମ୍ବାଦିକ ସମ୍ବର୍ଦ୍ଧିତ





ଭୁବନେଶ୍ୱର,୧।୭ (ସମିସ): ସ୍ଥାନୀୟ ଜେଏମ୍ କ୍ରୀଡ଼ା ଏକାଡେମୀଠାରେ ବୁଧବାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ ହୋଇଛି। କ୍ରୀଡ଼ାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଜ୍ୟର କିଛି ଆଗଧାଡ଼ିର ସାମ୍ବାଦିକ ଓ ସମାଜସେବୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ କ୍ରୀଡ଼ା ସମ୍ବାଦିକ ସନ୍ତୋଷ ମହାନ୍ତି, ରଜନୀକାନ୍ତ ଶତ୍ରୁଶଲ୍ୟ, ସୁଭଜିତ ଜେନା, ବିଜୟ ଖୁଣ୍ଟିଆ, ତପନ ମହାରଣା, ମନୋଜ ସ୍ୱାଇଁ ଏବଂ ବିଶିଷ୍ଟ ସମାଜସେବୀ ବିକାଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସନାତନ ପାଣି, ସମ୍ମାନିତ ଅତିଥି ପାରା କ୍ରୀଡ଼ାବିତ୍ ରଖାଳ ସେଠୀ ଏବଂ 'ଦୂରଦର୍ଶୀ' ପତ୍ରିକାର ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ରହିଥିଲେ। ଜେଏମ୍ କ୍ରୀଡ଼ା ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ, ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ଏବଂ ପ୍ରଯୋଜକ ଅତିଶ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟବଲ ଉଦଘାଟିତ

ଭୁବନେଶ୍ୱର, ୧।୭ (ସମିସ):

ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସ୍ଥାନୀୟ ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବ୍ଲୁସ୍ୱାଇ ଅର୍ଗାନାଇଜେସନର



ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୩ ଦିନ ଧରି ଖେଳାଯିବ। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ମେଘାଳୟ ୧୦-୦ ଗୋଲରେ ଆସାମକୁ ଓ ନାଗାଲାଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ସେହିଭଳି ଆୟୋଜକ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଅପରପକ୍ଷରେ ପଦ୍ମିନୀ ଟୁଡୁଙ୍କ ଡବଲ ଗୋଲ୍ ବଳରେ ଓଡ଼ିଶା ମହିଳା ଦଳ ୩-୦ ଗୋଲ୍‌ରେ ମେଘାଳୟକୁ ହରାଇଛି। ସରସ୍ୱତୀ ମୁର୍ମୁ ଓଡ଼ିଶା ପାଇଁ ଅନ୍ୟତମ ଗୋଲଟି ଦେଇଥିଲେ। ଓଡ଼ିଶାରେ ପ୍ରଥମଥର ଆୟୋଜିତ ଏହି ଜାତୀୟ ଦୃଷ୍ଟିହୀନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ସୁଧାକର ନାୟକ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଓଏସଡି ଧୀରଜ ପଟ୍ଟନାୟକ, କ୍ଷଣପ୍ରଭା ମହାନ୍ତି, ସନ୍ତୋଷିନୀ ଜୈନ ଓ ବ୍ଲୁସ୍ୱାଇର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ଉପସ୍ଥିତ ରହିଥିଲେ।

## ଫାଓ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧।୭ (ସମିସ): କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଏମଜିଏମ୍ ଫାଓ ଲିଗ୍‌ର ୨୦୨୬ତମ ସଂସ୍କରଣ ଉଦଘାଟିତ ହୋଇଯାଇଛି। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଲିଗରେ ୨୧ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ସନରାଇଜ କ୍ଲବ ୩-୦ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଛି। ସିଏମସି କମିଶନର କୀରନଦୀପ୍ କୌର ସାହୋତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ବିଜୟ ଦାସ, ସହଦେବ ରାଉତ, ବୀରେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଓ ବିଶ୍ୱ ରଞ୍ଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS